ଧରିତ୍ରୀ 51 Years
ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Tuesday, September 23/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 299 | ମୂଲ୍ୟ ₹୭/-




ଗଞ୍ଜାମ–କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିଠାରେ ଗତ ୧୬ ତାରିଖରେ ଭୂସ୍ଖଳନରେ ନଷ୍ଟ ହୋଇଥିବା ରାସ୍ତାର ମରାମତି କାର୍ଯ୍ୟ ଚାଲିଥିବା ବେଳେ ସୋମବାର ପୁଣି ପାହାଡ଼ ଧସିଛି। ପ୍ରବଳ ବର୍ଷା ଯୋଗୁ ମରାମତି ପାଇଁ ଥିବା ନିର୍ମାଣ ସାମଗ୍ରୀ ମଧ ଧୋଇଯାଇଛି।

## ବଳଙ୍ଗା ପୀଡ଼ିତା ନିଜେ କିରୋସିନ ଢାଳି ନିଆଁ ଲଗାଇଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ପୁରୀ ଜିଲା ବଳଙ୍ଗାର ଛାତ୍ରୀ ପୋଡ଼ିହୋଇ ପ୍ରାଣ ହରାଇବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳଙ୍ଗା ପୀଡ଼ିତା ନିଜେ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇଥିଲେ। ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ପୁରୀର ବଳଙ୍ଗା ନିବାସୀ ହିମତ ଅଲ୍ଲୀଙ୍କ ସ୍ତ୍ରୀ (ପୀଡ଼ିତାଙ୍କ ମାଆ) ☞ ପୃଷ୍ଠା–୪




# ଚୌଦ୍ୱାର ଥାନାରେ ମାଡ଼ରୁ ଆତ୍ମହତ୍ୟା

ଚୌଦ୍ୱାର/ମଙ୍ଗୁଳି–ଜଗତପୁର,୨୨।୯ (ଆଶୁତୋଷ ଦାସ/ମାନସ ସାମଲ)

■ ୩ ପୋଲିସ କର୍ମଚାରୀ ପ୍ଲାଷ୍ଟିକ ପାଇପ୍‌ରେ ମାଡ଼ ମାରିଥିବା ଅଭିଯୋଗ ଆଣିଲେ ଭାଇ

■ ବାରାକ୍ ପାଇଖାନାରେ ଝୁଲିପଡ଼ିଲେ ଯୁବକ

ପୋଲିସ ହାଜତ ପରିସରରେ ଯାଇଛି ଆଉ ଏକ ଜୀବନ। ଏକ ଗାଡ଼ି ଚୋରି ମାମଲାରେ ଚୌଦ୍ୱାର ଥାନାରେ ଅଟକ ଥିବା ଢେଙ୍କାନାଳ ଜିଲା ଶଙ୍କରପୁର ଥାନା ଅନ୍ତର୍ଗତ କରୋଗାଁ ଗ୍ରାମର ରସାନନ୍ଦ ନାୟକ(୩୯)ଙ୍କ ମୃତ୍ୟୁ ଘଟିଛି। ୩ଜଣ ପୋଲିସ ରସାନନ୍ଦଙ୍କୁ ପ୍ଲାଷ୍ଟିକ୍ ପାଇପ୍‌ରେ ନିସ୍ତୁକ ମାଡ଼ ମାରିବା ପରେ ସେ କଷ୍ଟ ସହି ନ ପାରି ପୋଲିସ ବାରାକ୍ ଭିତରେ ଥିବା ପାଇଖାନାରେ ଆତ୍ମହତ୍ୟା କରିଥିବା ମୃତକଙ୍କ ସ୍ତ୍ରୀ ଏବଂ ସାନଭାଇ ଅଭିଯୋଗ କରିଛନ୍ତି। ଖବର ପାଇ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ଓ ଜୋନ୧ ଏସିପି ଅରୁଣ କୁମାର ସ୍ୱାଇଁ ପହଞ୍ଚି ରୁଦ୍ଧଦ୍ୱାର ବୈଠକ କରିବା ସହିତ ଫେରି ଯାଇଥିବାବେଳେ ଗଣମାଧ୍ୟମକୁ କିଛି ପ୍ରତିକ୍ରିୟା ଦେଇ ନାହାନ୍ତି। ଏପରି କି ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ମଧ କିଛି ମୁହଁ ଖୋଲୁ ନାହାନ୍ତି। ପୋଲିସର ଏଭଳି ନୀରବତା ଘଟଣା ପଛର ରହସ୍ୟ ଏବଂ ଅଭିଯୋଗକୁ ଚର୍ଚ୍ଚା ମଧକୁ ଠେଲି ଦେଇଛି। ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ☞ ପୃଷ୍ଠା–୪

## ଅଗ୍ରାହ୍ୟ ହେଲା କଂଗ୍ରେସର ଅନାସ୍ଥା

ଭୁବନେଶ୍ୱର,୨୨।୯(ସୁନିତ୍ ମିଶ୍ର)

■ ସମୟ ଅବଧି ଚାଲିଯାଇଥିବାରୁ ଅଗ୍ରାହ୍ୟ

■ ବିଜେଡି-ଭାଜପା ଭାଇ ଭାଇ, ଅନାସ୍ଥା ପ୍ରସ୍ତାବ ଆଣନ୍ତି ନାହିଁ: କଂଗ୍ରେସ

କଂଗ୍ରେସ ଏବଂ ସିପିଆଇ(ଏମ୍) ବିଧାୟକମାନଙ୍କ ପକ୍ଷରୁ ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ସୋମବାର ବାଚସ୍ପତି ସୁରମା ପାଢ଼ୀ ଅଗ୍ରାହ୍ୟ କରିଦେଇଛନ୍ତି। ଅପରାହ୍ନ ୪ଟାରେ ଗୃହ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ନିଜ ଆସନରେ ଠିଆହୋଇ କହିଥିଲେ, କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ଗୃହରେ ଆଲୋଚନା ପାଇଁ ଅଣାଯାଉ। ଏହାପରେ ବାଚସ୍ପତି ସୂଚିତ କରିଥିଲେ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଦ୍ୱାରା ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ନୋଟିସ୍ ବିଧାନସଭାର ସଚିବଙ୍କ ନିକଟରେ ପ୍ରଦାନ କରାଯାଇଥିଲା। ଏହି ଅନାସ୍ଥା ପ୍ରସ୍ତାବରେ କଂଗ୍ରେସର ଅନ୍ୟ ବିଧାୟକ ଏବଂ ସିପିଆଇ(ଏମ୍) ସଦସ୍ୟଙ୍କ ଦସ୍ତଖତ ରହିଥିଲା। ଗତ ଶୁକ୍ରବାର ଏନେଇ ଅବଗତ କରାଇଥିଲେ। ଏହି ନୋଟିସ୍ ପାଇଥିବା କଥା ଗୃହକୁ ଜଣାଇବା ସହ ଗୃହ ସ୍ୱାଭାବିକ ☞ ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ପାକିସ୍ତାନ ସହ ସାଉଦି ଆରବ





ଗୁଜରାଟର ପୋରବନ୍ଦରସ୍ଥିତ ଜେଟିରେ ସୋମାଲିଆ ପାଇଁ ଚାଉଳ ଓ ଚିନି ବୋଝେଇ ହେଉଥିବା ଏକ ମାଲ୍‌ବାହୀ ଜାହାଜରେ ନିଆଁ ଲାଗିଯାଇଛି।

# ଖାଇବର ପାଖ୍‌ତୁନ୍‌ଖ୍ୱାରେ ବିସ୍ଫୋରଣ: ୨୪ ମୃତ

**ପାକ୍ ବାୟୁସେନା ବୋମାମାଡ଼ କରିଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ**

ପେଶାଓ୍ୱର,୨୨।୯

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ପାକିସ୍ତାନୀ ତାଲିବାନର ଏକ କମ୍ପାଉଣ୍ଡରେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖାଯାଉଥିବାବେଳେ ବିସ୍ଫୋରଣ ଘଟିବାରୁ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିବା ପିଟିଆଇ ରିପୋର୍ଟ ପ୍ରକାଶ କରିଛି। ମୃତକଙ୍କ ମଧ୍ୟରେ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ୧୪ ଆତଙ୍କବାଦୀ ରହିଛନ୍ତି। ସେମାନେ ସାଧାରଣ ଲୋକଙ୍କୁ ଢାଲ ଭାବେ ବ୍ୟବହାର କରୁଥିଲେ ବୋଲି ପୋଲିସ ଅଭିଯୋଗ କରିଛି।

ଅନ୍ୟପକ୍ଷରେ ପାକିସ୍ତାନୀ ବାୟୁସେନା ରବିବାର ବିଳମ୍ବିତ ରାତିରେ ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ବୋମାମାଡ଼ କରିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ରିପୋର୍ଟରୁ ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଛନ୍ତି। ରାତି ପ୍ରାୟ ୨ଟା ସମୟରେ ପାକିସ୍ତାନୀ ଯୁଦ୍ଧବିମାନ ତିରହ ଉପତ୍ୟକାର ମାଟ୍ରୁର ଦାରା ଗ୍ରାମ ଉପରେ ୮ଟି ଏଲ୍‌ଏସ୍-୬ ବୋମା ପକାଇଥିଲା। ଅନ୍ୟପକ୍ଷରେ ପାକିସ୍ତାନୀ ଯୁଦ୍ଧବିମାନରୁ ବୋମାମାଡ଼ ଘଟଣାକୁ ସ୍ଥାନୀୟ ପ୍ରଶାସନ ଖଣ୍ଡନ କରିଛି। ବୋମା ତିଆରିରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ବିସ୍ଫୋରଣ ହେବାରୁ ୧୪ ଆତଙ୍କବାଦୀଙ୍କ ସମେତ ୨୪ ଜଣ ପ୍ରାଣ ହରାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ୧୦ ସାଧାରଣ ନାଗରିକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଥିବା ତିରାହ ଥାନାର ଷ୍ଟେଶନ ହାଉସ୍ ଅଫିସର କହିଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମାଟ୍ରୁର ଦାରା ଗ୍ରାମରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ସେଠାରେ ଥିବା କମ୍ପାଉଣ୍ଡରେ ବହୁସଂଖ୍ୟାରେ ସ୍ଥାନୀୟ ଆତଙ୍କବାଦୀ ନେତା ଓ କର୍ମୀଙ୍କ ସମେତ ଆଫଗାନ୍ ଯୋଦ୍ଧା ରହୁଥିଲେ। ଏହା ଆଇଇଡି ଉତ୍ପାଦନର କେନ୍ଦ୍ରସ୍ଥଳ ଥିଲା ଓ ସ୍ନିପର ତାଲିମ ଦିଆଯାଉଥିଲା।

# ୟୁପିରେ ଜାତି ଆଧାରିତ ରାଲି ଉପରେ କଟକଣା

ଲକ୍ଷ୍ନୌ ୨୨।୯

ଉତ୍ତରପ୍ରଦେଶରେ ଜାତିଗତ ଭେଦଭାବକୁ ଶେଷ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଜାତି ଆଧାରିତ ସମସ୍ତ ରାଜନୈତିକ ରାଲି ଉପରେ ରାଜ୍ୟର ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର କଟକଣା ଲଗାଇଛନ୍ତି। ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ମୁଖ୍ୟ ସଚିବ ଦୀପକ କୁମାର ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲାପାଳ ଏବଂ ଏସ୍‌ପିଙ୍କୁ ପଠାଇଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ଏଫ୍‌ଆଇଆର୍, ଗିରଫଦାରି ମେମୋ ଆଦିରୁ ଜାତିର ଉଲ୍ଲେଖ ରହିବ ନାହିଁ।

# ଜିଏସ୍‌ଟି ସଞ୍ଚୟ ଉତ୍ସବ ପ୍ରଗତିକୁ ତ୍ୱରାନ୍ୱିତ କରିବ

**ନାଗରିକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଖୋଲାଚିଠି**

ନୂଆଦିଲ୍ଲୀ,୨୨।୯

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସରେ ଆଣିଥିବା ସଂସ୍କାର (ଜିଏସ୍‌ଟି ୨.୦) ସୋମବାରରୁ ଲାଗୁ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ଏକ ଖୋଲାଚିଠି ଜରିଆରେ ଏହାକୁ 'ଜିଏସ୍‌ଟି ସଞ୍ଚୟ ଉତ୍ସବ' କହିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି।

ଜିଏସ୍‌ଟି ହାର କମିବା ଅର୍ଥ ପ୍ରତି ପରିବାର ପାଇଁ ଅଧିକ ସଞ୍ଚୟ ଏବଂ ବ୍ୟବସାୟ ନିମନ୍ତେ ଅଧିକ ସହଜ ହେବ। ସାରା ଦେଶରେ ନବରାତ୍ରି ପାଳନ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକ ଓ ସେମାନଙ୍କ ପରିବାରକୁ ହୃଦୟଭରା ଶୁଭେଚ୍ଛା ଜଣାଇଛନ୍ତି। ଏହି ଉତ୍ସବ ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧି ଆଣୁ ବୋଲି ସେ କହିଛନ୍ତି। ଚଳିତବର୍ଷର ପାର୍ବଣ ଋତୁ ଅଧିକ ଆନନ୍ଦ ଆଣିଛି। ସେପ୍ଟେମ୍ବର ୨୨ରୁ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଲାଗୁ ହୋଇଛି, ଯାହାର ଉପସ୍ଥିତି ଅନୁଭୂତ ହେବା ଆରମ୍ଭ ହୋଇଛି। ଏହା ସାରା ଦେଶରେ ଜିଏସ୍‌ଟି ସେଭିଂସ୍ ଫେଷ୍ଟିଭାଲ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସଂସ୍କାର ସଞ୍ଚୟ ବଢ଼ାଇବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ପ୍ରତ୍ୟକ୍ଷ ଲାଭ ଦେବ, ଯାହା ଅଧିକ ଅଭିବୃଦ୍ଧି ଓ ନିବେଶକୁ ପ୍ରୋତ୍ସାହିତ କରିବା ସହ ପ୍ରତି ରାଜ୍ୟ ଓ ଅଞ୍ଚଳର ପ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଟିକସ ବ୍ୟବସ୍ଥାର ସରଳୀକରଣ ଏବଂ ପରିବାର, ବ୍ୟବସାୟୀ, କୃଷକଙ୍କ ଉପରେ ଆର୍ଥିକ ବୋଝକୁ ଲାଘବ କରିବା ଏବଂ ଉତ୍ସବ ଋତୁ ସମୟରେ ଆଶ୍ୱସ୍ତି ଆଣିବା ଜିଏସ୍‌ଟି ୨.୦ର ଲକ୍ଷ୍ୟ। ଜିଏସ୍‌ଟିରେ ପୂର୍ବରୁ ରହିଥିବା ୪ଟି ସ୍ଲାବ୍‌ରୁ ୨ଟିକୁ ହଟାଇ ଦିଆଯାଇ କେବଳ ୫% ଓ ୧୮%କୁ ରଖାଯାଇଛି। ଖାଦ୍ୟ, ଔଷଧ, ସାବୁନ, ଟୁଥ୍‌ପେଷ୍ଟ ଆଦି ଦୈନନ୍ଦିନ ଆବଶ୍ୟକତା ସମେତ ବୀମା ଓ ଅନେକ କିଛି ସମ୍ପୂର୍ଣ୍ଣ ଟିକସମୁକ୍ତ ହୋଇଛି କିମ୍ବା ୫ ପ୍ରତିଶତ ଟିକସ ସ୍ଲାବ୍‌ରେ ରହିଛି। ପୂର୍ବରୁ ୧୨% ଟିକସ ଲାଗୁଥିବା ସାମଗ୍ରୀଗୁଡ଼ିକୁ ୫% ସ୍ଲାବ୍ ମଧ୍ୟକୁ ଅଣାଯାଇଛି। ଆୟକର ଛାଡ଼ ଏବଂ ଜିଏସ୍‌ଟିର ନୂଆପିଢ଼ି ସଂସ୍କାରକୁ ଯଦି ଆମେ ଏକାଠି ନେବା, ତେବେ ଲୋକେ ପାଖାପାଖି ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଘରଖର୍ଚ୍ଚ କମିବା ଯୋଗୁ ସେମାନେ ଘର ତିଆରି, ଗାଡ଼ିକିଣା, ବିଭିନ୍ନ ଉପକରଣ କିଣା ଆଦି ଆଶା ଆକାଂକ୍ଷା ପୂରଣ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଏମିରେଟ୍ସ ବିମାନରୁ ଓହ୍ଲାଇ ପଡ଼ିଲେ ଭାରତୀୟ ଯାତ୍ରୀ

**ଏଚ୍-୧ବି ଭିଜା ଫି ବୃଦ୍ଧି ଘୋଷଣା**

**ବିମାନ ଉଡ଼ାଣ ୩ ଘଣ୍ଟା ବିଳମ୍ବ**

ଓ୍ୱାଶିଂଟନ୍, ୨୨।୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଏଚ୍-୧ବି ଓ୍ୱର୍କର ଭିଜାର ନୂତନ ଆବେଦନକାରୀଙ୍କ ପାଇଁ ଫିକୁ ୧ ଲକ୍ଷ ଡଲାର ବୃଦ୍ଧିର ନିର୍ଦ୍ଦେଶ ପରେ ସେଠାରେ ଥିବା ଭାରତୀୟଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଏହି ଘୋଷଣାର ଠିକ୍ ପରେ ଶୁକ୍ରବାର ଆମେରିକାର ସାନ୍‌ଫ୍ରାନ୍ସିସ୍କୋ ବିମାନବନ୍ଦରରୁ ଭାରତ ଆସିବାକୁ ଥିବା ଏମିରେଟ୍ସର ଏକ ଫ୍ଲାଇଟ୍‌ରେ ଭାରତୀୟ ଯାତ୍ରୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପରିଲକ୍ଷିତ ହୋଇଥିଲା। ବିମାନ ଭାରତ ଅଭିମୁଖେ ଉଡ଼ାଣ କରିବାର ଠିକ୍ ପୂର୍ବରୁ କିଛି ଭାରତୀୟ ବିମାନରୁ ଓହ୍ଲାଇ ପଡ଼ିଥିଲେ। ହଠାତ ଅନେକ ଭାରତୀୟ ଯାତ୍ରୀ ବିମାନରୁ ଓହ୍ଲାଇ ପଡ଼ିବାରୁ ପାଇଲଟ୍ ୩ ଘଣ୍ଟା ବିଳମ୍ବରେ ବିମାନର ଉଡ଼ାଣ କରିଥିଲେ। ଉକ୍ତ ଏମିରେଟ୍ସ ବିମାନରେ ଥିବା ଯାତ୍ରୀମାନେ ସୋସିଆଲ ମିଡିଆରେ ଏହାର କିଛି ଭିଡିଓକୁ ଶେୟାର କରିଛନ୍ତି, ଯେଉଁଥିରେ ବିମାନ ମଧ୍ୟରେ ଲୋକମାନେ ଦ୍ୱନ୍ଦରେ ଥିବାର ଦେଖାଯାଉଛନ୍ତି। ଭିଡିଓରେ ବିମାନର କ୍ୟାପ୍ଟେନ୍ ଯାତ୍ରୀମାନଙ୍କୁ କହୁଛନ୍ତି, ବିମାନ ମଧ୍ୟରେ ପରିସ୍ଥିତି ସ୍ୱାଭାବିକ ନାହିଁ। ଆପଣମାନେ ଚାହିଁଲେ ବିମାନ ଛାଡ଼ିପାରିବେ।

# ସ୍ତ୍ରୀଙ୍କୁ ହତ୍ୟା କରି ଫେସ୍‌ବୁକ୍ ଲାଇଭ୍‌ରେ ଜଣାଇଲେ

କୋଲ୍ଲାମ, ୨୨।୯

କେରଳର କୋଲ୍ଲାମରେ ଶାଳିନୀ (୩୯)ଙ୍କୁ ତାଙ୍କ ସ୍ୱାମୀ ଇସ୍‌ହାକ୍ ଗଳାକାଟି ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ଇସ୍‌ହାକ୍ ଫେସବୁକ୍ ଲାଇଭ୍ ଆସି ସ୍ତ୍ରୀ ଶାଳିନୀଙ୍କୁ ହତ୍ୟା କରିଥିବା ନେଇ ଘୋଷଣା କରିଥିଲେ। ଏହାପରେ ସେ ପୁନାଲୁର ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ବୈବାହିକ ଜୀବନରେ ସମସ୍ୟା ଥିବାରୁ ସେ ସ୍ତ୍ରୀ ଶାଳିନୀଙ୍କୁ ହତ୍ୟା କରିଥିବା ନେଇ ପୋଲିସକୁ କହିଥିଲେ। ଶାଳିନୀ ଗାଧୋଉଥିବା ସମୟରେ ଇସ୍‌ହାକ୍ ତାଙ୍କୁ ପଛପଟୁ ଛୁରିରେ ଆକ୍ରମଣ କରିଥିଲେ।

# ସ୍ୱଚ୍ଛ ବାୟୁ ପାଇଁ ଇନ୍ଦୋରରେ 'ନୋ କାର୍ ଡେ'

ଇନ୍ଦୋର ୨୨।୯

ମଧ୍ୟପ୍ରଦେଶର ଅର୍ଥନୈତିକ ରାଜଧାନୀ କୁହାଯାଉଥିବା ଇନ୍ଦୋରରେ ସୋମବାର 'ନୋ କାର୍ ଡେ' ପାଳନ କରାଯାଇଛି। ସ୍ୱଚ୍ଛ ବାୟୁ ଏବଂ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହୋଇଛି। ଏହି ଅବସରରେ ସହରର ଜନ ପ୍ରତିନିଧି ଏବଂ ଅଧିକାରୀମାନେ କାର୍ ବଦଳରେ ବାଇକ୍, ସ୍କୁଟି ଏବଂ ବିଭିନ୍ନ ପବ୍ଲିକ ଟାନ୍ସପୋର୍ଟକୁ ବ୍ୟବହାର କରୁଥିବାର ନଜରକୁ ଆସିଛନ୍ତି। ଇନ୍ଦୋର ଜିଲାପାଳ ଶିଭମ ବର୍ମା ସ୍କୁଟି ଚଳାଇ ନିଜ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ସେହିପରି ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ ସାଇକେଲ ଚଳାଇ ମହାନଗର ନିଗମ କାର୍ଯ୍ୟାଳୟରେ ପହଞ୍ଚିଥିଲେ। 'ନୋ କାର୍ ଡେ' ପାଳନ ବେଳେ ସହରର ଅଧିକାରୀ ଏବଂ ଜନ ପ୍ରତିନିଧିମାନେ ଲୋକଙ୍କୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହ କାର୍ ବଦଳରେ ୨ ଚକିଆ ଯାନ କିମ୍ବା ସାଧାରଣ ପରିବହନ ବ୍ୟବହାର କରିବାକୁ ଅପିଲ କରିଥିଲେ। ସହରରେ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣ, ବାୟୁ ପ୍ରଦୂଷଣ ସ୍ତର ହ୍ରାସ, ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ପ୍ରୟାସ ବୋଲି ମେୟର ପୁଷ୍ୟମିତ୍ର କହିଛନ୍ତି।

# ଅରୁଣାଚଳକୁ ପ୍ରଧାନମନ୍ତ୍ରୀଙ୍କ ୫,୧୦୦ କୋଟିର ପ୍ରକଳ୍ପ

ଇଟାନଗର,୨୨।୯(ପି.ଟି.)



ଇଟାନଗରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅରୁଣାଚଳପ୍ରଦେଶରେ ୫,୧୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଉନ୍ମୋଚନ କରିଛନ୍ତି। ସେଥିରେ ୨ଟି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କଂଗ୍ରେସକୁ ସମାଲୋଚନା କରି ଉକ୍ତ ଦଳ କ୍ଷମତାରେ ଥିବାବେଳେ କୌଣସି ବିକାଶମୂଳକ କାର୍ଯ୍ୟ ନ କରିବାରୁ ଉତ୍ତର-ପୂର୍ବାଞ୍ଚଳକୁ କ୍ଷତି ପହଞ୍ଚାଇଥିଲା ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଯେଉଁ ବିକାଶମୂଳକ କାର୍ଯ୍ୟ କଷ୍ଟସାଧ୍ୟ ତାହାକୁ କଂଗ୍ରେସ ଆଦୌ ନ କରି ଛାଡ଼ିଦେଉଥିଲା। କଂଗ୍ରେସର ଏହି ଅଭ୍ୟାସ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ପାଇଁ ବ୍ୟାପକ କ୍ଷତି ଘଟାଇଥିଲା। ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଏକ ଆହ୍ୱାନ ହୋଇଥିବାରୁ କଂଗ୍ରେସ ଉକ୍ତ ଅଞ୍ଚଳକୁ ପଛୁଆ ଘୋଷଣା କରିବା ସହ ଭୁଲିଯାଉଥିଲା। ରାସ୍ତା ନିର୍ମାଣ ଅସମ୍ଭବ ବୋଲି ଯେଉଁ ଅଞ୍ଚଳକୁ ବିବେଚନା କରାଯାଉଥିଲା, ଏବେ ସେଠାରେ ଆଧୁନିକ ରାଜପଥ। ଯେଉଁ ସେଲା ଟନେଲ ଏକଦା ଚିନ୍ତାର ବାହାରେ ଥିଲା, ଏବେ ତାହା ଅରୁଣାଚଳର ଗର୍ବର ପରିଚୟ ପାଲଟିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

DSPL-273



## ଜାତୀୟ ଆୟୁର୍ବେଦ ଦିବସ-୨୦୨୫ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ସେପ୍ଟେମ୍ବର ୨୩ ତାରିଖକୁ ପ୍ରଥମ ଥର ପାଇଁ ଜାତୀୟ ଆୟୁର୍ବେଦ ଦିବସ ଭାବେ ପାଳନ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ପ୍ରତିବର୍ଷ ଏହା ପାଳନ କରାଯିବ । ଏହି ଦିନର ମହତ୍ତ୍ୱ ହେଉଛି ଶରତକାଳୀନ ସମ-ଦିବାରାତ୍ରି, ଯାହାକି ପ୍ରକୃତିର ସମତୁଳନକୁ ପ୍ରତିଫଳିତ କରିଥାଏ । ଆୟୁର୍ବେଦ ମଧ୍ୟ ଶାରୀରିକ ଓ ମାନସିକ ସନ୍ତୁଳନ ଉପରେ ପର୍ଯ୍ୟବସିତ । ଏହି ଦିନଟି ଆୟୁର୍ବେଦର ମହତ୍ତ୍ୱକୁ ପ୍ରତିପାଦିତ କରେ । ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ଏହା ଏକ ଜୀବନଶୈଳୀ ।

ଆଧୁନିକ ଯୁଗରେ ଯେଉଁଠି ଆମେ ଅନେକ ଜୀବନଶୈଳୀ ଜନିତ ରୋଗର ସମ୍ମୁଖୀନ ହେଉଛୁ, ଆୟୁର୍ବେଦ ଆମକୁ ପ୍ରାକୃତିକ ଉପାୟ ସହ ନିଜ ଶରୀର ଓ ମନକୁ ସୁସ୍ଥ ରଖିବା ଉପାୟ ଶିଖାଏ ।

ଚଳିତ ବର୍ଷ ଜାତୀୟ ଆୟୁର୍ବେଦ ଦିବସର ଅନୁଚିନ୍ତା ହେଉଛି "ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ" । ଆସନ୍ତୁ, ଆୟୁର୍ବେଦକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏହାର ସୁଫଳକୁ ଆହୁରି ସୁଦୂରପ୍ରସାରୀ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ଜାତୀୟ ଆୟୁର୍ବେଦ ଦିବସ-୨୦୨୫ ଉପଲକ୍ଷେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା

ଜାତୀୟ ଆୟୁର୍ବେଦ ଦିବସ ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ଏହି ବର୍ଷ ୨୦୨୫ ଠାରୁ ଆୟୁର୍ବେଦ ଦିବସ ପ୍ରଥମ ଥର ପାଇଁ ନିର୍ଦ୍ଧାରିତ ତାରିଖ ୨୩ ସେପ୍ଟେମ୍ବରରେ ପାଳନ କରାଯିବା ଏକ ଐତିହାସିକ ପଦକ୍ଷେପ । ଏହା ଆୟୁର୍ବେଦର ଜାଗୃତି ଓ ନିୟମିତ ଉପଯୋଗିତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଅଛି ।

ଆୟୁର୍ବେଦ ଆମ ପ୍ରାଚୀନ ଜ୍ଞାନଧାରା, ମାନବ ଜୀବନ ଓ ପୃଥିବୀ ସହିତ ସମନ୍ୱୟ ରଖି ନିଜର ଚିକିତ୍ସା ଦୃଷ୍ଟିକୋଣକୁ ପ୍ରସ୍ତୁତ କରିଅଛି । ଏହି ବର୍ଷର ବିଷୟବସ୍ତୁ "ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ" ଆମକୁ ଏହି ଜ୍ଞାନର ଗଭୀର ମୂଲ୍ୟ ବୁଝାଇବା ସହିତ ମାନବ ସ୍ୱାସ୍ଥ୍ୟକୁ ପ୍ରକୃତି ସହିତ ସମନ୍ୱୟ ରଖିବା ଏବଂ ପୃଥିବୀ ପାଇଁ ମଧ୍ୟ ଦାୟିତ୍ୱବୋଧ ଜଗାଇଥାଏ ।

ଆସନ୍ତୁ, ଆମେ ସମସ୍ତେ ଏହି ପ୍ରାଚୀନ ଓ ସ୍ଥାୟୀ ଚିକିତ୍ସା ଜ୍ଞାନକୁ ଆଧୁନିକ ଜୀବନଶୈଳୀରେ ଅନ୍ତର୍ଭୁକ୍ତ କରି ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ।

(ଡ. ମୁକେଶ ମହାଲିଙ୍ଗ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମନ୍ତ୍ରୀ, ଓଡ଼ିଶା

OIPR-10056/13/0009/2526

# ବଜ୍ରପାତରେ ଶଳା ଭିଣୋଇଙ୍କ ମୃତ୍ୟୁ

ବେଲପଡା,୨୨।୯
(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକର ଡୁଡୁକାମାଲ ଗାଁ ନିକଟରେ ସୋମବାର ଅପରାହ୍ନରେ ବଜ୍ରପାତରେ ଦୁଇ ଜଣ ବ୍ୟକ୍ତିଙ୍କ ପରଲୋକ ଘଟିଛି। ମୃତକ ହେଲେ ବେଲପଡା ବ୍ଲକ ବାଗଦୋର ପଞ୍ଚାୟତ ଅନ୍ତର୍ଗତ ମାଲପଡା ଗ୍ରାମର ଟିକେଧର ମାଝୀ (୩୦) ଓ ତାଙ୍କ ଭିଣୋଇ ଲାଠୋର ଥାନା ଅନ୍ତର୍ଗତ ସାହାଜପାଣି ଗାଁର ଦିଲିପ ମାଝୀ (୩୫)। ସେମାନେ ସମ୍ପର୍କରେ ଦୁହେଁ ଶଳା ଭିଣୋଇ ବୋଲି ଜଣାପଡିଛି।

ପ୍ରକାଶ ଯେ, ସାହାଜପାଣି ଗାଁର ଦିଲିପ କୌଣସି କାମରେ ସକାଳେ ଶଶୁର ଘର ଗାଁ ମାଲପଡାକୁ ବୁଲି ଆସିଥିଲେ। ଶଳା ଭିଣୋଇ କିଛି ସମୟ ଖୁସିରେ ସମୟ ବିତାଇଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଦୁହେଁ ଡୁଡୁକାମାଲ ଗାଁ ନିକଟ ଖାଦାନ (ପୋଖରୀ)କୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ହଠାତ୍ ବର୍ଷା ଓ ଘଡଘଡି ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦିଲିପ ଗତ ୭ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ଓ ଗୋଟିଏ ପୁଅ ଅଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଉଭୟ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।




# ନୂଆପଡ଼ା ଉପନିର୍ବାଚନ: ଇଭିଏମ୍ ଏବଂ ଭିଭିପାଟ୍‌ର ତଦାରଖ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହିକ୍ରମରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ୍ ଏବଂ ଭିଭିପାଟ୍ ଗୋଦାମ ଗୃହରେ ସଂରକ୍ଷିତ ଥିବା ୟୁନିଟ୍‌ଗୁଡ଼ିକର ପ୍ରଥମ ପର୍ଯ୍ୟାୟ ତଦାରଖ କରାଯାଇଛି। ଏହି ଅବସରରେ ଜିଲାପାଳ ତଥା ଜିଲା ମୁଖ୍ୟନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ, ଅତିରିକ୍ତ ଶାସନ ସଚିବ ତଥା ଇଭିଏମ୍-ରାଜ୍ୟ ନୋଡାଲ ଅଧିକାରୀ ପ୍ରମୋଦ କୁମାର ସାହୁ, ଉପ ଶାସନ ସଚିବ ଜିତେନ୍ଦ୍ର ପାତ୍ର, ଅତିରିକ୍ତ ଜିଲାପାଳ ତଥା ଜିଲା ଅତିରିକ୍ତ ନିର୍ବାଚନ ଅଧିକାରୀ ସୁବାସ ଚନ୍ଦ୍ର ରଇତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ ଏବଂ ଆପ୍ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ: ୩ ଅଟକ

କେନ୍ଦୁଝର,୨୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ବିମଳା ସେକ୍ସନର ରାଣିବେଡା ବିଟ ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ସୋମବାର ବନ ବିଭାଗ ଗଳିତ ମୃତଦେହ ଉଦ୍ଧାର କରିଛି। ଏହି ଘଟଣାରେ ବନବିଭାଗ ୩ ଜଣଙ୍କୁ ଅଟକ ରଖିଛି। ଅଭିଯୁକ୍ତମାନେ ହାତୀ ଶିକାର ପାଇଁ ଘର ପାଖ ଏଲ୍‌ଟି ଲାଇନରୁ ତାର ଟାଣି ଜଙ୍ଗଲରେ ବିଛାଇଥିଲେ। ତଦନ୍ତ ବେଳେ ଟାଟା ପାୱାର କମ୍ପାନୀର ଅଧିକାରୀ ଉପସ୍ଥିତ ଥିଲେ ବୋଲି ଡିଏଫ୍ଓ ଧନରାଜ ଏଚଡି ସୂଚନା ଦେଇଛନ୍ତି। ମୃତ ମାଈ ହାତୀର ବୟସ ୧୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପ୍ରାୟ ୧୦ ଦିନ ତଳେ ହାତୀର ମୃତ୍ୟୁ ଘଟିଥିବା ବେଳେ ବିଳମ୍ବରେ ଜାଣିବା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ରେଞ୍ଜରେ କିଛି ମାସ ତଳେ ବିଦ୍ୟୁତ୍ ଆଘାତରେ ଏକ ହାତୀର ମୃତ୍ୟୁ ଘଟିଥିଲେ ହେଁ ବିଳମ୍ବରେ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ବନ ବିଭାଗ ୫ ଜଣଙ୍କୁ ଗିରଫ କରିଥିବାବେଳେ ଫରେଷ୍ଟର ଏବଂ ଗାର୍ଡଙ୍କୁ ବଦଳି କରି ଦାୟିତ୍ୱ ଶେଷ କରିଥିଲା। ଉକ୍ତ ରେଞ୍ଜରେ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟୁଥିଲେ ହେଁ ଏ ନେଇ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ୧୪ମାସରେ ଫେରସ୍ତ ହେଲାଣି ୫୦କୋଟି

## ୧,୩୩,୭୫୫ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିଛି ଟଙ୍କା

ଭୁବନେଶ୍ୱର,୨୨।୯
(ରବିନାରାୟଣ ଜେନା)

ରାଜ୍ୟ ସରକାର ଗତ ୧୪ ମାସ ମଧ୍ୟରେ ୧ଲକ୍ଷ ୩୩ ହଜାର ୭୫୫ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଅର୍ଥ ଫେରସ୍ତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ସରକାର ସବୁବେଳେ ଚିନ୍ତିତ ଓ ତାଙ୍କୁ ଫେରସ୍ତ କରିବା ପ୍ରକ୍ରିୟା ଜାରି ରହିଛି।

ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଗତ ୧୪ମାସ ମଧ୍ୟରେ ସରକାର ୪୯,୬୭,୬୮,୫୪୮ଟଙ୍କା ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଫେରସ୍ତ କରିଛନ୍ତି। ସେଥିମଧ୍ୟରେ ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀ, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ, ହାଇ-ଟେକ୍ ଇନ୍ଫ୍ରାଷ୍ଟ୍ରକଚର ଗ୍ରୁପ୍ ଅଫ୍ କମ୍ପାନୀର ଏବଂ ତଦନ୍ତ କମିଶନଙ୍କ ଅନ୍ତରୀଣ ରିପୋର୍ଟରେ ସୁପାରିସ କରାଯାଇଥିବା ଜମାକାରୀଙ୍କୁ ମିଶାଇ ସର୍ବମୋଟ ୧,୩୩,୭୫୫ କ୍ଷତିଗ୍ରସ୍ତ ଜମାକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ତେବେ ତଦନ୍ତ କମିଶନ ତାଙ୍କ ଅନ୍ତରୀଣ ରିପୋର୍ଟରେ ୪,୭୨,୬୫୧ କ୍ଷୁଦ୍ର ଜମାକାରୀଙ୍କୁ କର୍ପସ ପାଣ୍ଠିରୁ ଅର୍ଥ ଫେରସ୍ତ ପାଇଁ ସୁପାରିସ କରିଥିଲେ । ସେମାନଙ୍କ ମଧ୍ୟରୁ ୯୬,୮୦୧ କ୍ଷୁଦ୍ର ଜମାକାରୀଙ୍କୁ ୪୬ କୋଟି ଟଙ୍କା କର୍ପସ ପାଣ୍ଠିରୁ ଫେରସ୍ତ କରାଯାଇଛି। ରାଜ୍ୟ ସରକାର କ୍ଷୁଦ୍ର ଜମାକାରୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୩୦୦ କୋଟି ଟଙ୍କାର ଏକ କର୍ପସ୍ ପାଣ୍ଠି ସୃଷ୍ଟି କରିଛନ୍ତି। ରାଜ୍ୟରେ ଆନୁମାନିକ ୨୪,୭୫,୭୮୨ କ୍ଷତିଗ୍ରସ୍ତ ଜମାକାରୀ ୬୮୬୦,୧୪,୪୨,୨୬୩ ଟଙ୍କା ବିଭିନ୍ନ ବେଆଇନ ଆର୍ଥିକ ପ୍ରତିଷ୍ଠାନରେ ପୁଞ୍ଜି ନିବେଶ କରିଛନ୍ତି। ଅଦ୍ୟାବଧି ୩,୧୬,୦୬୩ ଜମାକାରୀଙ୍କୁ ମୋଟ ୧୨୩ କୋଟି ଟଙ୍କା ଫେରସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

# ରାଜ୍ୟର ମୁଣ୍ଡପିଛା ଋଣ ୨୫,୯୮୯ ଟଙ୍କା: ମୁଖ୍ୟମନ୍ତ୍ରୀ

## ଓଡ଼ିଶାର ଋଣ ଭାର ୧.୩୪ ଲକ୍ଷ କୋଟିକୁ ଟପିବ

ଭୁବନେଶ୍ୱର,୨୨।୯ (ରବିନାରାୟଣ ଜେନା)

ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୧ଲକ୍ଷ ୩୪ହଜାର କୋଟି ଟଙ୍କାକୁ ଟପିଯିବ। ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ସୋମବାର ଗୃହକୁ ଦର୍ଶାଇଛନ୍ତି, ୨୦୦୦-୦୧ରେ ରାଜ୍ୟରେ ୨୧ହଜାର ୧କୋଟି ୮୮ଲକ୍ଷ ଟଙ୍କା ଋଣଭାର ଥିବାବେଳେ ଏହା ୨୦୧୩-୧୪ ଆର୍ଥିକବର୍ଷ ଶେଷସୁଦ୍ଧା ୩୮ହଜାର ୬୬୬ କୋଟି ୨୪ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ସେହିପରି ୨୦୨୩-୨୪ ଆର୍ଥିକବର୍ଷ ଶେଷସୁଦ୍ଧା ଏହା ୯୬,୩୧୦କୋଟି ୪୦ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ ଆର୍ଥିକବର୍ଷ ଶେଷସୁଦ୍ଧା ରାଜ୍ୟର ଋଣଭାର ୧,୩୪, ୯୧୩କୋଟି ୮୪ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ମୁଖ୍ୟମନ୍ତ୍ରୀ ସୋମବାର ଦର୍ଶାଇଛନ୍ତି, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ନିଟ୍ ୨୪,୪୦୦ କୋଟି ଟଙ୍କା ଋଣ ଆହରଣ କରିଛନ୍ତି। ଋଣ ପରିମାଣ ହ୍ରାସ ପାଇଁ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜସ୍ୱ ବଳକା ସୃଷ୍ଟିକରି ଋଣ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିଛନ୍ତି। ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ସରକାର ଆଉ କୌଣସି ଋଣ ଆଣୁ ନାହାନ୍ତି। 'ଏସ୍ଏଏସ୍‌ସିଆଇ' ଯୋଜନା ଅଧୀନରେ ୫୦ ବର୍ଷର ସୁଧବିହୀନ ଋଣକୁ ପ୍ରାଥମିକତା ଦେଇ ବିଭିନ୍ନ ବିଭାଗରେ ସଂସ୍କାର ଅଣାଯାଉଛି। ଏହି ପଦକ୍ଷେପରୁ ରାଜ୍ୟର ପ୍ରତିବର୍ଷ ସୁଧଦେୟର ଭାର ହ୍ରାସ ପାଉଛି। ଏହାସହିତ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ତଥା ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ ଅନୁଯାୟୀ ରାଜ୍ୟର ଋଣଭାର ରାଜ୍ୟ ଜିଏସ୍‌ଡିପିର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଆବଶ୍ୟକ। ଏହା ବ୍ୟତୀତ ସୁଧ ଦେୟ ଓ ମୋଟ ରାଜସ୍ୱର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ସୀମିତ ରଖାଯିବା ଦରକାର। ତେବେ ରାଜ୍ୟର ଋଣଭାର ଓ ରାଜ୍ୟ ଜିଏସ୍‌ଡିପି ଅନୁପାତ ବର୍ଷ ୨୦୨୪-୨୫ ଶେଷରେ ୧୨.୭୨ ପ୍ରତିଶତ ଏବଂ ସୁଧ ଦେୟ ଓ ରାଜ୍ୟର ମୋଟ ରାଜସ୍ୱର ଅନୁପାତ ଏହି ବର୍ଷରେ ୨.୮୭ ପ୍ରତିଶତ ଅଟେ। ଏହିସବୁ ଅନୁପାତ ଧାର୍ଯ୍ୟ ସୀମାଠାରୁ ଯଥେଷ୍ଟ କମ୍ ଅଟେ। ୨୦୨୪-୨୫ ଆର୍ଥିକବର୍ଷ ଶେଷସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣ ୨୫,୯୮୯.୩୬ ଟଙ୍କା ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।




# କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ

## ପଥର ଖସି ରାସ୍ତାରେ ଖାଲ, ମରାମତି କାର୍ଯ୍ୟ ବନ୍ଦ

ଫୁଲବାଣୀ/ଜି.ଉଦୟଗିରି/ଭଞ୍ଜନଗର,୨୨।୯(ରାକେଶ କୁମାର ରାଉତ/ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ/ବାବୁଲା ପ୍ରଧାନ)

ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ସୋମବାର ପୁଣି ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ଯୋଗୁ ୧୫୭ ନଂ. ଜାତୀୟ ରାଜପଥରେ ପୁଣି ଥରେ ପଥର ଖସି ୪୦/୫୦ ଫୁଟର ଖାଲ ସୃଷ୍ଟି ହୋଇଛି। ଗତ ୧୬ ତାରିଖରେ ଉକ୍ତ ଘାଟି ରାସ୍ତାରେ ଭୂସ୍ଖଳନ ହୋଇଥିଲା। ପ୍ରାୟ ୧୦୦ ଫୁଟ ଉଚ୍ଚ ପାହାଡ଼ରୁ ୫୦ ଫୁଟ ଓସାରରେ ମାଟି ଧସିଥିଲା। ବଡ଼ ବଡ଼ ପଥର ଖସି ଜାତୀୟ ରାଜପଥ ଧୋଇ ହୋଇଯାଇଥିଲା। ସେବେଠାରୁ କନ୍ଧମାଳରୁ ଗଞ୍ଜାମ ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି କିଭଳି ଏହି ରାସ୍ତା କମ୍ ସମୟ ଭିତରେ ସ୍ୱାଭାବିକ ହୋଇପାରିବ ତା'ର ବ୍ୟବସ୍ଥା କରି ମରାମତି କାର୍ଯ୍ୟଚଳାଇ ଥିବା ବେଳେ ଏବେ ପୁଣି ଥରେ ପଥର ଖସିଛି। ମରାମତି କାମ ଚାଲୁଥିବା ସ୍ଥାନରେ ପୁଣି ଭୂସ୍ଖଳନ ଘଟିଥିବା ବେଳେ ପ୍ରବଳ ବର୍ଷା ଓ ପାଣି ସ୍ରୋତରେ ରାସ୍ତା ନିର୍ମାଣ ପାଇଁ ଥିବା ସମସ୍ତ ସାମଗ୍ରୀ ଧୋଇଯାଇଛି। ପଥର ଖସିବା ଯୋଗୁ ଶ୍ରମିକମାନେ କାମ ବନ୍ଦ ରଖିଛନ୍ତି। ପଥର ଖସି ରାସ୍ତାକୁ ଅବରୋଧ କରିଥିବାରୁ ନିର୍ମାଣାଧୀନ କାମରେ ବାଧା ସୃଷ୍ଟି ହେଉଛି। ପାହାଡ଼ ଉପରେ ଅନ୍ୟ ବଡ଼ ପଥର ମଧ୍ୟ ଅଧାରେ ଅଟକି ରହିଛି। ଏହି ସମୟରେ ଜାତୀୟ ରାଜପଥ ସମ୍ବଲପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶାନ୍ତନୁ ସାହୁ ଓ ଚିଫ୍ କଣ୍ଟ୍ରୋଲିଂ ଇଞ୍ଜିନିୟର ବିକ୍ରମ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ସମୀକ୍ଷା କରିଛନ୍ତି। ପୁଣିଥରେ ଭୂସ୍ଖଳନ ଘଟିବାରୁ ମରାମତି କାମ କେବେ ସମାପ୍ତ ହେବ ସେଥି ନେଇ ଅନିଶ୍ଚିତତା ଦେଖାଦେଇଛି।

ଏ ସମ୍ପର୍କରେ କାମ କରୁଥିବା ସଂସ୍ଥାର ପରିଚାଳକ ଗଜରାଜ ସିଂ କହିଛନ୍ତି ସୋମବାର ଅପରାହ୍ନ ୧ଟାରୁ ୨ଟା ମଧ୍ୟରେ ପ୍ରବଳ ବର୍ଷା ହୋଇଥିଲା। ପାହାଡ଼ରୁ ବଡ ବଡ ପଥର ଖସିବାରୁ ଆମେ ଯେଉଁ କାମ କରିଥିଲୁ, ତାହା ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ପୁଣି କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ସମ୍ବଲପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଶାନ୍ତନୁ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘାଟି ରାସ୍ତା ମରାମତି କାମ ଚାଲିଥିଲା। ଏକ୍ସପର୍ଟ ଟିମ ଆସି ନାହାନ୍ତି। ବର୍ଷା ଯୋଗୁ କାମ ଯାହା ହୋଇଥିଲା ତାହା ଧୋଇଯାଇଛି। ବର୍ଷା କମିଲେ କାମ ଆରମ୍ଭ ହେବ ବୋଲି କହିଛନ୍ତି।




# ୧୫ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟଙ୍କ ନୋଟିସ

## ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଥିବା ନେଇ ମାମଲା

କଟକ,୨୨।୯(କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ଅଧିନସ୍ଥ ୧୫ଟି ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ଏହି ପଦବୀଗୁଡ଼ିକ ପୂରଣ ପାଇଁ ରୁଜୁ ଏକ ଜନସ୍ୱାର୍ଥ ମାମଲାର ସୋମବାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୫ଟି ବିଶ୍ୱବିଦ୍ୟାଳୟର କୁଳସଚିବମାନଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୧୦ ତାରିଖ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୨ ମସିହାରୁ ନିଯୁକ୍ତି ପ୍ରକ୍ରିୟା ବନ୍ଦ ହୋଇଯାଇଥିବାରୁ ଓଡ଼ିଶାର ୧୫ଟି ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ୨୦୨୫ ମାର୍ଚ୍ଚ ୨୧ ତାରିଖ ସୁଦ୍ଧା ୨୮୫ଟି ଅନୁମୋଦିତ ପ୍ରଫେସର ପଦବୀ ଥିବାବେଳେ ୨୪୨ ପଦବୀ ଖାଲିପଡ଼ିଛି। ସେହିପରି ଅନୁମୋଦିତ ଆସୋସିଏଟ୍ ପ୍ରଫେସର ପଦବୀ ୫୭୮ ମଧ୍ୟରୁ ୪୩୬ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରେ ଅନୁମୋଦିତ ୧୧୪୩ରୁ ୬୫୪ଟି ଖାଲି ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୧୬୧, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫୮, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୯୫, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୮, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୭୬, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୪୯, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ୨୦, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୮, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୫, ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟରେ ୯୬ ଅଧ୍ୟାପକ ପଦବୀ ଖାଲିପଡ଼ିଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଜାତୀୟ ଆୟୁର୍ବେଦ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୩୦।
- କଣ୍ଟ୍ରାକ୍ଟର ଆସୋସିଏଶନ୍ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଆରଡବ୍ଲ୍ୟୁଏସ୍ଏସ୍ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଶାନ୍ତି କମିଟିର ବୈଠକ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ରାଷ୍ଟ୍ରୀୟ ଅଭିଲେଖାଗାର ଓଡ଼ିଶା ପକ୍ଷରୁ ୧୮ତମ ମାସିକ ଆଲୋଚନାଚକ୍ର, ସ୍ଥାନ: ରାଷ୍ଟ୍ରୀୟ ଅଭିଲେଖାଗାର, ଏମ୍,୭୯, ମଧୁସୂଦନ ନଗର, ସମୟ: ଅପରାହ୍ନ ୫ଟା।
- ସ୍ୱରାଞ୍ଜଳୀ ପକ୍ଷରୁ 'ଲତା ନାଇଟ୍' ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଜନକଲ୍ୟାଣ କ୍ଲବ୍‌ର ୫୭ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କ୍ଲବ୍ ପରିସର, ୟୁନିଟ୍ -୯, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ୨୩ତମ ସ୍ମୃତି ସମାରୋହ, ସ୍ଥାନ: ଇନ୍‌ଷ୍ଟିଚ୍ୟୁସନ ଅଫ୍ ଇଞ୍ଜିନିୟର୍ସ ଅଡ଼ିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ଗବେଷଣା ଓ ପ୍ରକାଶନ ନୀତି-୨୦୨୫ ସମ୍ପର୍କିତ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ମିଶନ ଶକ୍ତି ଗୋଷ୍ଠୀ ସହାୟକ କର୍ମଚାରୀଙ୍କ ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ବାସୁଦେବପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପିଲା ଗଣେଶ ଭସାଣି, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଞ୍ଚାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଡାକବଙ୍ଗଳା ପରିସର, ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ବିଶିଷ୍ଟ ଐତିହାସିକ ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟା, ସ୍ଥାନ: ଜିଲ୍ଲା ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**
- ମା' ଗଡ଼ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଓଡ଼ିଶା ପ୍ରାଦେଶିକ ଆୟୁର୍ବେଦ ସମ୍ମିଳନୀ, ସ୍ଥାନ: ୟୁନିୟନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ୬୮ତମ ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ, ସ୍ଥାନ: ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ, ସମୟ: ସକାଳ ୯ଟା।

**ଜଗତସିଂହପୁର**
- ମିଶନ ବାତ୍ସଲ୍ୟ ଅନ୍ତର୍ଗତ ଏସ୍ଏଫ୍‌ସିଏସି ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲ୍ଲା ଟିବି ଫୋରମ ବୈଠକ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜଗତ୍‌ସିଂହପୁର ପୁସ୍ତକ ମେଳା କମିଟି କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ମାଇଁ ଏନ୍‌ସିସି ଆଲୁମ୍ନି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।

**ଯାଜପୁର**
- ମା' ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗୋତ୍ସବ ଅବସରରେ ରଥୋପରି ଷୋଡ଼ଶ ଉପଚାର ପୂଜା ଓ ରଥ ଚାଳନା, ସ୍ଥାନ : ମା ବିରଜା ମନ୍ଦିର ପରିସର, ସମୟ: ଅପରାହ୍ନ ସାଢ଼େ ୩ଟା।

**ନୟାଗଡ଼**
- ବିମଳାଙ୍କ ଷୋଡଶ ପୂଜାର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ରଣପୁର ବ୍ଲକ ଦେଉଳି ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ସାଢ଼େ ୯ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଦଶମ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ଷୋଡଶ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ଷୋଡଶ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ସପ୍ତମ ଦିବସ, ସ୍ଥାନ: ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ଅୟମାରମ୍ଭ ଦିବସରେ ପାହାଡ ଶିଖରରେ ଭକ୍ତମାନଙ୍କ ସମାଗମ, ସ୍ଥାନ: ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ: ସକାଳ ୮ ଟା।

**ରାୟଗଡ଼ା**
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା, ସ୍ଥାନ: ମୁନିଗୁଡ଼ା କମ୍ୟୁନିଟି ହଲ୍ ପରିସର, ସମୟ: ସକାଳ ୯ ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ରାଇଘର ରାଇଘର ବ୍ଲକ ଡୁରୁଡ଼ିହି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ସମୀକ୍ଷା, ସ୍ଥାନ: ରାୟଗଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ,
- ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ସ୍ୱୋସାଲିଷ୍ଟ ସ୍ୱାସ୍ଥ୍ୟମେଳା, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାବଣାଗୁଡା, ଜୟପୁର, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲମତାପୁଟ, ସମୟ: ସକାଳ ୯ଟା।
- ଜଙ୍ଗଲ ଅଧିକାର ଆଇନ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲ୍ଲାପାଳଙ୍କ କୋରାପୁଟ ବ୍ଲକ ଗସ୍ତ, ସ୍ଥାନ: କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ପାଳନ ନେଇ ନନ୍ଦପୁର ପୋଲିସ,ପ୍ରଶାସନର ପ୍ରସ୍ତୁତି ବୈଠକ, ସ୍ଥାନ: ନନ୍ଦପୁର ଥାନା ପରିସର, ସମୟ: ଅପରାହ୍ନ ୪ଟା।
- ନୀତିଆୟୋଗର ପ୍ରଥମ ହଜାର ଦିନ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଅନେଶ୍ୱା ହଷ୍ଟେଲର ବିଭିନ୍ନ ସାମଗ୍ରୀ କିଣା ନେଇ ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

**ମାଲକାନଗିରି**
- ଜଳ ଓ ପରିମଳ ସ୍ୱଚ୍ଛତା ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ମାଲକାନଗିରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଦଶହରା ମାନସିକ ଦୀପ ପ୍ରଜ୍ୱଳନ, ସ୍ଥାନ : ସମଲେଇ ମନ୍ଦିର ପରିସରସ୍ଥ ଦୀପ ଘର, ସମୟ : ସକାଳ ୬ଟା।
- ରଣେଶ୍ୱର ରାମଚଣ୍ଡି ପୀଠରେ ନବରାତ୍ର କାର୍ଯ୍ୟକ୍ରମ, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୮ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ମା' ସମଲେଇଙ୍କ ଧବଳମୁଖି ବେଶ ଦର୍ଶନ ନିତି, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୫ଟା ପୂର୍ବାହ୍ନ ୧୧ଟା ୪୫।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଶ୍ରୀରାମ ଲିଲା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

**ବରଗଡ଼**
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

**କଳାହାଣ୍ଡି**
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଦରମା ପ୍ରଦାନ ଦାବିରେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରଙ୍କ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରବାସୀ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାବା ଖଣ୍ଡୁଆଳ ଖେଳ ପଡିଆ, ଥୁଆମୂଳ ରାମପୁର, ସମୟ: ଅପରାହ୍ନ ୪ ଟା।

**ବୌଦ୍ଧ**
- ମନମୁଣ୍ଡାକୁ ଏନ୍ଏସି ଘୋଷଣା ଦାବିରେ ୧୨ ଘଣ୍ଟିଆ ମନମୁଣ୍ଡା ବନ୍ଦ, ସ୍ଥାନ: ମନମୁଣ୍ଡା, ସମୟ ସକାଳ ୬ଟା।
- ବନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଗଜାନନ ନର୍ସରୀ, ବାମଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ନବରାତ୍ର ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପ୍ରନ୍ଥା ପାଇଁ ଆଲୋଚନା, ସ୍ଥାନ: ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: କର୍ଡ଼ାପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ରର ଦ୍ୱିତୀୟ ଦିବସ ପୂଜାର୍ଚ୍ଚନା, ସ୍ଥାନ: ଅମରପାଲି ଦୁର୍ଗାମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।

**ନୂଆପଡ଼ା**
- ଶ୍ରୀଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ନବରାତ୍ର ପୂଜା, ମା' ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡିଆ ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରେସନ ଭବନ, ଖଡ଼ିଆଳ, ସମୟ: ସକାଳ ୯ ଟା।
- ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତିଙ୍କ ଯୋଗଦାନ, ସ୍ଥାନ: ଅଗ୍ରେସନ ଭବନ ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସପ୍ତମ ଦିବସ, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡା, ସମୟ: ପୂର୍ବାହ୍ନ ୧୧ ଟା
- ନାଗବାଚା ଗାଦି ଯାତ୍ରା ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ, ସମୟ: ଅପରାହ୍ନ ୫ ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୀର୍ଘଦିନାନ୍ତେ କର୍ମକ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ। ସଭାସମିତିରେ ଉନ୍ନତ ଆଲୋଚନା ସାଙ୍ଗକୁ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ସହକର୍ମୀଙ୍କ ସହଯୋଗରେ ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତାକୁ ଦୂରେଇବାରେ ନୂତନ କୌଶଳ ଅବଲମ୍ବନ କରିବେ।

**ବୃଷ** ପରିବାରର ବାରଣ ନ ମାନି ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର ତିଆରି, ଯାନବାହନ ମରାମତି ଏବଂ ଦୋକାନର ଉନ୍ନତି କାରଣରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନ୍‌ସନ ଲାଗିରହିବା ସୂଚନା ରହିଛି। ବିଗତ ଦିନରେ ଘଟିଯାଇଥିବା ଘଟଣାର ମୋଡ଼ ବଦଳିଯାଇପାରେ।

**ମିଥୁନ** ଆଜି ଆନୁଷ୍ଠାନିକ କାମରେ ନିୟୋଜିତ ହେବେ। ଜମିଜମା, ପୁରୁଣା ଗାଡ଼ି କିମ୍ବା ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇପାରନ୍ତି। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟିହେବ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କର୍କଟ** ଆପଣଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପଛରେ ବହୁ ସମାଲୋଚନା ଶୁଣିବାକୁ ପଡ଼ିବ। ଆଜି ଟଙ୍କା ପଇସା ଦିଆନିଆରେ ସତର୍କ ରହିବା ଭଲ ହେବ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ ଯାହାକି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧିପାଇବ।

**ସିଂହ** କର୍ମକ୍ଷେତ୍ରରେ ଅଳସୁଆମି, ଅବହେଳା ଏବଂ ଅବିଚାର ଯୋଗୁ କାମଟି ବିଗିଡ଼ିଯାଇପାରେ। ପୁତ୍ରକନ୍ୟାହେତୁକ ସମସ୍ୟା ଦୁଶ୍ଚିନ୍ତା ସୃଷ୍ଟିକରିବ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମର ସାମ୍ନା କରିବାକୁ ପଡ଼ିବ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ଆଜି ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ଠିକ୍ ଭାବେ ସମ୍ପନ୍ନହେବା କଷ୍ଟକରହେବ। ସାମ୍ନାରେ ମିଠାକଥା କହି ପରୋକ୍ଷରେ ଶତ୍ରୁତା କରୁଥିବା ଲୋକଙ୍କ ପ୍ରତି ସତର୍କ ରହିବା ଭଲ। ନିର୍ମାଣାଧୀନ କାମକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆପଣଙ୍କ ସେବା ଓ ପରୋପକାର ପ୍ରବୃତ୍ତିରୁ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧିପାଇବ।

**ତୁଳା** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବେ। ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ସମସ୍ୟା ଲାଗି ରହିଥିଲେ ମଧ୍ୟ ଆଜି କୌଣସି କାମ ଅଟକି ରହିବନାହିଁ। ପ୍ରକୃତ ସତ୍ୟ ଉପଲବ୍ଧି ନ କରି ଘଟଣାକୁ ନେଇ ଅତିରିକ୍ତ ଭାବରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। ପ୍ରଶାସନିକ କ୍ଷେତ୍ରର ଆଲୋଚନା ପରିସରରେ ସାମୟିକ ଯୁକ୍ତିତର୍କର ସମ୍ଭାବନା ରହିଛି।

**ଧନୁ** ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ କରି ଆତ୍ମସନ୍ତୋଷ ଲାଭକରିବେ। ବନ୍ଧୁମିଳନ ଅବସରରେ ପରିଜନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇଦେଇପାରନ୍ତି। କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଆନନ୍ଦିତ ହୋଇପାରନ୍ତି।

**ମକର** ମନକଥାକୁ ମନରେ ରଖି ମୁହଁରେ ହସ ଫୁଟାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। ଆଜି ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କିମ୍ବା ବାଣିଜ୍ୟାରମ୍ଭ ପାଇଁ ମନ ବଳାଇପାରନ୍ତି। କିଛିଟା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ।

**କୁମ୍ଭ** ପଡ଼ୋଶୀଙ୍କ ସହ ସୁସମ୍ପର୍କ ଅଭାବରୁ ବିବାଦଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶକୁ ଶ୍ରେୟ ମନେ କରିପାରନ୍ତି। ନୀଚ ସଂସର୍ଗରୁ ଦୂରେଇରହନ୍ତୁ ନଚେତ୍ ସମାଲୋଚିତ ହେବାକୁ ପଡ଼ିପାରେ। ଚେଷ୍ଟା କରୁଥିବା କାମରେ ଆନୁଷଙ୍ଗିକ ସାହାଯ୍ୟ ନିଶ୍ଚିତ ଲାଭ କରିବେ।

**ମୀନ** ମାନସିକ ଅସ୍ଥିରତା କାରଣରୁ ଆଜି କାମ ଉତ୍ସାହପ୍ରଦ ହେବନାହିଁ। ପରିବାରର ଖର୍ଚ୍ଚ ଭାର କ୍ରମଶଃ ବଢ଼ି ବଢ଼ି ଯିବା କାରଣରୁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ସେପ୍ଟେମ୍ବର ୨୩ ତାରିଖ ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ.୦୧।୪୦ ପର୍ଯ୍ୟନ୍ତ ହସ୍ତା/କନ୍ୟା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫।୩୯ ଗତେ, ଘ.୦୬।୨୭ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୮ ଗତେ, ଘ.୦୪।୦୮ ମଧ୍ୟେ ରାହୁକାଳ।

## ସାହସ ଥିଲେ ୭ ଦିନରେ ଛାତ୍ର ସଂସଦ ନିର୍ବାଚନର ବିଜ୍ଞପ୍ତି କାଢ଼ନ୍ତୁ: ଛାତ୍ର ବିଜେଡି

ଭୁବନେଶ୍ୱର, ୨୨।୯ (ସୁନିତ୍ ମିଶ୍ର)

ଭାଜପା ସରକାରକୁ ଆସିବାର ୧୫ ମାସ ବିତିଯାଇଥିଲେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ନ କରିବା ଯୋଗୁ ଛାତ୍ରୀଛାତ୍ରଙ୍କ ମନରେ ଆକ୍ରୋଶ ସୃଷ୍ଟି ହୋଇଛି। ଏବିଭିପି ଓ ଭାଜପା ଯୁବମୋର୍ଚ୍ଚା ମଧ୍ୟରେ ଥିବା ଆନ୍ତଃକନ୍ଦଳ ଲାଗି କଲେଜ କ୍ୟାମ୍ପସ ଅଶାନ୍ତ ହୋଇଛି ବୋଲି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସୀତା ସାହୁ କହିଛନ୍ତି, ଚଳିତ ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୧୯ ଜଣ ଛାତ୍ରୀ ଯୌନ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର ସକାରାତ୍ମକ ଥିବା କଥା ଉଚ୍ଚଶିକ୍ଷା ମନ୍ତ୍ରୀ ବାରମ୍ବାର ଗଣମାଧ୍ୟମରେ କହୁଛନ୍ତି କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାର ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଯଦି ସାହସ ଅଛି ସରକାର ଆଗାମୀ ସପ୍ତାହକ ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଇପ୍‌ସୀତା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା ନ ଖାଇବେ ଝିଅ**
**ତାକୁ ଜୋଇଁଙ୍କ ପତରେ ଦିଅ।**

ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଇଥାଏ। ତାଙ୍କ ଖାଇବା ପିଇବାରେ ଯେମିତି କିଛି ଊଣା ରହି ନ ଯାଏ ସେନେଇ ବିଶେଷ ଦୃଷ୍ଟି ଦିଆଯାଇଥାଏ। ପରନ୍ତୁ ଝିଅକୁ ଯାହି ତାହି କରି ଖାଇବାକୁ ଦେଲେ ବି ଚଳିଯାଏ। ଯେହେତୁ ଘର କଥା, ଝିଅ ଚଳେଇ ଦେଇଥାଏ। ଅନ୍ୟ ଅର୍ଥରେ ଯେଉଁ ଖାଦ୍ୟ ଜିନିଷ ଖରାପ ଲାଗୁଥିବା କାରଣରୁ ଝିଅକୁ ଦେବାକୁ ଇଚ୍ଛା ହେଉ ନ ଥାଏ ତାକୁ ଜ୍ୱାଇଁଙ୍କୁ ଦେବା ଲାଗି କଥା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହା ମନ ଯହିଁକି ଯାଏ**
**ପଲାଉ ଫିଙ୍ଗି ପଖାଳ ଖାଏ।**

ପ୍ରତ୍ୟେକ ବ୍ୟକ୍ତି ନିଜସ୍ୱ ରୁଚି ବା ପସନ୍ଦ ଅନୁସାରେ ଖାଦ୍ୟ ଚୟନ କରିଥାନ୍ତି। ମନୁଷ୍ୟର ରୁଚି, ଶ୍ରଦ୍ଧା ଅଶ୍ରଦ୍ଧା ତାହାର ମନ ଉପରେ ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜିଏସ୍‌ଟିରେ ସୁଧାର ସାଧାରଣ ଜନତାଙ୍କ ଲାଗି ଐତିହାସିକ ପଦକ୍ଷେପ: ମନମୋହନ

ଭୁବନେଶ୍ୱର, ୨୨।୯ (ସୁନିତ୍ ମିଶ୍ର)

ଓଡ଼ିଶା ତଥା ସମଗ୍ର ଦେଶରେ ସୋମବାରଠାରୁ ନୂତନ ଜିଏସ୍‌ଟି ସୁଧାର ଲାଗୁ ହୋଇଛି। ଏହାଦ୍ୱାରା କେବଳ ଜିଏସ୍‌ଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କ ଜୀବନଯାପନରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଐତିହାସିକ ପଦକ୍ଷେପ। ରାଜ୍ୟବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ତଥା ଧନ୍ୟବାଦ ଜ୍ଞାପନ କରୁଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନ ଲାଲକିଲ୍ଲାର ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ମୋଦି ଦଶହରା, ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜିଏସ୍‌ଟି ଉପହାର ଦେବାକୁ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ୩ ତାରିଖରେ ୫୬ ତମ ଜିଏସ୍‌ଟି ପରିଷଦ ବୈଠକରେ ସମସ୍ତ ରାଜ୍ୟର ସହମତିରେ 'ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର'କୁ ଗୃହୀତ କରାଯାଇଛି। ବିକଶିତ ଭାରତର ଗଠନ ପାଇଁ ଗରିବ, ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ ବର୍ଗକୁ ପ୍ରାଧାନ୍ୟ ଦେଇ ବିରାଟ ଆର୍ଥିକ ସଂସ୍କାର କରାଯାଇଛି। ଏହା କେବଳ ଦୀପାବଳି ଉପହାର ନୁହେଁ ବରଂ ନୂଆ ପିଢ଼ି ପାଇଁ ଏବଂ ବିକଶିତ ଭାରତର ସ୍ରଷ୍ଟାଙ୍କ ପାଇଁ ଉପହାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୧ବର୍ଷ ଶାସନକାଳ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ଼ ଓ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି। ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଦେଶବାସୀଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବ ଓ ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜଭୁତ ଶକ୍ତି ଓ ଗତି ପ୍ରଦାନ କରିବ ବୋଲି ମନମୋହନ କହିଛନ୍ତି। ଆଗାମୀ ପିଢ଼ିର ଜିଏସଟି ସୁଧାର କାରଣରୁ ଓଡ଼ିଶାର କୋଟି କୋଟି କୃଷକଙ୍କ ଆୟରେ ଆଖି ଦୃଶିଆ ଅଭିବୃଦ୍ଧି ହେବ। ୧୫ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଓ ତାଙ୍କ ପରିବାର ବର୍ଗ ଆର୍ଥିକ ଦୃଷ୍ଟିରୁ ଆହୁରି ସଶକ୍ତ ହେବେ। କୋଇଲାରେ ସେସ୍ ହଟାଇ ଦିଆଯିବା ଓ ଜିଏସ୍‌ଟି ହାରରେ ପରିବର୍ତ୍ତନ ଯୋଗୁ ଓଡ଼ିଶାର ରାଜସ୍ୱରେ ଅଭିବୃଦ୍ଧି ହେବ ବୋଲି ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଚୌଦ୍ୱାର ଥାନାରେ...

ତଥ୍ୟ ଜଣାପଡ଼ିବ ବୋଲି ସାଧାରଣରେ ଦାବି ହେଉଛି। ମୃତକଙ୍କ ସାନ ଭାଇଙ୍କ ଅଭିଯୋଗ ଅନୁସାରେ ଏକ ଗାଡ଼ି ଚୋରି ମାମଲାରେ ଚୌଦ୍ୱାର ପୋଲିସ ଶନିବାର ରାତିରେ ରସାନନ୍ଦଙ୍କୁ ଘରୁ ଉଠାଇ ଆଣିଥିଲା। ଥାନାର ମୁଖ୍ୟ କୋଠରି ମରାମତି କାର୍ଯ୍ୟ ଚାଲୁଥିବାରୁ ଥାନାଠାରୁ ପ୍ରାୟ ୨୦୦ମିଟର ଦୂରରେ ଥିବା ପୋଲିସ ବାରାକ୍ ପରିସରରେ ରସାନନ୍ଦଙ୍କୁ ରଖିଥିଲେ । ସେଠାରେ ରସାନନ୍ଦଙ୍କୁ ଥାର୍ଡ ଡିଗ୍ରୀ କରିବା ସହ ମାଡ଼ ମାରିଥିଲେ। ପରେ ରାତିରେ ରସାନନ୍ଦଙ୍କ ସୂଚନା ଆଧାରରେ ୨ଟି ବାଇକ୍ ଏବଂ ଗୋଟିଏ ମୋବାଇଲ୍ ପୋଲିସ ଜବତ କରିଥିଲା। ଏପରି କି ରସାନନ୍ଦଙ୍କ ସାନ ଭାଇଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଅଧିକ ପଚରାଉଚରା ସମୟରେ ୩ ଜଣ ପୋଲିସ ରସାନନ୍ଦଙ୍କ ଅଣ୍ଟା, ପିଠା, ଗୋଡ଼କୁ ନିସ୍ଥୁକ ମାଡ ମାରିବା ସହ ମିଛ ଗଞ୍ଜେଇ କେସ୍‌ରେ ତାଙ୍କ ସ୍ତ୍ରୀକୁ ଫସେଇ ଦେବୁ ବୋଲି ପୋଲିସ ଧମକ୍ ମଧ୍ୟ ଦେଇଥିଲା। ରସାନନ୍ଦ ପୋଲିସର ମାଡ଼ ସହ୍ୟ କରି ନ ପାରି ଏଥିରୁ ବର୍ତ୍ତିବା ପାଇଁ ପରିସ୍ରା ବାହାନା ଦେଖାଇ ବାରାକ୍‌ର ପାଇଖାନାକୁ ଯାଇଥିଲେ। ପାଇଖାନାରୁ ଅଧିକ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପୋଲିସର ସନ୍ଦେହ ହୋଇଥିଲା। ପରେ ଯାଇ ଦେଖିଲା ବେଳକୁ ରସାନନ୍ଦ ବେକରେ ପୋଲିସର ହୁଇସିଲ୍ ଫିତା ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ପୋଲିସ ଲୁଚାଇବାକୁ ଭରପୁର ଚେଷ୍ଟା କରିଥିଲା। ଏପରି କି ରସାନନ୍ଦଙ୍କ ମୃତଦେହକୁ ପିସିଆର ଭ୍ୟାନ୍‌ରେ କଟକ ବଡ଼ ମେଡିକାଲ ନେଇ ଯାଇଥିଲା। ରସାନନ୍ଦଙ୍କୁ ଯେଉଁ ୩ ପୋଲିସ କର୍ମଚାରୀ ମାଡ଼ ମାରିଛନ୍ତି ଏବଂ ଆତ୍ମହତ୍ୟା ପାଇଁ ଦାୟୀ ରହିଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତକଙ୍କ ସ୍ତ୍ରୀ ଦାବି କରିଛନ୍ତି।

## ଅଗ୍ରାହ୍ୟ ହେଲା...

ସ୍ଥିତିରେ ନାହିଁ, ଯେଉଁଥିଲାଗି ଏହି ନୋଟିସ୍ ଆଲୋଚନାକୁ ଆଣିପାରୁ ନ ଥିବା କହିଥିଲେ। ଗୃହ କାର୍ଯ୍ୟ ସ୍ୱାଭାବିକ ହେଲେ ଏହା ଆଲୋଚନା ପାଇଁ ଅଣାଯିବ ବୋଲି କହିଥିଲେ। ହେଲେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିଲା ନାହିଁ। ଅନାସ୍ଥା ନୋଟିସ୍ ଆସିବାର ଦିନକ ପରେ ତାହା ଗୃହକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିୟମାନୁଯାୟୀ ଅନାସ୍ଥା ନୋଟିସ୍ ଆସିବାର ଦିନକ ପରେ ଏହା ଗୃହରେ ଆଲୋଚନା ପାଇଁ ଅଣାଯିବା କଥା। ହେଲେ ସେହି ସମୟରେ ଗୃହ ସ୍ୱାଭାବିକ ରହିଲା ନାହିଁ। ଯେଉଁଥିଲାଗି ଏହାର ସମୟ ଅବଧି ଚାଲିଯାଇଛି। ସେଥିପାଇଁ ଅନାସ୍ଥା ନୋଟିସ୍ ଅଗ୍ରାହ୍ୟ ହୋଇଛି ବୋଲି ବାଚସ୍ପତି କହିଥିଲେ। ବାଚସ୍ପତିଙ୍କ ଏହି ସ୍ପଷ୍ଟୋକ୍ତି ପରେ ଗୃହ ଭିତରେ କଂଗ୍ରେସ ସଦସ୍ୟମାନେ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରିଥିଲେ। ଏହାପରେ ସେମାନେ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ସରକାର ବିରୋଧୀ ନାରା ଦେଇଥିଲେ। କିଛି ସମୟ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା କହିଥିଲେ, ତାଙ୍କ ଦଳର ସଂଖ୍ୟା ଗୃହରେ କମ୍ ଥିବା ଯୋଗୁ ତାଙ୍କ କଥାକୁ ଅଣଦେଖା କରାଯାଉଛି। ଯେଉଁଥିପାଇଁ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରି ଗାନ୍ଧୀ ମୂର୍ତ୍ତି ତଳେ ଯାଇ ଧାରଣାରେ ବସିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାମଚନ୍ଦ୍ର କାଡାମ କହିଛନ୍ତି, ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଭାଜପା ଏବଂ ବିଜେଡି ମିଶିକି ଗୃହକୁ ଜାଣିଶୁଣି ଅଚଳ ରଖୁଛନ୍ତି। କିଛି ସମୟ ପରେ ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କୁ ଦାୟିତ୍ୱ ଦେଇଥିଲେ କଂଗ୍ରେସ ସଦସ୍ୟମାନଙ୍କୁ ଗୃହକୁ ଆସିବା ଲାଗି ଯାଇ ବୁଝାନ୍ତୁ। କିଛି ସମୟ ପରେ ସରକାରୀ ଦଳ ମୁଖ୍ୟ ସଚେତକ ଫେରି ଗୃହରେ ବାଚସ୍ପତିଙ୍କୁ ଜଣାଇଥିଲେ, କଂଗ୍ରେସ ସଦସ୍ୟମାନେ ଗୃହକୁ ଫେରିବାକୁ ରାଜି ହୋଇଛନ୍ତି। ହେଲେ ସେମାନେ ଆଲୋଚନା କରିବା ପରେ ଜଣାଇବେ ବୋଲି କହିଛନ୍ତି।

ସେହିପରି ସୋମବାର ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସଦସ୍ୟମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ପ୍ରବଳ ହଟ୍ଟଗୋଳ କରିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରିଥିଲେ। ଅନାସ୍ଥା ନ ଆଣିବାକୁ ଫନ୍ଦି କରାଯାଇଛି ବୋଲି ଅଭିଯୋଗ କରିବା ସହିତ 'ବିଜେଡି-ଭାଜପା ଭାଇ ଭାଇ ଅନାସ୍ଥା ପ୍ରସ୍ତାବ ଆଣନ୍ତି ନାହିଁ' ଲେଖାଥିବା ପୋଷ୍ଟର, ପ୍ଲାକାର୍ଡ ଦେଖାଇ ହୋହଲ୍ଲା କରିଥିଲେ। ଏଭଳି ସ୍ଥିତି ପରେ ୭ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା। ବାଚସ୍ପତି ୭ ମିନିଟ୍ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଗୃହରେ ଆସିଲେ ବିଚାର କରାଯିବ ବୋଲି ପୂର୍ବରୁ କହିଥିବା ବିଜେଡି ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଥିଲା। ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ଚାଲିବା ପାଇଁ ବିଜେଡି ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଫଳରେ ଗତ ୧୮ ତାରିଖରୁ ଚାଲିପାରୁ ନ ଥିବା ବିଧାନସଭା ସ୍ୱାଭାବିକ ସ୍ଥିତିକୁ ଫେରିଥିବାର ଦେଖିବାକୁ ମିଳିଥିଲା। ହେଲେ କଂଗ୍ରେସର ଅନାସ୍ଥା ପ୍ରସ୍ତାବ ଅଗ୍ରାହ୍ୟ ହେବାପରେ ମଧ୍ୟ ବିରୋଧୀ ଦଳର କୌଣସି ସଦସ୍ୟ ପଦୁଟିଏ କହି ନ ଥିଲେ।

## ବଳଙ୍ଗା ପୀଡ଼ିତା ନିଜେ...

ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ, କେଜେଣ ଅଜଣା ବ୍ୟକ୍ତି ତାଙ୍କ ଝିଅକୁ ବଳପୂର୍ବକ ନଦୀକୂଳକୁ ନେଇ କିରୋସିନ ଏବଂ ପେଟ୍ରୋଲ ଢାଳି ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଏହିଆଧାରରେ ବଳଙ୍ଗା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସ୍ଥାନୀୟ ଗ୍ରାମବାସୀ ପୀଡ଼ିତା ଝିଅକୁ ପୋଡ଼ିଯାଇଥିବା ଅବସ୍ଥାରେ ପିପିଲି ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ଓ ସେହିଦିନ ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୨୦ରେ ପୀଡ଼ିତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ସରକାରଙ୍କ ତରଫରୁ ବିମାନ ଯୋଗେ ଦିଲ୍ଲୀର ଏମ୍ସକୁ ପଠାଯାଇଥିଲା। ଦିଲ୍ଲୀ ଏମ୍ସରେ ପ୍ରାୟ ୧୪ ଦିନ ଚିକିତ୍ସା ଚାଲିଥିବାବେଳେ ଅଗଷ୍ଟ ୨ରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା। ଏମ୍ସରେ ଚିକିତ୍ସା କରୁଥିବା ଡାକ୍ତର ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଲିପିବଦ୍ଧ କରିଥିଲେ। ଉଭୟ ଜମାନବନ୍ଦୀରେ ପୀଡ଼ିତା କହିଥିଲେ, ସେ ନିଜେ ନିଜ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ।

# ଧରିତ୍ରୀର ବରିଷ୍ଠ ସହସମ୍ପାଦକଙ୍କ ମାତୃ ବିୟୋଗ

ମଙ୍ଗୁଳି-ଜଗତପୁର,୨୨।୯
(ମାନସ କୁମାର ସାମଲ)


କୁନ୍ତଳା ଷଡ଼ଙ୍ଗୀ

କଟକ ଜିଲା ଟାଙ୍ଗୀ ବ୍ଲକ ନିମାଇସାପୁର ଗାଁର ବୟୋଜ୍ୟେଷ୍ଠ ତଥା ଧର୍ମପରାୟଣ ମହିଳା କୁନ୍ତଳା ଷଡ଼ଙ୍ଗୀଙ୍କ ରବିବାର ଅପରାହ୍ନରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି ନାତୁଣୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ତଥା ଧରିତ୍ରୀର ବରିଷ୍ଠ ସହସମ୍ପାଦକ ମାନସ ରଞ୍ଜନ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସରପଞ୍ଚ ଭରତ ବେହେରା, ଟାଙ୍ଗୀ ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେଠୀ, ବରିଷ୍ଠ ନେତା ପରମାନନ୍ଦ ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, କିଛିବର୍ଷ ପୂର୍ବେ କୁନ୍ତଳାଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରହ୍ମାନନ୍ଦ ଷଡ଼ଙ୍ଗୀଙ୍କର ଦେହାନ୍ତ ହୋଇଯାଇଥିଲା। ମହାଳୟା ତିଥିରେ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ଅସ୍ଥି ବିସର୍ଜନ କରାଯାଇଥିବାବେଳେ ସେହିଦିନ ହିଁ କୁନ୍ତଳାଙ୍କର ମୃତ୍ୟୁ ଘଟିଲା।

# ପ୍ରଧାନମନ୍ତ୍ରୀ କହିଥିଲେ, ଯାଞ୍ଚ କରାନ୍ତୁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୯(ସୁନିତ୍ ମିଶ୍ର)

- ଯଦି କାହାକୁ ଦୁଃଖିତ କରିଛି ମୋ କଥା ଫେରାଇ ନେଉଛି: ବିଭୂତି
- ଚିହିଁକି ଉଠିଲା ବିଜେଡି, କହିଲା ବିବରଣୀରୁ ବାଦ୍ ଦିଅ
- ସିଏ କାହାକୁ ଦୁଃଖ ଦେଲାଭଳି କହିନାହାନ୍ତି, ଭାବବିହ୍ୱଳ ହୋଇ କହିଲେ: ବାଚସ୍ପତି

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା କିଛିଦିନ ତଳେ ଖରାପ ଥିଲା। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ଦେଖିବା ପାଇଁ ସବୁ ଦଳର ନେତା, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ସମସ୍ତେ ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଟେଲିଫୋନ ଯୋଗେ କଥା ହୋଇଥିଲେ। ନବୀନବାବୁଙ୍କୁ ସମସ୍ତେ ଭଲ ପାଆନ୍ତି। ସେବେଠାରୁ ସେହି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ କିଛି କଥା ବାରମ୍ବାର ନଜରକୁ ଆସୁଛି। ନିକଟରେ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦେଖିବାକୁ ମିଳିଥିଲା, ଯେତେବେଳେ ନବୀନ ଅସୁସ୍ଥ ସେତେବେଳେ ତାମିଲବାବୁ ସକ୍ରିୟ। ଯେତେବେଳେ ନବୀନ ସୁସ୍ଥ, ସେତେବେଳେ ତାମିଲବାବୁ ସନ୍ନ୍ୟାସ। ଭାଜପା ସରକାରକୁ ଆସିବା ପୂର୍ବରୁ ଏକ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ଗସ୍ତରେ ଆସିଥିଲେ। ଏକ ସଭାକୁ ସମ୍ବୋଧିତ କରିବା ବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ତାଙ୍କର କ'ଣ ହୋଇଛି ଜଣାପଡୁନି। ତେଣୁ ରାଜ୍ୟରେ ଭାଜପା ସରକାର ଆସିଲେ ଏକ କମିଟି କରି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଯାଞ୍ଚ କରି ତାଙ୍କ ଦେହ ଖରାପ ହେବା ପଛରେ କିଏ, ଦୋଷୀକୁ ଧରାଯିବ ବୋଲି କହିଥିଲେ। ଏବେ ରାଜ୍ୟରେ ଭାଜପା ସରକାର ଆସିଛି। ମୁଖ୍ୟମନ୍ତ୍ରୀ ଏକ କମିଟି ଗଠନ କରି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଯାଞ୍ଚ କରନ୍ତୁ ବୋଲି ଭାଜପା ସଦସ୍ୟ ବିଭୂତି ଭୂଷଣ ପ୍ରଧାନ ବିଧାନସଭାରେ ପଏଣ୍ଟ ଅଫ ଅର୍ଡର ଆଣି କହିଥିଲେ। ବିଭୂତିଙ୍କ ଏଭଳି କଥା ପରେ ସଙ୍ଗେସଙ୍ଗେ ବିଜେଡି ସଦସ୍ୟମାନେ ଗୃହରେ ଚିହିଁକି ଉଠିଥିଲେ। ପ୍ରଥମେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିଭୂତିଙ୍କ କଥାକୁ ବିରୋଧ କରିବା ସହ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେ କିଛି କାମରେ ନୂଆଦିଲ୍ଲୀ ଗସ୍ତରେ ଥିବା କହିଥିଲେ। ଏହାସହ ବିଭୂତିଙ୍କ କଥାକୁ ବିଧାନସଭା ବିବରଣୀରୁ ବାଦ୍ ଦେବା ପାଇଁ ଦାବି କରିଥିଲେ। ଏହାପରେ ସଙ୍ଗେସଙ୍ଗେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମଧ୍ୟ ଏହାକୁ ବିରୋଧ କରିବା ସହ ଭାଜପା ନେତାମାନେ ପ୍ରତି ୮ ଦିନରେ କାହିଁକି ଦିଲ୍ଲୀ ଯାଉଛନ୍ତି ସେକଥା ବିଜେଡି ପଚାରୁଛି କି ବୋଲି କହିଥିଲେ। ଏହାପରେ ବିଜେଡିର ସମସ୍ତ ସଦସ୍ୟ ନିଜ ଆସନରେ ଠିଆ ହୋଇ ବିଭୂତି ଗୃହରେ ଦେଇଥିବା କଥା ବିଧାନସଭା ବିବରଣୀରୁ ବାଦ୍ ଦିଆଯାଉ ବୋଲି ଦାବି କରିଥିଲେ। ହେଲେ ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ନିଜ ଆସନରେ ବସିବା ପାଇଁ କହିଥିଲେ। ସରକାରୀ ଦଳର ସଦସ୍ୟ ଯାହା କହିଛନ୍ତି ତାହା ସଂସଦୀୟ ବ୍ୟାପାର ବାହାରର ଶବ୍ଦ ନୁହେଁ। ତାଙ୍କ ବିବୃତି ମୁତାବକ କିଛି ଯାଞ୍ଚ କରାଯିବ ନାହିଁ। ତାଙ୍କ କଥା ଉପରେ ତର୍ଜମା କରିବାର ଆବଶ୍ୟକତା ନାହିଁ ବୋଲି କହିବା ସହ ସମସ୍ତଙ୍କୁ ବସିବା ପାଇଁ ଅନୁରୋଧ କରିଥିଲେ। ଏହାସହ ବିଭୂତି କାହାକୁ ଆଘାତ ଦେବା ଭଳି କଥା କହି ନାହାନ୍ତି ବରଂ ସେ ଭାବବିହ୍ୱଳ ହୋଇ ଏହା କହିଥିଲେ ଏବଂ ଗୃହକୁ ସୂଚିତ କରିଥିଲେ। ହେଲେ ବିଜେଡି ସଦସ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। କିଛି ସମୟ ପରେ ବିଭୂତି ପ୍ରଧାନ ପୁଣିଥରେ ଠିଆ ହୋଇ ଯଦି ତାଙ୍କ କଥା ବିବରଣୀରୁ ବାଦ୍ ଦିଆ ନ ଯାଏ ତେବେ ଗୃହ ଛାଡ଼ିବାକୁ ଚେତାବନୀ ଦେଇଥିଲେ। କିଛି ସମୟ ପରେ ବିଭୂତି ତାଙ୍କ ସ୍ଥାନରେ ଠିଆ ହୋଇ ଆଉଥରେ କହିଥିଲେ। କାହାକୁ ଆଘାତ ଦେବା ତାଙ୍କ ଉଦ୍ଦେଶ୍ୟ ନ ଥିଲା। ଯଦି ତାଙ୍କ କଥା କାହାକୁ ଦୁଃଖ ଦେଇଛି ତେବେ ସେ ତାଙ୍କ କଥାକୁ ପ୍ରତ୍ୟାହାର କରି ନେଉଛନ୍ତି ବୋଲି କହିଥିଲେ। ଏହାପରେ ଗୃହ କାର୍ଯ୍ୟ ସ୍ୱାଭାବିକ ସ୍ଥିତିକୁ ଫେରିଥିଲା। ଅନ୍ୟପକ୍ଷରେ ବିଭୂତିଙ୍କ ଏଭଳି କଥା କାହାକୁ ମୁଖ୍ୟତଃ ଲକ୍ଷ୍ୟ କରି କୁହାଯାଇଥିଲା ବୋଲି ବିଧାନସଭାର ବିଭିନ୍ନ ସ୍ଥାନରେ ଚର୍ଚ୍ଚା ଏବଂ ଆଲୋଚନା ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ କହିଥିବା କଥା ପାଳନ କରାଯିବା ଦରକାର କହି ପରୋକ୍ଷରେ ସେ କେଉଁ ବାର୍ତ୍ତା ଦେବାକୁ ଚାହିଁଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଦମ୍ପତି ମୃତ, ନାବାଳିକା ଝିଅ ଗୁରୁତର

## ଶୋଇଥିବା ବେଳେ ଭୁଶୁଡ଼ିଲା କାନ୍ଥ

ବସ୍ତା,୨୨।୯
(ହରିଶଙ୍କର ପାଢୀ)


ଭୁଶୁଡ଼ି ପଡ଼ିଥିବା କାନ୍ଥ।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ପରିବାରରେ ମା', ବାପା ଓ ନାବାଳିକା ଝିଅ ରାତିରେ ଶୋଇଥିବା ବେଳେ ହଠାତ୍ କାନ୍ଥ ଭୁଶୁଡି ପଡିବାରୁ ୩ଜଣ ଯାକ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପୂର୍ବରୁ ଦମ୍ପତିଙ୍କର ମୃତ୍ୟୁ ହୋଇଯାଇଥିଲା। ଗାଁ ଲୋକେ ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଦମ୍ପତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକା ଝିଅ ଚିକିତ୍ସାଧୀନ ଅଛନ୍ତି।

ରବିବାର ରାତିରେ ଖାଇସାରିବା ପରେ ଗ୍ରାମର ପୀଠ ମୁର୍ମୁ, ସ୍ତ୍ରୀ ମୀନତି ଓ ୧୨ ବର୍ଷୀୟା ନାବାଳିକା ଝିଅ ଲକ୍ଷ୍ମୀ ଶୋଇଥିଲେ। ରାତି ପ୍ରାୟ ୧ଟା ବେଳେ କାନ୍ଥ ଭୁଶୁଡ଼ି ପଡିବାରୁ ପୀଠ, ମୀନତି ଓ ଝିଅ ଲକ୍ଷ୍ମୀ କାନ୍ଥ ତଳେ ଚାପି ହୋଇ ରହିଥିଲେ। ଗାଁ ଲୋକେ ଚିତ୍କାର ଶୁଣି ଦୌଡି ଆସି ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବସ୍ତା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ପୃଥକ୍ ଭାବେ ୨ଟି ଅପମୃତ୍ୟୁ ମାମଲା (ନଂ. ୨୭/୨୫ ଓ ୨୮/୨୫) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଦମ୍ପତିଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

## ଓଡ଼ିଶା ସାହିତ୍ୟ ଏକାଡେମୀକୁ ନେଇ ଜନସ୍ୱାର୍ଥ ମାମଲା

କଟକ,୨୨।୯(କାର୍ତ୍ତିକ ସାହୁ)

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପସଭାପତି ନିଯୁକ୍ତି ସହ ସାଧାରଣ ପରିଷଦ ଗଠନ ପାଇଁ ପଦକ୍ଷେପ ନେବାକୁ ନିବେଦନ କରି ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ହାଇକୋର୍ଟରେ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ପ୍ରାଥମିକ ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ଅକ୍ଟୋବର ୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ୧୯୫୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ହୋଇଥିଲା। ଏକାଡେମୀର ସମ୍ବିଧାନ ଅନୁସାରେ ରାଜ୍ୟ ସରକାର ସଭାପତି ଓ ଉପସଭାପତିଙ୍କୁ ନିଯୁକ୍ତ କରନ୍ତି। ଏଥିସହ ଏକାଡେମୀର ସାଧାରଣ ପରିଷଦ ଗଠନରେ ମଧ୍ୟ ସରକାରଙ୍କର ପ୍ରମୁଖ ଭୂମିକା ରହିଛି। କିନ୍ତୁ ୨୦୨୪ ମେ ୨୦ରେ ପୂର୍ବତନ ସଭାପତି ଓ ଉପସଭାପତି ତାଙ୍କର କାର୍ଯ୍ୟକାଳ ପୂରା କରି ଅବ୍ୟାହତି ନେଇଥିଲେ ମଧ୍ୟ ପଦବୀ ଦୁଇଟି ଫାଙ୍କା ପଡ଼ିଛି। ରାଜ୍ୟ ସରକାର ଏଯାଏ ସେହି ପଦବୀରେ କାହାରିକୁ ନିଯୁକ୍ତ କରିନାହାନ୍ତି। ସେହିପରି ୨୦୨୩ ଜୁଲାଇ ୨୦ରେ ପୁରୁଣା ସାଧାରଣ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନୂତନ ସାଧାରଣ ପରିଷଦ ଗଠନ ହୋଇନାହିଁ। ଯଦ୍ୱାରା, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ କିମ୍ବା ଏହାର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ଅସ୍ମିତାର ପ୍ରତୀକ ହୋଇଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସଭାପତି ଓ ଉପସଭାପତି ପଦବୀରେ ତୁରନ୍ତ ନିଯୁକ୍ତି ଏବଂ ସାଧାରଣ ପରିଷଦ ଗଠନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆଇନଜୀବୀ ପ୍ରବୀର କୁମାର ଦାସ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।






# ତଦନ୍ତ ରିପୋର୍ଟର ଆଂଶିକ ପ୍ରକାଶନକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ


ନୂଆଦିଲ୍ଲୀ,୨୨।୯(ପି.ଟି.)

ଅହମଦାବାଦରେ ଗତ ଜୁନ୍ ୧୨ ତାରିଖରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ ନିର୍ଦ୍ଦିଷ୍ଟ ଅଂଶକୁ ପ୍ରକାଶ କରାଯାଇଥିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ଦାୟିତ୍ୱହୀନ କାର୍ଯ୍ୟ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକାଶିତ ରିପୋର୍ଟରେ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା ବୋଲି ପ୍ରକାଶ କରି ଗଣମାଧ୍ୟମକୁ ଏହା ଉପରେ ଚର୍ଚ୍ଚା କରିବା ପାଇଁ ବାଟ ଖୋଲିଦିଆଯାଇଥିଲା ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ଦୁର୍ଘଟଣାର ଏକ ନିରପେକ୍ଷ, ସ୍ୱଚ୍ଛ ଓ ତ୍ୱରିତ୍ ତଦନ୍ତ ପାଇଁ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ)କୁ ନୋଟିସ୍ ଜାରି କରିଛନ୍ତି। ମୃତକଙ୍କ ପରିବାରର ପ୍ରିଭେସି ଏବଂ ମର୍ଯ୍ୟାଦା ମଧ୍ୟ ଏଥିରେ ଜଡ଼ିତ ବୋଲି ଅଦାଲତ କହିଛନ୍ତି।

**ଏୟାରଇଣ୍ଡିଆ ବିମାନ ଦୁର୍ଘଟଣା**



ବିମାନ ଦୁର୍ଘଟଣା ଉପରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଜୁଲାଇ ୧୨ରେ ପ୍ରାଥମିକ ରିପୋର୍ଟ ଜାରି କରିଥିଲା। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଏଭଳି ରିପୋର୍ଟ ସମ୍ପୂର୍ଣ୍ଣ ଗୋପନୀୟତାର ସହ ରଖାଯିବା ଆବଶ୍ୟକ। କାରଣ ଏହା ସହ ମୃତକଙ୍କ ପରିବାରର ପ୍ରିଭେସି ଓ ମର୍ଯ୍ୟାଦା ଜଡ଼ିତ। ସେଥିପାଇଁ ଆମକୁ ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେଶନ ନାମକ ଏନ୍‌ଜିଓ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ରହି କହିଥିଲେ, ପ୍ରାରମ୍ଭିକ ରିପୋର୍ଟରେ ଗୋଟିଏ ଧାଡ଼ି ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦାୟୀ କରିଥିଲା, ଯାହା ସାରା ବିଶ୍ୱର ଗଣମାଧ୍ୟମକୁ ଚର୍ଚ୍ଚା ପାଇଁ ସୁଯୋଗ ଦେଲା। ଦୁର୍ଘଟଣାକୁ ୧୦୦ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଏପର୍ଯ୍ୟନ୍ତ ଏହାର କାରଣ ଆମେ ଜାଣିପାରି ନାହୁଁ। ଲୋକେ ଦୁର୍ଘଟଣାର କାରଣ ନ ଜାଣିଲେ, ବିପଦରେ ରହିବେ ଏବଂ ପ୍ରତିକାରମୂଳକ ପଦକ୍ଷେପ ନେଇପାରିବେ ନାହିଁ ବୋଲି ଭୂଷଣ କହିଥିଲେ। ତଦନ୍ତ ପାଇଁ ଗଢ଼ାଯାଇଥିବା କମିଟିରେ ୫ ସଦସ୍ୟଙ୍କ ମଧ୍ୟରୁ ୩ ଜଣ ଡିଜିସିଏରୁ ହୋଇଥିବାରୁ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଥାଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ।

"ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା



# ପାକିସ୍ତାନ ସହ ସାଉଦି ଆରବ

ହମାସକୁ ମୂଳପୋଛ କରିବା ଲକ୍ଷ୍ୟରେ ଦୀର୍ଘ ୨୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗାଜା ଉପରେ ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଏପରିକି ଏହାର ନେତାମାନେ ଯେଉଁ ସବୁ ଦେଶରେ ରହୁଥିବା ଇସ୍ରାଏଲ ଖବର ପାଉଛି ସେହିସବୁ ରାଷ୍ଟ୍ର ଭିତରେ ପଶି ସେମାନଙ୍କୁ ହତ୍ୟା କରୁଥିବା ଦେଖାଯାଉଛି। ସଦ୍ୟ ଘଟଣାକୁ ଦେଖିଲେ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ କାତାର ରାଜଧାନୀ ଦୋହାରେ ଗାଜାରେ ଯୁଦ୍ଧବିରତି ପାଇଁ ଆମେରିକାର ପ୍ରସ୍ତାବ କ୍ରମେ ଆଲୋଚନା ଚାଲିଥିବାବେଳେ ଇସ୍ରାଏଲ ଅଚାନକ ଆକ୍ରମଣ କରି ୬ ଜଣଙ୍କୁ ହତ୍ୟା କରିଥିଲା। ଗାଜା ଅକ୍ତିଆର ଅଭିଯାନର ଅଂଶସ୍ୱରୂପ ସେପ୍ଟେମ୍ବର ୮ରୁ ୧୦ ମଧ୍ୟରେ ଅର୍ଥାତ୍ ୭୨ ଘଣ୍ଟା ଭିତରେ କାତାର ସମେତ ପାଲେଷ୍ଟାଇନ, ଲେବାନନ, ୟେମେନ, ଟ୍ୟୁନିସିଆ, ସିରିଆ ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା। ମଧ୍ୟପ୍ରାଚ୍ୟରେ ଏପରି ଭିନ୍ନଧରଣର ରଣନୀତିକ ପରିବର୍ତ୍ତନ ଦେଖି ପାକିସ୍ତାନ ସହ ସାଉଦି ଆରବ ଏବେ ସାମରିକ ସହଯୋଗ ଆଗକୁ ବଢ଼ାଇଛି। ସେପ୍ଟେମ୍ବର ୧୭ରେ ସାଉଦି ଆରବ ରାଜଧାନୀ ରିଆଦର ଅଲ-ୟାମାହା ପ୍ୟାଲେସରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଓ ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ମଧ୍ୟରେ ଷ୍ଟ୍ରାଟେଜିକ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ ବା ରଣନୀତିକ ପାରସ୍ପରିକ ସୁରକ୍ଷା ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ଜଣଙ୍କ ଉପରେ ଆକ୍ରମଣ ହେଲେ ତାହାକୁ ଦୁଇ ଦେଶ ଉପରେ ଆକ୍ରମଣ ବୋଲି ଧରାଯିବ।

**ମଧ୍ୟପ୍ରାଚ୍ୟର ବିପୁଳ ଅର୍ଥରେ ନିଜର ସେନାକୁ ପୁଷ୍ଟ କରିବାରେ ପାକିସ୍ତାନ ସଫଳ ହେବା ସେହିକାର୍ଯ୍ୟ ଆରମ୍ଭ ମାତ୍ର ହୋଇଛି। ବିଗତ ଦଶନ୍ଧିରେ ଭାରତର ବ୍ୟବହାରକୁ ଦେଖି ଏହା ପାକିସ୍ତାନର ପାଲଟା ଜବାବ ଭାବେ କାର୍ଯ୍ୟ କରିବା ଏକ ସଶକ୍ତ ଓ ଦୃଢ଼ ପାକିସ୍ତାନକୁ ସୃଷ୍ଟି କରିବାରେ ଭାରତର ଏବକାର ନେତୃତ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି ବୋଲି ଏବେ କହିହେବ। ଏହିଭଳି ଘଟଣା ଭବିଷ୍ୟତରେ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସ୍ପଷ୍ଟ ଭାବେ କୁହାଯାଇପାରେ।**

ସମସ୍ତେ ଜାଣନ୍ତି ଯେ, ଇସ୍‌ଲାମ ଧର୍ମର ଦୁଇ ପ୍ରମୁଖ ତୀର୍ଥସ୍ଥଳ ମକ୍କା ଓ ମଦିନା ସାଉଦ ଆରବରେ ଥିବା ବେଳେ ଇସ୍‌ଲାମୀୟ ବିଶ୍ୱର ୫୭ ଦେଶ ମଧ୍ୟରୁ ପାକିସ୍ତାନ ହେଉଛି ଏକମାତ୍ର ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର। ସାଉଦି ଆରବର ସେନାକୁ ପାକିସ୍ତାନ ଦଶନ୍ଧିବ୍ୟାପୀ ପ୍ରଶିକ୍ଷଣ ଦେଇଆସୁଛି। ଏମିତି ଦେଖିଲେ ପାକିସ୍ତାନକୁ ବିଭିନ୍ନ କ୍ଷେତ୍ରରେ ଏପରିକି ଆଣବିକ କାର୍ଯ୍ୟକ୍ରମ ପାଇଁ ସାଉଦି ଆରବ ଆର୍ଥିକ ସହାୟତା ଦେଇଆସିଛି। ଏବେ ଯେତେବେଳେ ଇସ୍ରାଏଲ ତା'ର ସୁରକ୍ଷା ପାଇଁ ବିଭିନ୍ନ ଇସ୍‌ଲାମିକ ଦେଶଗୁଡ଼ିକ ଉପରେ ଆକ୍ରମଣ କରୁଛି, ଭୟରେ ସାଉଦି ଆରବ ତା'ର ପୁରୁଣା ରଣନୀତିକ ସମ୍ପର୍କକୁ ମଜଭୁତ କରିବାକୁ ଯାଇ ପାକିସ୍ତାନ ସହିତ ଉପରୋକ୍ତ ଚୁକ୍ତି କରିଛି। ଏବକାର ସାଉଦି ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଜାତୀୟ ନିରାପତ୍ତା ପାଇଁ ଆମେରିକା ଉପରେ ସବୁକିଛି ନିର୍ଭର। ଏହା ମଧ୍ୟ ଆଶଙ୍କା କରାଗଲାଣି ଯେ ଇସ୍‌ଲାମୀୟ ବିଶ୍ୱ ନିଜର ନିରାପତ୍ତା ପାଇଁ ଭବିଷ୍ୟତରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଶୈଳୀରେ ସାମରିକ ମେଣ୍ଟ ପାଇଁ ଅଣ୍ଟା ଭିଡ଼ିବେ, ଯେଉଁଥିରେ ପାକିସ୍ତାନ ହେବ ମୂଳମନ୍ତ୍ର। ତାହାର ସ୍ଥଳସେନା, ନୌସେନା ଓ ବାୟୁ ସେନା ଏବେ ସମ୍ପୂର୍ଣ୍ଣ ଭାବେ ଚାଇନା ଦ୍ୱାରା ପରିଚାଳିତ। ମଧ୍ୟପ୍ରାଚ୍ୟର ଶେଖ୍ ରାଜତ୍ୱ ଥିବା ଦେଶଗୁଡ଼ିକ ପକିସ୍ତାନ ସହ ଚୁକ୍ତି କଲାବେଳକୁ ଅପ୍ରତ୍ୟକ୍ଷ ଭାବେ ସେହି ରାଷ୍ଟ୍ରଗୁଡ଼ିକ ଚାଇନାର ଜ୍ଞାନକୌଶଳ ଓ ଯୁଦ୍ଧ କରିବାର ଶକ୍ତିକୁ ନିଜ ସପକ୍ଷରେ ଆଣିପାରିବେ ବୋଲି ଚିନ୍ତା କରାଯାଇପାରେ। ଏହିସବୁ ଦେଶଗୁଡ଼ିକରେ ପେଟ୍ରୋଲିୟମ ଠୁଳ ଥିବାରୁ ସେଠାକାର ନାଗରିକ ପ୍ରାୟ ସମସ୍ତେ ଅତ୍ୟଧିକ ମାତ୍ରାରେ ଧନୀ। ତେଣୁ ସେମାନଙ୍କୁ ସବୁବେଳେ ବାହାରୁ ଚାକର ଆଣି କାମ କରିବାକୁ ପଡ଼ିଥାଏ। ପାକିସ୍ତାନ ସହିତ ଚୁକ୍ତି ମଧ୍ୟ ସେହିଭଳି ଆଭିମୁଖ୍ୟ ରଖି କରାଯାଉଛି ବୋଲି କୁହାଯାଇପାରେ। ପାକିସ୍ତାନ ପାଖରେ ନିଜସ୍ୱ କୌଣସି ପ୍ରାକୃତିକ ସମ୍ପଦ କିମ୍ବା ଶିଳ୍ପ ନ ଥିବା ହେତୁ ସେହି ଦେଶର ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ। ଅନ୍ୟପଟେ ଜନସଂଖ୍ୟାରେ ପାକିସ୍ତାନକୁ ଟପିଲା ଭଳି ମଧ୍ୟପ୍ରାଚ୍ୟରେ କୌଣସି ଦେଶ ନାହିଁ। ତେଣୁ ପାକିସ୍ତାନ ସେନାକୁ ବ୍ୟବହାର କରି ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବା ଏହି ଦେଶଗୁଡ଼ିକ ପାଇଁ, ଆମେରିକା ତୁଳନାରେ, ସହଜ ଏବଂ ସ୍ୱଳ୍ପ ଖର୍ଚ୍ଚରେ ହୋଇପାରିବ। ଅନ୍ୟପଟେ ପାକିସ୍ତାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ତାହାର ଦୁର୍ବଳ ଅର୍ଥନୀତିକୁ ଟେକି ଧରିବା ପାଇଁ ଏହିଭଳି ସାମରିକ ବ୍ୟବସ୍ଥା ବେଶ୍ ସୁହାଇବ। ମଧ୍ୟପ୍ରାଚ୍ୟର ବିପୁଳ ଅର୍ଥରେ ନିଜର ସେନାକୁ ପୁଷ୍ଟ କରିବାରେ ପାକିସ୍ତାନ ସଫଳ ହେବ। ସେହିକାର୍ଯ୍ୟ ଆରମ୍ଭ ମାତ୍ର ହୋଇଛି। ବିଗତ ଦଶନ୍ଧିରେ ଭାରତର ବ୍ୟବହାରକୁ ଦେଖି ଏହା ପାକିସ୍ତାନର ପାଲଟା ଜବାବ ଭାବେ କାର୍ଯ୍ୟ କରିବ। ଏକ ସଶକ୍ତ ଓ ଦୃଢ଼ ପାକିସ୍ତାନକୁ ସୃଷ୍ଟି କରିବାରେ ଭାରତର ଏବକାର ନେତୃତ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି ବୋଲି ଏବେ କହିହେବ। ଏହିଭଳି ଘଟଣା ଭବିଷ୍ୟତରେ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସ୍ପଷ୍ଟ ଭାବେ କୁହାଯାଇପାରେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | 6 | 1 | |
| | 3 | 1 | | 9 | | | 2 | |
| | | | | | | 4 | | |
| 4 | | | | | 2 | | | 8 |
| | 8 | | | | | 3 | 9 | |
| | 7 | | | | 8 | | | |
| | 9 | | 3 | | | | | 5 |
| | | 7 | | | | | 3 | |
| | | | 6 | 2 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 3 | 5 | 4 | 9 | 6 | 8 |
| 4 | 8 | 5 | 6 | 7 | 9 | 2 | 3 | 1 |
| 6 | 9 | 3 | 2 | 1 | 8 | 7 | 4 | 5 |
| 9 | 6 | 1 | 4 | 2 | 7 | 5 | 8 | 3 |
| 5 | 7 | 8 | 9 | 3 | 6 | 4 | 1 | 2 |
| 2 | 3 | 4 | 1 | 8 | 5 | 6 | 7 | 9 |
| 8 | 2 | 6 | 7 | 9 | 1 | 3 | 5 | 4 |
| 1 | 4 | 9 | 5 | 6 | 3 | 8 | 2 | 7 |
| 3 | 5 | 7 | 8 | 4 | 2 | 1 | 9 | 6 |

ଗତକାଲିର ଉତ୍ତର



# ଦୁର୍ଜନକୁ ଦର୍ପଣ ଡର

ଡ. ବିମଳ ଷଡ଼ଙ୍ଗୀ

ସାମାଜିକ କର୍ମୀ, ଓକିଲ ତଥା କନ୍ନଡ଼ ଲେଖିକା ବାନୁ ମୁସ୍ତାକ୍‌ଙ୍କ 'ହାର୍ଟ ଲ୍ୟାମ୍ପ' ମୁସ୍‌ଲିମ ଏବଂ ଦଳିତ ମହିଳାଙ୍କ ବାସ୍ତବିକ ଜୀବନକୁ ଆଲୋକପାତ କରୁଥିବା ଏକ ଆଇନା ବା ଦର୍ପଣ, ଯାହା ଧାର୍ମିକ ଅତ୍ୟାଚାର ଏବଂ ସାମାଜିକ ଅସମାନତା ଭଳି ବିଷୟବସ୍ତୁରେ ପରିପୂର୍ଣ୍ଣ କାହାଣୀ। ୨୦୨୫ ମସିହାରେ ସେହି ଉପନ୍ୟାସ ପାଇଁ ତାଙ୍କୁ ଅନ୍ତର୍ଜାତୀୟ ବୁକର ପୁରସ୍କାର ମିଳିଥିଲା।

ସର୍ବଜନବିଦିତ ଯେ, ହିନ୍ଦୁ ପରମ୍ପରା ଅନୁସାରେ ଦଶହରା ଦିନ ନାପିତ ଭାଇମାନେ ଘରକୁ ଘର ବୁଲି ଯେତେବେଳେ ସେମାନଙ୍କ ଆଇନା ବା ଦର୍ପଣଟିକୁ ଦେଖାନ୍ତି, ସେତେବେଳେ ତା'ର ଗଭୀର ତତ୍ତ୍ୱକୁ କେହି ନ ବୁଝି କେବଳ ଖୁସିରେ କିଛି ଟଙ୍କା ବକ୍ସିସ ଭାବରେ ସେମାନଙ୍କୁ ଦିଅନ୍ତି, ଯାହା ଲୌକିକ ଭାବରେ ଏକ ଦାନ ରୂପେ ଦେଖାଯାଏ। ମାତ୍ର ଆମକୁ ବୁଝିବାକୁ ପଡ଼ିବ ଯେ, ଦର୍ପଣ କେବଳ ଆମ ମୁହଁକୁ ଦେଖାଏ ନାହିଁ ବରଂ ଆମର ଆତ୍ମ-ପ୍ରତିଫଳନ ଯାହା ଆମକୁ ଆମ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଭାବକୁ ପରଖିବାକୁ ଚେତନା ଜାଗ୍ରତ କରିବା ସହିତ ମିଥ୍ୟା ଉପରେ ସତ୍ୟର ବିଜୟକୁ ଦର୍ଶାଏ। ଆମ ଭିତରର ଦୋଷଗୁଡ଼ିକୁ ସଙ୍କୋଚ ଭାବରେ ସାମ୍ନା କରିବାର ଆହ୍ୱାନ ସହିତ କ୍ରୋଧ, ଲୋଭ, ଅହଂକାର, ଈର୍ଷାମୁକ୍ତ ମନକୁ ପରିଷ୍କାର ରଖିବାକୁ ପ୍ରେରଣାଦିଏ। ଦର୍ପଣ ସୂଚାଇଦିଏ ଯେ, ପ୍ରକୃତ ସୌନ୍ଦର୍ଯ୍ୟ କେବଳ ବାହ୍ୟ ଦୃଶ୍ୟ ନୁହେଁ; ବରଂ ଆଭ୍ୟନ୍ତରୀଣ ପବିତ୍ରତାରେ ଭରିରହିଥାଏ।

ଜଣେ ବିଚାରବନ୍ତ ବ୍ୟକ୍ତି ବା ସୁଲେଖକ ହାତରେ ଥିବା ଦର୍ପଣ ବିଶ୍ୱସ୍ତ ଭାବରେ ବ୍ୟକ୍ତି, ପରିସ୍ଥିତି କିମ୍ବା ସମାଜ ବିଷୟରେ ନିରାଟ ସତ୍ୟକୁ ପ୍ରତିଫଳିତ କରେ ବା ପ୍ରତିନିଧିତ୍ୱ କରେ କିମ୍ବା ପ୍ରକାଶ କରେ। କୌଣସି ସମୟରେ ଦର୍ପଣ କଦର୍ଯ୍ୟତା ସୃଷ୍ଟି କରେ ନାହିଁ, ବରଂ ପୂର୍ବରୁ ଯାହା ଅଛି ତାହା ପ୍ରତିଫଳିତ କରେ। ଲେଖକ ନିଜର ଶାଣିତ ଉପସ୍ଥାପନାରେ ସମାଜରେ ସଂଗଠିତ ପ୍ରତ୍ୟେକ ସୁକର୍ମ ଓ କୁକର୍ମକୁ ପ୍ରକାଶ କରେ। ସମାଜରେ କିଛି ଅସତ୍ ବ୍ୟକ୍ତିଙ୍କ ଚଞ୍ଚକତାକୁ ପ୍ରକାଶ କରି ଏକ ଦର୍ପଣ ପରି ତାର ଦୋଷତ୍ରୁଟି ଦେଖାଏ। ସତ୍ୟ ପ୍ରକାଶିତ ହେଲେ ଖଳପ୍ରକୃତିର ଲୋକ ଅସହଜ ଅନୁଭବ କରନ୍ତି। ତେଣୁ ସେମାନେ ସମସ୍ୟାକୁ ସଂଶୋଧନ କରିବା ପରିବର୍ତ୍ତେ ଲେଖକଙ୍କ ବିରୋଧରେ କୁତ୍ସା ରଟନା କରି ଅସାଧୁ ମେଳି କରନ୍ତି, ମାତ୍ର ସତ୍ୟ ବା ମିଥ୍ୟାକୁ ଲୁଚାଇ ରଖିବାକୁ ଲେଖକ କେବେବି ଡରେନାହିଁ। ଖଳ ପ୍ରକୃତିର ଲୋକଙ୍କ କର୍ମରେ ସୁଧାର ପାଇଁ ଲେଖକ ସେମାନଙ୍କୁ ସୁଯୋଗ ଦିଅନ୍ତି ଓ ଯେଉଁ ଖଳ ବ୍ୟକ୍ତି ସୁଧୁରି ଯାଆନ୍ତି, ସେମାନେ ପରବର୍ତ୍ତୀ ସମୟରେ ଦସ୍ୟୁ ରତ୍ନାକରରୁ ବାଲ୍ମୀକି ହୋଇ ଜଣେ ଭଲ ମଣିଷ ହୁଅନ୍ତି ଆଉ କିଛି ଅମରୀ ଗଛ ପରି



'ଭଜ୍ୟତେ ନ ଚ ନମ୍ୟତେ' ଅର୍ଥାତ୍ 'ଭାଙ୍ଗିଯିବେ କିନ୍ତୁ ପରିବର୍ତ୍ତନ ହେବେ ନାହିଁ' ନ୍ୟାୟରେ ମୃତ୍ୟୁ ପର୍ଯ୍ୟନ୍ତ ସେମାନଙ୍କ ପଶୁ ପ୍ରବୃତ୍ତିର ପରିବର୍ତ୍ତନ କରନ୍ତି ନାହିଁ। ବେଳେବେଳେ ଲୋକଙ୍କ ପାଖରେ ନିଜର ଦୋଷ ଲୁଚାଇବାକୁ ଯାଇ ବାହାଦୁରି ପାଇଁ ଲେଖକଙ୍କୁ ସମାଲୋଚନା କରିବାକୁ ପଛାଇନଥା'ନ୍ତି। ଲେଖକ, ଚଳଚ୍ଚିତ୍ର ନିର୍ମାତା, ଖବରଦାତା ଏବଂ କଳାକାର ପ୍ରମୁଖଙ୍କୁ ପ୍ରାୟତଃ 'ସମାଜର ଦର୍ପଣ' କୁହାଯାଏ; କାରଣ ସେମାନଙ୍କ କାର୍ଯ୍ୟ ଲୋକଙ୍କ ସତ୍ୟ, ସଂଘର୍ଷ ଏବଂ ଆକାଂକ୍ଷାକୁ ଚିତ୍ରଣ କରିଥାଏ। ଇତିହାସ ଏପରି ଅନେକ ଲେଖକଙ୍କ ଉଦାହରଣ ପ୍ରଦାନ କରେ। ବ୍ୟାସକବି ଫକୀରମୋହନଙ୍କ 'ରେବତୀ', 'ଛ' ମାଣ ଆଠଗୁଣ୍ଠ' ଆଦି ଉପନ୍ୟାସ ଆଜି ମଧ୍ୟ ସମାଜର ଜୀବିତ ଦର୍ପଣ। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଓ ଗୋପୀନାଥ ମହାନ୍ତିଙ୍କ 'ପରଜା' ପ୍ରତ୍ୟେକ ତତ୍କାଳୀନ ସମାଜର ଗୋଟିଏ ଗୋଟିଏ ଦର୍ପଣ। ମୁନ୍‌ସି ପ୍ରେମଚାନ୍ଦ ତତ୍କାଳୀନ ସମାଜର କୃଷକଙ୍କ ଦୁଃଖ, ମହିଳାଙ୍କ ଶୋଷଣ ଏବଂ ଜାତିଭେଦର ନିଷ୍ଠୁରତା ବିଷୟରେ ଉପନ୍ୟାସଗୁଡ଼ିକ ଦ୍ୱାରା ସମାଜର ଦର୍ପଣ ପରି ଲୋକଲୋଚନାକୁ ଆଣିଥିଲେ, ଯେଉଁଥିପାଇଁ ତାଙ୍କ ଉପନ୍ୟାସଗୁଡ଼ିକୁ କେତେକ ଅତ୍ୟଧିକ କଠୋର ବୋଲି ସମାଲୋଚନା କରିଥିଲେ। କିନ୍ତୁ ପ୍ରେମଚାନ୍ଦ ସମାଜର ଲୁକ୍କାୟିତ ସତ୍ୟକୁ ଉଜାଗର କରିଥିଲେ। ସେହିପରି ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ପ୍ରାୟତଃ ଅନ୍ଧ ଜାତୀୟତାବାଦ ବିଷୟରେ ଚେତାବନୀ ଦେଇଥିଲେ, ଯାହା ଅନେକଙ୍କୁ କ୍ରୋଧିତ କରିଥିଲା। ୧୯୦୩ ମସିହାରେ ଜନ୍ମଗ୍ରହଣ କରିଥିବା ସମାଜବାଦୀ ଚିନ୍ତାଧାରାର ଲେଖକ ଜର୍ଜ ଅର୍‌ୱେଲ ତାଙ୍କ ଉପନ୍ୟାସ 'ଆନିମଲ ଫାର୍ମ' ପାଇଁ ସେ ସମୟର ବାସ୍ତବତାକୁ ଉପସ୍ଥାପନ କରି ବିଂଶ ଶତାବ୍ଦୀର ସବୁଠାରୁ ପ୍ରଭାବଶାଳୀ ଲେଖକମାନଙ୍କ ମଧ୍ୟରୁ ଜଣେ ହୋଇପାରିଥିଲେ। ଗୋଟିଏ ଚାଟୁକାର ଦ୍ୱାରା ମୁଦ୍ରିତ ପୁସ୍ତକ କ୍ଷଣିକ ଗର୍ବ ଦେଇପାରେ, କିନ୍ତୁ ଏହା ସମାଜକୁ ଜାଗରଣ ବା ପରିବର୍ତ୍ତନ କରେ ନାହିଁ। ଜଣେ ପ୍ରକୃତ ଲେଖକର କର୍ତ୍ତବ୍ୟ ହେଉଛି ବିବେକ ରକ୍ଷାକାରୀ ଭାବରେ କାର୍ଯ୍ୟ କରିବା, କେବଳ ସୁନ୍ଦର ଦିଗ ନୁହେଁ ବରଂ ସୁସ୍ଥ ହେବାକୁ ଥିବା କ୍ଷତ ମଧ୍ୟ ଦେଖାଇବା। ଯଦି ଦର୍ପଣ ଏକ ମଇଳା ମୁହଁ ଦେଖାଏ, ତେବେ ଦୋଷ ଦର୍ପଣର ନୁହେଁ ବରଂ ସେହି ବ୍ୟକ୍ତିଙ୍କର; ଯିଏ ମଳିନ ମୁଖକୁ ସଫା କରିବାକୁ କୁଣ୍ଠା ବୋଧକରେ। ତେଣୁ ସମାଜର ଅହିତ ସୃଷ୍ଟିକାରୀ ବ୍ୟବସ୍ଥାକୁ ଦର୍ଶାଉଥିବା ଲେଖକଙ୍କ କଲମ ଜାଗରଣର ଏକ ଉପକରଣ ହୋଇଯାଏ ଏବଂ ଆମକୁ ମନେପକାଇଦିଏ ଯେ ସମାଜ କେବଳ ସେତେବେଳେ ଉନ୍ନତି କରିପାରିବ, ଯେତେବେଳେ ଏହା ସତ୍ୟର ଦର୍ପଣରେ ଦେଖିବାକୁ ସାହସ କରିବ; ଯାହାକୁ ପାଥେୟ କରି ୨୦୨୪ ମସିହାରେ ଜାରା ଚୌଧୁରୀ ନିଜର ଆଲେଖ୍ୟ 'ଭାଗ୍ୟବାନ୍' ମାଧ୍ୟମରେ ୨୦୦୨ ଗୁଜରାଟ ଦଙ୍ଗା ସମୟରେ ତାଙ୍କର ସ୍ମୃତିକଥାର ଅଭିଜ୍ଞତାକୁ ପ୍ରକଟିତ କରିଥିଲେ, ଯାହା ତାଙ୍କୁ ୨୦୨୫ ମସିହାର ଶକ୍ତି ଭଟ୍ଟ ପୁରସ୍କାର ଦେଇଥିଲା। ଝା ଜାସିଣ୍ଟା କେରକେଟା ଜଣେ ହିନ୍ଦୀ ଭାଷାର ସାମ୍ବାଦିକା ଏବଂ କବି, ଯାହାଙ୍କ କାର୍ଯ୍ୟ ଆଦିବାସୀ ଯୁବତୀ ଯୁବକଙ୍କ ସଂଘର୍ଷ, ଲିଙ୍ଗ-ଭିତ୍ତିକ ହିଂସା, ବିସ୍ଥାପନ ଏବଂ ରାଜ୍ୟ ଉଦାସୀନତାକୁ ମୁକ୍ତ ଭାବରେ ପ୍ରକାଶ କରେ।

ମାତ୍ର ଦର୍ପଣଟି ଯେତେବେଳେ ଦୁର୍ଜନ ବ୍ୟକ୍ତି ହାତରେ ପଡ଼େ, ସେତେବେଳେ ସେ ତାହାର ମୂଲ୍ୟକୁ ନ ବୁଝି ଭୁଲ୍ ଉପସ୍ଥାପନ କରି ସମାଜର କ୍ଷତି ଘଟାଏ, ଠିକ୍ ଯେପରି କାମୁଡ଼ା କୁକୁରଟିଏ ଦର୍ପଣ ଦେଖିଲେ ରାଗରେ ଦର୍ପଣରେ ପ୍ରତିଫଳିତ ତା' ନିଜ ମୁହଁକୁ କାମୁଡ଼ି ଗୋଡ଼ାଏ ବା କୁକୁଡ଼ାଟିଏ ନିଜର ପ୍ରତିବିମ୍ବକୁ ଖୁମ୍ପିବା ଆରମ୍ଭ କରେ, କାରଣ ସେ ଦର୍ପଣକୁ ବ୍ୟବହାର କରି ଶିଖି ନ ଥାଏ ବା ଦର୍ପଣ କ'ଣ କହୁଛି ତାହା ଜାଣିବାକୁ ତା'ର 'ଜ୍ଞ' ନଥାଏ। ଆଜିକାଲି କିଛି ନୀଚ ପ୍ରକୃତିର ବ୍ୟକ୍ତି ନିଜର କୁ ବୁଦ୍ଧି ଦ୍ୱାରା ଏବଂ କୃତ୍ରିମ ବୁଦ୍ଧିମତ୍ତାର ସହାୟତାରେ ସୋସିଆଲ ମିଡିଆକୁ ଏକ ଡିଜିଟାଲ ଦର୍ପଣ ଭାବରେ ବ୍ୟବହାର କରି ନିଜର ବଡ଼ିମା, ଶଠତାପୂର୍ଣ୍ଣ ଉଚ୍ଚାରଣ, ଆଚରଣ ଇତ୍ୟାଦିକୁ ପ୍ରଚାର ଓ ପ୍ରସାର କରି ଜନସାଧାରଣଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସେବା ନାମରେ ମିଥ୍ୟା ବିଜ୍ଞାପନ ଦ୍ୱାରା ସାଧାରଣ ଜନତାଙ୍କୁ ଶୋଷଣ କରୁଛନ୍ତି, ଯେଉଁଥିପାଇଁ ସ୍ୱାଧୀନତାର ଅଠସ୍ତରି ବର୍ଷ ପରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସଗୃହ, ବିଜୁଳି, ପିଇବା ପାଣି, ପୋଷଣଯୁକ୍ତ ଖାଦ୍ୟ, ଯୁବକଙ୍କ ପାଇଁ କର୍ମ ଯୋଗାଣ ଇତ୍ୟାଦି ଆଜି ସ୍ୱପ୍ନ। ଠିକ୍ ଯେପରି ୧୮୬୬ ମସିହାର ନ' ଅଙ୍କ ଦୁର୍ଭିକ୍ଷରେ ଇଂରେଜ ଶାସକ ଓଡ଼ିଶାର ଖାଦ୍ୟ ମହଜୁଦର ଭୁଲ୍ ତଥ୍ୟ ଦେଇ ଲକ୍ଷ ଲକ୍ଷ ସାଧାରଣ ଜନତାଙ୍କ ଜୀବନ ନେଇଥିଲା। ତେଣୁ ମୁଖାପିନ୍ଧା ଦୁର୍ଜନଙ୍କୁ ପ୍ରକୃତ ଦର୍ପଣ ଦେଖାଇ ଦଣ୍ଡ ଦେବାକୁ ପଡ଼ିବ। କାରଣ ଦୁର୍ଜନର ସର୍ବଦା ଦର୍ପଣକୁ ଡରଥାଏ, ଆଉ ସେ ଭଲ ଭାବରେ ଜାଣେ ଦର୍ପଣ ସବୁବେଳେ ସତ କୁହେ।

**ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର**
**ମୋ: ୯୪୩୭୧୨୩୮୯୨**



# ସବୁଥାଇ ପଛୁଆ

ଡ. ମୌସୁମୀ ପରିଡ଼ା

ଆମ ରାଜ୍ୟରେ ଭିତ୍ତିଭୂମିର ଅଭାବ ରହିଛି କିମ୍ବା ପରିବେଶ ଓ ପରିସ୍ଥିତି ପ୍ରଭାବରେ ଉତ୍ପାଦନ କ୍ଷମତା ହ୍ରାସ ପାଉଛି, ସେସବୁର ନିଷ୍କର୍ଷ ବାହାର କରିବାକୁ ହେଲେ ଅନ୍ୟ ରାଜ୍ୟର ପାରିପାର୍ଶ୍ୱିକ ସ୍ଥିତି ସହିତ ଆମକୁ ତୁଳନାତ୍ମକ ବିଚାର କରିବାକୁ ପଡ଼ିବ। ଆମର କେଉଁ ଜିନିଷ ବିଶ୍ୱସ୍ତରୀୟ ଅଥଚ ଭିତ୍ତିଭୂମିର ବିକାଶ ହୋଇପାରିନଥିବାରୁ ତାହା ଲୋକଲୋଚନର ଆଢୁଆଳରେ ରହିଯାଇଛି ସେସବୁକୁ ବୁଝିବାକୁ ହେବ। ଏମିତିରେ ଆଜିକାଲି ଜମିବାଡ଼ି ପଡ଼ିଆ, ଗୋରୁଙ୍କ ଚରାଭୂଇଁ ପାଲଟିଛି। ଅନେକ ସମୟରେ ଅଦିନିଆ ଝଡ଼ବର୍ଷା ଚାଷୀମାନଙ୍କ ଅଣ୍ଟା ଭାଙ୍ଗି ଦେଉଛି।

ଅତୀତକୁ ଗଲେ ଜଣାପଡ଼ିବ ଆଗକାଳେ ପ୍ରତି ଘରେ ଋତୁ ଅନୁଯାୟୀ ଜହ୍ନି, ଛଚିନ୍ଦ୍ରା, କାକୁଡ଼ି, କଖାରୁ, ପୋଇ ଆଦି ପନିପରିବା ଭାଡିରେ ମାଡୁଥିଲା। ବାରିଘରେ ଅମୃତଭଣ୍ଡା, ବିଲାତି ସହିତ ବିଭିନ୍ନ ପ୍ରକାରର ଶାଗ ମିଳୁଥିବାରୁ ବଜାରରୁ ବିଶେଷ ପନିପରିବା ଘରକୁ ଆଣିବାକୁ ପଡୁନଥିଲା। ପ୍ରତି ଘର ଆଗରେ ପ୍ରାୟ ଗୋଟେ ଦୁଇଟା ସଜନା ଗଛ ଥିଲା। ଏବେ ଏସବୁ ଘରମାନଙ୍କରେ ଉପଲବ୍ଧ ହେବା ସ୍ୱପ୍ନ। ଏଠି ଇଣ୍ଡଷ୍ଟ୍ରି ନାହିଁ, ନିଯୁକ୍ତିର ସୁଯୋଗ ନାହିଁ। ରାଜ୍ୟ ବେକାରି ସମସ୍ୟା ପରି ଅସରନ୍ତି ସମସ୍ୟାରେ ଭାରାକ୍ରାନ୍ତ। ସେଥିରେ ପୁଣି ସମୟେ ସମୟେ ବାତ୍ୟା, ଲଘୁଚାପଜନିତ ବର୍ଷାରେ ଚାଷୀକୁଳର କ୍ଷତି ହୋଇଚାଲିଛି। ପ୍ରତିକୂଳ ପରିବେଶରେ ଶୀତଳ ଭଣ୍ଡାରର ଅଭାବରୁ ଚାଷୀମାନେ ଚାଷକାମରୁ ମୁହଁ ଫେରାଇ ନେଉଛନ୍ତି। କ୍ୱଚିତ୍ ଲୋକ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସେଥିପାଇଁ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହନ୍ତି।

ବିଲରେ ଖଟିବାକୁ ଏଠାକାର ଲୋକେ ରାଜି ହେଉ ନ ଥିବାରୁ ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ କିମ୍ବା ତେଲଙ୍ଗାନାରୁ ଲୋକଙ୍କୁ ଅଣାଯାଉଛି। ଫଳତଃ ସେମାନେ ଏଠିକାର ସ୍ଥାୟୀ ବାସିନ୍ଦା ପାଲଟିଯାଉଛନ୍ତି! ଆଉ କିଛି କାମ ଆଳରେ ଆମ ରାଜ୍ୟକୁ ଆସି ବର୍ଷ ବର୍ଷ ଧରି ରହିଯାଇ ଜମିବାଡି ପଟ୍ଟା ପାଇବାକୁ ଆବେଦନ କଲେଣି! ଏସବୁ ପାଇଁ କେଉଁଠି ନା କେଉଁଠି ଲୋକଙ୍କର ଅଳସୁଆମି, ବୀତସ୍ପୃହତା ଓ ପ୍ରଶାସନିକ ବ୍ୟବସ୍ଥା ଦାୟୀ। ଫଳରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅନ୍ୟ ରାଜ୍ୟ ତୁଳନାରେ ପଛୁଆ। ବହୁ ସମୟରେ ବିଭିନ୍ନ ରାଜ୍ୟରୁ ପନିପରିବା ପରି ଅନେକ ଜିନିଷ ଆମଦାନୀ କରିବାକୁ ହେଉଛି। ଅବଶ୍ୟ ଓଡ଼ିଶା କନ୍ଦମୂଳ ଓ ପାଳଛତୁ ଉତ୍ପାଦନରେ ଭାରତରେ ପ୍ରଥମ। ବାଇଗଣ, କୋବି ଉତ୍ପାଦନରେ ଦ୍ୱିତୀୟ ଓ କାଜୁ ଉତ୍ପାଦନରେ ତୃତୀୟ ସ୍ଥାନ ଅଧିକାର କରିଛି। ତେବେ ବି ଭିତ୍ତିଭୂମିର ବିକାଶ ହୋଇପାରି ନ ଥିବାରୁ ଚାଷ ବିଶେଷ ଭାବେ ପ୍ରଭାବିତ ହେଉଛି। ବିଭିନ୍ନ ଫଳ, ପିଆଜ, ରସୁଣ ଓ ଅନ୍ୟାନ୍ୟ ପନିପରିବା ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ନୁହେଁ। ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟ ସହିତ ଆନ୍ଧ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ପରି ତଟବର୍ତ୍ତୀ ରାଜ୍ୟଗୁଡିକରେ ପାଖାପାଖି ସମାନ କ୍ଷୟକ୍ଷତି କରୁଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ଏହାର ଯଥାସମ୍ଭବ ମୁକାବିଲା କରିପାରୁଛନ୍ତି। କିନ୍ତୁ ଆମ ରାଜ୍ୟ ସେସବୁର ମୁକାବିଲା କରିବାରେ ସେତେ ପରିପକ୍ୱ ନୁହେଁ। କାରଣ ସେମାନେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଆମଠାରୁ ଆଗୁଆ।



ଋତୁଭିତ୍ତିକ ଚାଷକାର୍ଯ୍ୟ ସହିତ ବୈଷୟିକ କଳାକୁଶଳତା ସେମାନଙ୍କ କୃଷିକୁ ଅଧିକ ମଜଭୁତ କରିପାରିଛି, ଯାହା ଓଡ଼ିଶାରେ ଏଯାଏ ସମ୍ଭବ ହୋଇପାରୁନାହିଁ। ତଥାକଥିତ ପୁରୁଣା ପ୍ରଣାଳୀ ଦ୍ୱାରା କାମ ହେଉଥିବାରୁ ଅଭିବୃଦ୍ଧି ହାର ଅନ୍ୟ ରାଜ୍ୟଗୁଡିକଠାରୁ ପଛରେ। ଆଉ ଏକ କାରଣ ହେଲା -ସେମାନେ ନିଜ ପ୍ରାକୃତିକ ସମ୍ବଳର ଉପଯୁକ୍ତ ବିନିଯୋଗ କରୁଛନ୍ତି। ପଶ୍ଚିମବଙ୍ଗରୁ ଆଳୁ, ଚାଉଳ ପରି ଅନେକ ଜିନିଷ ଓଡ଼ିଶାକୁ ରପ୍ତାନି ହେଉଛି। ଝୋଟ ଉତ୍ପାଦନ ପାଇଁ ପଶ୍ଚିମବଙ୍ଗ ଉପରେ ଅନ୍ୟ ରାଜ୍ୟଗୁଡିକ ନିର୍ଭରଶୀଳ। ଓଡ଼ିଶାରେ ପ୍ରଚୁର ଖଣିଜ ପଦାର୍ଥ ରହିଛି ସତ କିନ୍ତୁ କୃଷି ପ୍ରଣାଳୀ ଅନ୍ୟମାନଙ୍କ ତୁଳନାରେ ସମୃଦ୍ଧ ନୁହେଁ। ଅତୀତରେ ଝୋଟ ଉତ୍ପାଦନରେ ଆଗୁଆ ଥିଲା ଆମ ରାଜ୍ୟ। ଏବେ ତଳକୁ ଖସିଛି।

ଆନ୍ଧ୍ରପ୍ରଦେଶ ହେଉଛି ଭାରତର ଭାତହାଣ୍ଡି। ବିଭିନ୍ନ ଖଣିଜପଦାର୍ଥରେ ଭରପୂର ଥିବା ଏହି ରାଜ୍ୟ କଦଳୀ, ଆମ୍ବ ଚାଷ ପାଇଁ ପ୍ରସିଦ୍ଧ। ସାମୁଦ୍ରିକ ଜୀବ ରପ୍ତାନିରେ ଆନ୍ଧ୍ରପ୍ରଦେଶର ପ୍ରମୁଖ ଭୂମିକା ରହିଛି। କେରଳର କିଛି ଅଂଶକୁ ପୂର୍ବତଟବର୍ତ୍ତୀ ଅଞ୍ଚଳରେ ସାମିଲ୍ କରାଗଲେ ଜଣାଯିବ ଯେ ଏହା ଛୋଟ ହେଲେ ମଧ୍ୟ ବିଭିନ୍ନ ମସଲାମସଲି, ରବର, କଫି, ଚା, ନଡ଼ିଆ, ଗୋଲମରିଚ, କଦଳୀ ଉତ୍ପାଦନରେ ବେଶ୍ ସକ୍ରିୟ। ତାମିଲନାଡୁ କଫି, ଲଙ୍କା, ରବର, ଗୋଲମରିଚ, କଦଳୀ ଚାଷରେ ଆଗୁଆ। ଦକ୍ଷିଣ ଭାରତର କଫି, ଆଖୁ, ରବର ବିଭିନ୍ନ ଚାରାଗଛ ଓଡ଼ିଶାକୁ ଆସେ। ଦକ୍ଷିଣ ଭାରତରେ ପ୍ରଚୁର ଫୁଲ ଚାଷ ହୁଏ। ସେମାନେ ବାହାରକୁ ରପ୍ତାନି କରି ବି ନିଜର ଚାହିଦା ପୂରଣ କରିଥାନ୍ତି। ବଡ଼କଥା ହେଲା ସେମାନେ ପରିଶ୍ରମୀ। ବିଭିନ୍ନ କାମରେ ବ୍ୟସ୍ତ ରହିବାକୁ ପସନ୍ଦ କରନ୍ତି। ଦକ୍ଷିଣ ଭାରତର ରାସ୍ତା ଓ ପର୍ଯ୍ୟଟନ ଶିଳ୍ପ ମଧ୍ୟ ବେଶ୍ ସୁଦୃଢ଼। ସେମାନଙ୍କ ଘରର ମହିଳାମାନେ ଘରକାମ ସହିତ ବାହାର କାମ ତୁଲାନ୍ତି। ସେ ଅନୁସାରେ ଆମ ରାଜ୍ୟରେ ପ୍ରାକୃତିକ ସମ୍ବଳ କମ୍ ନାହିଁ। କିନ୍ତୁ ସେସବୁର ଠିକ୍ ବିନିଯୋଗ ହୋଇପାରେ ନାହିଁ। ସେଥିପାଇଁ ମାନସିକତାର ଅଭାବ ପରିଲକ୍ଷିତ ହୁଏ।

ଦେଶବିଦେଶରେ ଆମ ରାଜ୍ୟର ହସ୍ତତନ୍ତର ଖୁବ୍ ଚାହିଦା। କୁଟୀରଶିଳ୍ପକୁ ମଧ୍ୟ ଏଥିରେ ସାମିଲ୍ କରାଯାଇପାରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ଛାଠିଏ ପଉଟିରୁ ଜଣାପଡ଼େ କେତେ ପ୍ରକାରର ଖାଦ୍ୟ ଓଡ଼ିଶା ସଂସ୍କୃତିରେ ଭରିରହିଛି। ସେ ଅନୁସାରେ ଆମ ପାରମ୍ପରିକ ଖାଦ୍ୟ ବିଶ୍ୱସ୍ତରୀୟ ହେବା କଥା କିନ୍ତୁ ସଚେତନତାର ଅଭାବ ହେତୁ ପ୍ରଚାର ପ୍ରସାର ହୋଇପାରୁନାହିଁ। ଜଗତସିଂହପୁର।

**ମୋ: ୯୪୩୭୩୧୭୦୨୬**

## ଏଇ ଭାରତରେ

ମାତ୍ର ୮୦ ବର୍ଗଫୁଟର ଘରେ ମାଇକ୍ରୋଗ୍ରୀନ ଚାଷ କରି ମାସକୁ ୫ ଲକ୍ଷ ଟଙ୍କାର ବ୍ୟବସାୟ କରୁଛନ୍ତି ପୂର୍ବତନ ବ୍ୟାଙ୍କ କର୍ମଚାରୀ ଅଜୟ ଗୋପୀନାଥ। ମାଇକ୍ରୋଗ୍ରୀନ୍ (ବିଭିନ୍ନ ଶସ୍ୟର ମଞ୍ଜିରୁ ଗଜା ହେବା ପରେ କଅଁଳ ଅବସ୍ଥାର ଛୋଟ ଗଛ)କୁ ବିଶେଷ କରି ସାଲାଡ, ଶୁପ, ସାଣ୍ଡୱିଚ ଇତ୍ୟାଦିରେ ପୌଷ୍ଟିକ ଗୁଣ, ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରାଯାଏ। ଏଣୁ ଏହାର ଚାହିଦା ଅଧିକ। ଏ ଦୃଷ୍ଟିରୁ ଅଜୟ କମ୍ ଜାଗାରେ ବୈଜ୍ଞାନିକ ପଦ୍ଧତିରେ ଘର ଭିତରେ ବିନା ମାଟି ଓ ସୂର୍ଯ୍ୟାଲୋକରେ ଚାଷ କରି ଅଧିକ ଲାଭ ପାଇପାରୁଛନ୍ତି। ସେ 'ଗୋ ଗ୍ରୀନ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହାର ବ୍ୟବସାୟ କରୁଛନ୍ତି। ଘର ଭିତର ତାପମାତ୍ରା ୨୫ ଡିଗ୍ରୀ ସେଲସିୟସ ତଳେ ରହୁଛି ଏବଂ ଆର୍ଦ୍ରତା ୪୦ରୁ ୬୦ ପ୍ରତିଶତ ମଧ୍ୟରେ ରଖାଯାଇ ଚାଷ କରାଯାଉଛି। ଅଜୟ ସିଟିଗ୍ରୁପର କର୍ମଚାରୀ ଥିଲେ ଏବଂ ତାହାକୁ ଛାଡ଼ି ୨୦୧୭ରେ ମାଇକ୍ରୋଗ୍ରୀନ ଚାଷ ପରୀକ୍ଷା ଭିତ୍ତିରେ ଆରମ୍ଭ କରିଥିଲେ। ପରେ ଭାରତ ଏବଂ ଇଂଲଣ୍ଡର ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଚାଷକୁ ଆଗକୁ ବଢ଼ାଇ ସଫଳତା ପାଇପାରିଛନ୍ତି। ଏବେ ୧୫ ପ୍ରକାର ମାଇକ୍ରୋଗ୍ରୀନ୍ ଚାଷ କରି ୫ ଲକ୍ଷ ଟଙ୍କାର ବ୍ୟବସାୟ କରି ଯଥେଷ୍ଟ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ସେପ୍ଟେମ୍ବର ୧୯୭୬**

- ସମ୍ପ୍ରତି ଉତ୍ତର ପ୍ରଦେଶରେ ଦେଖା ଦେଇଥିବା ପ୍ରଳୟଙ୍କରୀ ବନ୍ୟାରେ ସଂଗୃହିତ ପ୍ରାଥମିକ ବିବରଣୀ ଅନୁଯାୟୀ ୧୮୯ ଜଣଙ୍କ ମୃତ୍ୟୁ।
- ଭାରତ ଓ ବାଂଲାଦେଶର ସର୍ଭେ ଅଫିସରମାନେ ଦୁଇ ଦେଶର ସୀମାନ୍ତ ଚିହ୍ନିତ ହୋଇଥିବା ପ୍ରାୟ ୬୦ଟି ମାନଚିତ୍ରରେ ଦସ୍ତଖତ କରିଛନ୍ତି।

## ଚିରନ୍ତନୀ

ଗାଏ ତା'ର ଯଶ କବି,
ସେ ଯେ ନିତ୍ୟ ମୁକ୍ତିର ବନ୍ଧନ
ଏକ ସଙ୍ଗେ ଅପରର ମୁକ୍ତି
ତହିଁ ପରମ ସାଧନ ।
ଏହି ଚକ୍ରବାକର ଦମ୍ପତି-
ନାହିଁ ତହିଁ ସ୍ୱାର୍ଥ ଆଶା ଦୁଇ ଲୋଡ଼େ
ଦୁଇର ମୁକତି ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେଣ୍ଡ ନା ଟ୍ରାପ୍

ମହାଶୟ,

ଏବେ ସୋସିଆଲ ମିଡିଆରେ ଚାଲିଛି ଗୁଗଲ ଜେମିନି ଟ୍ରେଣ୍ଡ । ୟୁଜର ପୁରୁଣା ସ୍ମୃତିକୁ ଗୁଗଲ ଜେମିନି ଟଚ୍ ଦେଇ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରୁଛନ୍ତି । ଏଆଇ ସହାୟତାରେ ଏହି ନୂଆ ଟ୍ରେଣ୍ଡ ନିଜ ଯାଦୁ ମାଧ୍ୟମରେ ଦୁନିଆର ଲୋକଙ୍କୁ ବଶୀଭୂତ କରିନେଇଛି । କୌଣସି ଠାକୁରଙ୍କ ଫଟୋକୁ ନେଇ ଗୁଗଲ ଜେମିନି ଷ୍ଟାଇଲରେ ଫଟୋ କରାଯାଉଛି । ଏହି ଫଟୋ ଏବେ ଲୋକମାନଙ୍କୁ ପାଗଳ କରିଦେଇଛି । ଆପଣ ନିଜର ବ୍ୟକ୍ତିଗତ ଫଟୋ ଅପ୍‌ଲୋଡ୍ କରୁଛନ୍ତି, ସେଗୁଡ଼ିକ ଏଆଇ କମ୍ପାନୀ ଦ୍ୱାରା ସଂଗ୍ରହ କରାଯାଇ ତାଲିମ ପାଇଁ ବ୍ୟବହାର ହୋଇପାରେ। ଏହା ଆପଣଙ୍କ ଅନୁମତି ବିନା ଘଟିପାରେ। ଅପ୍‌ଲୋଡ୍ କରାଯାଇଥିବା ଫଟୋ ଯେପରି ସ୍ଥାନ କିମ୍ବା ସମୟରେ ବାହାର କରାଯାଇ ଆପଣଙ୍କ ଗୋପନୀୟତାକୁ ବିପଦରେ ପକାଇପାରେ। ଟ୍ରେଣ୍ଡ ଯୋଗୁ ଅନେକ ୟୁଜର୍ସ ନିଜର ପ୍ରାଇଭେଟ୍ ଫଟୋ ସହ ୟୁନିକ୍ ଫେସିଆଲ ଡାଟା ମଧ୍ୟ ଶେୟାର କରୁଛନ୍ତି। ଏହା ଆଗାମୀ ପରିସ୍ଥିତିରେ ବିପଦ ହୋଇପାରେ। ତେବେ ଚିନ୍ତା କରିବାର ସମୟ ଆସିଯାଇଛି ଯେ କିଛି କ୍ଷଣର ମଜା ପାଇଁ ଆପଣ ଗୁଗଲ ଜେମିନି ଫଟୋ ତିଆରି କରିବେ ନା ନିଜ ବ୍ୟକ୍ତିଗତ ଫଟୋକୁ ଏଆଇ କବଳରୁ ସୁରକ୍ଷିତ ରଖିବେ । ନ ହେଲେ ନେଡ଼ିଗୁଡ଼ କହୁଣିରେ ପହଞ୍ଚିପାରେ। ଆପଣଙ୍କ ତଥ୍ୟ ଅନ୍ୟର ବ୍ୟବସାୟ ହୋଇପାରେ ।

**- ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ଘଟଣା

# ଠକେଇ ଶିକାର ପୀଡ଼ିତ ହେଲେ ଅଭିଯୁକ୍ତ


ଗିରଫ ୪ ଅଭିଯୁକ୍ତ ।

■ ଗଜପତିରୁ ୪ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ
■ ଠକେଇର ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନାଙ୍କ ପତ୍ତା ମିଳୁନି


ଜବତ ମୋବାଇଲ ଓ ସାର୍ଟିଫିକେଟ୍ ।

ଭୁବନେଶ୍ୱର,୨୨।୯(ସତ୍ୟଜିତ୍ ରାଉତ)

ଅପହୃତ ଟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତ୍ୟୁ ଘଟଣାରେ କମିଶନରେଟ୍ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଚାକିରି ପାଇବାକୁ ଟଙ୍କା ଦେଇ ଠକେଇର ଶିକାର ହୋଇଥିବା ପୀଡ଼ିତମାନେ ଏବେ ଅଭିଯୁକ୍ତ ପାଲଟିଛନ୍ତି । ଯାଜପୁର ରୋଡ୍‌ରେ ଅପହର୍ତ୍ତାଙ୍କ ହେପାଜତରେ ବିଦ୍ୟାଧର ଆତ୍ମହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଭୁବନେଶ୍ୱର ଆଣି ଫିଙ୍ଗିଦିଆଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଥିବା ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଏନ୍. ଦିଲୀପ କୁମାର (୩୭), ରମେଶ ଚନ୍ଦ୍ର ବେହେରା (୫୬), ଗୁରାଣ୍ଡି ଅଞ୍ଚଳର ଦୀପକ କୁମାର ସାହୁକାର (୩୦) ଓ ରବୀନ୍ଦ୍ର ବେହେରା (୫୦)ଙ୍କୁ ପୋଲିସ ଗିରଫ କରିଛି । ସୋମବାର ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀ କରି ଠକେଇ ଓ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାର ପୂରା ରହସ୍ୟ ବଖାଣିଛନ୍ତି । ତେବେ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ୪ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଠକେଇର ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆଙ୍କ ପତ୍ତା ପାଇପାରି ନାହିଁ । ମାତ୍ର ଆଗକୁ ଗିରଫଦାରି ସଂଖ୍ୟା ବଢ଼ିବ ବୋଲି କମିଶନର ସୂଚନା ଦେଇଛନ୍ତି । ଅଭିଯୁକ୍ତମାନଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ବିଦ୍ୟାଧରଙ୍କ ବ୍ୟାଗରୁ ମିଳିଥିବା ବହୁ ରବର ଷ୍ଟାମ୍ପ, ଷ୍ଟାମ୍ପ ପ୍ୟାଡ୍ ଓ ସାର୍ଟିଫିକେଟ୍ ଆଦି ଜବତ କରି ପୋଲିସ ତଦନ୍ତ କରୁଛି । ଅପହରଣ, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା, ପ୍ରମାଣ ନଷ୍ଟ ଆଦି ଦଫାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି ।

## ଅପହରଣରୁ ଆତ୍ମହତ୍ୟା

ଅପହରଣରୁ ଆତ୍ମହତ୍ୟା ଓ ପରେ ମୃତଦେହ ଫିଙ୍ଗିବା ପର୍ଯ୍ୟନ୍ତ ୬ଦିନର ଘଟଣାବଳୀକୁ ନେଇ ହୋଇଥିବା ତଦନ୍ତରୁ ପୋଲିସ ବହୁ ତଥ୍ୟ ପାଇଛି । ବିଦ୍ୟାଧରଙ୍କୁ ଟଙ୍କା ଦେଇଥିବା ଗଜପତି ଜିଲାର ଅଭିଯୁକ୍ତମାନଙ୍କ ସମେତ ଅନ୍ୟ କେତେଜଣ ସେପ୍ଟେମ୍ବର ୧୫ ସୋମବାର ଭୁବନେଶ୍ୱର ଆସିଥିଲେ । ବାଲେଶ୍ୱର ଓ ଯାଜପୁର ଅଞ୍ଚଳରୁ ମଧ୍ୟ କେତେଜଣ ପହଞ୍ଚିଥିଲେ । ଆଶାୟୀମାନେ ଭଞ୍ଜକଳା ମଣ୍ଡପ ନିକଟ ରାସ୍ତାରେ ବିଦ୍ୟାଧରଙ୍କୁ ଭେଟି ୧.୫ କୋଟି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ । ଏହାପରେ ବିଦ୍ୟାଧର ତାଙ୍କ ମ୍ୟାଡାମ୍ ଜ୍ୟୋତ୍ସ୍ନାଙ୍କୁ କଲ୍ କରିଥିଲେ । ସେ ଚାକିରି ଆଶାୟୀମାନଙ୍କୁ ଗାଳିଗୁଲଜ କରିଥିଲେ । ପରେ ଆଶାୟୀମାନେ ବିଦ୍ୟାଧରଙ୍କୁ ଧରି ଜ୍ୟୋତ୍ସ୍ନାଙ୍କୁ ଖୋଜାଖୋଜି କରିଥିଲେ । ଜ୍ୟୋତ୍ସ୍ନାଙ୍କୁ ନ ପାଇବାରୁ ରାତିରେ ବିଦ୍ୟାଧରଙ୍କୁ ଅପହରଣ କରି ଠକେଇର ଶିକାର ଅନ୍ୟତମ ଚାକିରି ଆଶାୟୀ ତପନଙ୍କ ଯାଜପୁର ରୋଡସ୍ଥିତ ଭଡ଼ାଘରକୁ ନେଇଯାଇଥିଲେ । ମଙ୍ଗଳବାର ଭୋର ୪ଟାରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ବିଦ୍ୟାଧରଙ୍କୁ ବନ୍ଦୀ କରି ରଖିଥିଲେ । ବୁଧବାର ସେମାନେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ କଲ୍ କରି ସ୍ୱାମୀଙ୍କ କାରାନାମା ବିଷୟରେ କହିବା ସହ ସାର୍ଟିଫିକେଟ୍ ଓ ଟଙ୍କା ଫେରାଇଦେବାକୁ କହିଥିଲେ । ସେଦିନ ତପନ ଓ ମୋହନ ନାମକ ଯୁବକ ବିଦ୍ୟାଧରଙ୍କ ଘରକୁ ଆସି ତାଙ୍କ ସ୍ତ୍ରୀଙ୍କଠାରୁ ସାର୍ଟିଫିକେଟ୍ ଭର୍ତ୍ତି ବ୍ୟାଗ୍ ନେଇଥିଲେ । ହେଲେ ସେଥିରେ ଅନ୍ୟ ଆଶାୟୀଙ୍କ ଦସ୍ତାବିଜ ଥିବାରୁ ଅଭିଯୁକ୍ତମାନେ ବୁଧବାରଠାରୁ ଶୁକ୍ରବାର ନିୟମିତ ମାମିନାଙ୍କୁ କଲ୍ କରି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ । ଏହା ଭିତରେ ବିଦ୍ୟାଧର ଅପହର୍ତ୍ତାଙ୍କ ଚାପରେ ପଡ଼ି ମାନସିକ ଭାରସାମ୍ୟ ହରାଇ ବସିଥିଲେ । ୧୯ ତାରିଖ ଶୁକ୍ରବାର ସକାଳ ୬ଟାରେ ସେ ଶୌଚ ହେବାକୁ କହି ଟଏଲେଟ୍‌ପାଖ ଗୁହାଳରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଦେଇଥିଲେ । ଏହାପରେ ଟଙ୍କା ପାଇବାକୁ ଆଶା ରଖିଥିବା ଅଭିଯୁକ୍ତମାନେ ଭୟଭୀତ ହୋଇପଡ଼ିଥିଲେ । ବିଳମ୍ବ ରାତିରେ ବିଦ୍ୟାଧରଙ୍କ ମୃତଦେହକୁ କାର୍‌ରେ ଭୁବନେଶ୍ୱର ଆଣି ବାରଙ୍ଗ-ପିତାପଲ୍ଲୀ ରୋଡର ଏକ ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦେବାକୁ ଚାହିଁଥିଲେ । ସେପଟେ ମାମିନା ବଡ଼ଗଡ଼ ଥାନାରେ ସ୍ୱାମୀଙ୍କ ନିଖୋଜ ଏତଲା ଦେଇ ଅପହର୍ତ୍ତାଙ୍କ ନମ୍ବର ଦେଇଥିଲେ । ପୋଲିସ ଉକ୍ତ ନମ୍ବରକୁ କଲ୍ କରିବା ପରେ ଅଭିଯୁକ୍ତମାନେ ମୃତଦେହ ଛାଡ଼ି ପଳାଇଥିଲେ । ୨୦ ତାରିଖରେ ବିଦ୍ୟାଧରଙ୍କ ମୃତଦେହ ପାଇବା ପରେ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା ।

# ୩୦୫ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ


ଜବତ ବାଇକ୍ ଓ ବ୍ରାଉନସୁଗାର ସହ ଗିରଫ ଅଭିଯୁକ୍ତ ।

ବାଲେଶ୍ୱର, ୨୨।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ସହରଦେବଝୁଣ୍ଟା ଆଦର୍ଶ ଥାନା ଅଧୀନ ଅରଡ଼ବଜାର ପାଲଟିଛି ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ । ପୋଲିସ କି ଅବକାରୀ ବିଭାଗ ପକ୍ଷରୁ ଯେତେ ଚଢ଼ାଉ କରାଯାଉଥିଲେ ବି ଏହାକୁ ରୋକାଯାଇପାରୁନାହିଁ । ବିଶେଷକରି ପୋଲିସକୁ ଚକ୍ମା ଦେବା ପାଇଁ ମହିଳାଙ୍କୁ କାରବାରରେ ସାମିଲ କରାଯାଉଛି । ଆସନ୍ତା ପର୍ବ ଋତୁକୁ ଲକ୍ଷ୍ୟ କରି ନିଶା ବେପାରୀମାନେ ସକ୍ରିୟ ହୋଇଉଠିଛନ୍ତି । ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇ ରିଣ୍ଟୁ ତରେଇଙ୍କୁ ଗିରଫ କରାଯାଇଛି । ତାଙ୍କ ନିକଟରୁ ୩୦୫ ଗ୍ରାମ୍ ବ୍ରାଉନସୁଗାର ଓ ଏକ ବୁଲେଟ୍ (ନଂ. ଓଡ଼ି୦୧ଏସି-୩୫୫୩) ଜବତ କରାଯାଇଛି । ଏନେଇ ଏକ ମାମଲା (ନଂ. ୨୪୭/୨୫-୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଭ୍ରାମ୍ୟମାଣ ୟୁନିଟ୍ ଆଇଆଇଥିବା ହରିହର ସିଂ, ଏସ୍‌ଆଇ ଭବେଶ ଦାସ ଓ ଭକ୍ତଚରଣ ସ୍ୱାଇଁ, କନଷ୍ଟେବଲ ସୁନାରାମ ସରେନ, ପଙ୍କଜ ମହାନ୍ତି, ମୀନତି ପଡ଼ିହାରୀ ପ୍ରମୁଖ ଏପିଆର୍ ଫୋର୍ସ ସହ ଏହି ଚଢ଼ାଉରେ ସାମିଲ ଥିଲେ । ଉଲ୍ଲେଖଯୋଗ୍ୟ, ଗତ ୧୩ ତାରିଖରେ ମସଜିଦ୍ ଗଳି ସମ୍ମୁଖରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଅଭିଯୁକ୍ତ ମହିଳା ରେଜିୟା ବିବିଙ୍କୁ ଗିରଫ କରାଯିବା ସହ ତାଙ୍କ ଠାରୁ ୮୦ ଗ୍ରାମ୍ ବ୍ରାଉନସୁଗର ଜବତ ହୋଇଥିଲା ।

# ୫ ହଜାର ଟଙ୍କା ଲାଞ୍ଚ ନେଇ ଡାଟା ଏଣ୍ଟ୍ରି ଅପରେଟର ଗିରଫ

ସିମୁଳିଆ, ୨୨।୯
(ସନ୍ତୋଷ ନାୟକ)


ଗିରଫ ଡାଟାଏଣ୍ଟ୍ରି ଅପରେଟର ବିଶ୍ୱରଞ୍ଜନ ପ୍ରଧାନ ।

ଭିନ୍ନ ଜାତିରେ ବିବାହ ପ୍ରମାଣପତ୍ର କରାଇଦେବା ଲାଗି ସୋମବାର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱରଞ୍ଜନ ପ୍ରଧାନ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଭିଜିଲାନ୍ସ ଟିମ୍ ତାଙ୍କୁ ପଚରାଉଚରା କରିବା ପରେ କୋର୍ଟଚାଲାଣ କରିଛି ।
ଭଦ୍ରକ ଜିଲା ତିହିଡି ଥାନା ନୂଆନନ୍ଦ ଅଞ୍ଚଳର ନରେଶ ଚନ୍ଦ୍ର ମୁଦୁଲି ସିମୁଳିଆ ବ୍ଲକ ଅଣ୍ଡରାଇ ଅଞ୍ଚଳର ସଙ୍ଗୀତା ଜେନା ନାମ୍ନୀ ଜଣେ ଅନୁସୂଚିତ ଜାତିର ଯୁବତୀଙ୍କୁ ଗତ ଅଗଷ୍ଟ ୩୦ରେ ବିବାହ କରିଥିଲେ । ସରକାରଙ୍କ ନିୟମ ଅନୁସାରେ ଜଣେ ସାଧାରଣ ବର୍ଗର ଯୁବକ ସ୍ୱଇଚ୍ଛାରେ ଅନ୍ୟ ଜାତିରେ ବିବାହ କଲେ ସରକାରୀ ପ୍ରୋତ୍ସାହନ ରାଶି ପାଇବା କଥା । ତେବେ ଏହି ପ୍ରୋତ୍ସାହନ ରାଶି ପାଇବା ପାଇଁ ସେ ଆବେଦନ କରିଥିଲେ । ଡାଟା ଏଣ୍ଟ୍ରି ଅପରେଟର ତାଙ୍କୁ ଲାଞ୍ଚ ମାଗିବା ସହିତ ଆଜି କାଲି କହି ସମୟ ଗଡ଼ାଇ ଚାଲିଥିଲେ । ତେବେ ଏ ସମ୍ପର୍କରେ ନରେଶ ଭିଜିଲାନ୍ସ ବିଭାଗରେ ଦୃଷ୍ଟି ଆକର୍ଷଣ କରିଥିଲେ । ଯୋଜନା ମୁତାବକ ନରେଶ ୫ହଜାର ଟଙ୍କା ନେଇ ଡାଟା ଏଣ୍ଟ୍ରି ଅପରେଟର ପ୍ରଧାନଙ୍କୁ ବ୍ଲକ ପରିସରରେ ଦେବାବେଳେ ଭିଜିଲାନ୍ସ ଇନ୍ସପେକ୍ଟର ଜସ୍ମିତା ପୋଇଙ୍କ ସମେତ ୧୧ଜଣିଆ ଟିମ୍ ହାତରେ ଧରାପଡିଥିଲେ ।

# ଛୁରିରେ ଆକ୍ରମଣ, ମହିଳା ମୃତ

## କାନ ଫୁଲ ଓ ନାକର ନେଇ ଚମ୍ପଟ

ପୋଲସରା,୨୨।୯
(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ଜଣେ ମହିଳାଙ୍କୁ ଏକ ଛୁରିରେ କେହି ଦୁର୍ବୃତ୍ତ ଆକ୍ରମଣ କରିଛି । ଫଳରେ ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ବିଳମ୍ବର ସେଠୀଙ୍କ ସ୍ତ୍ରୀ ଶୈଳ (୫୫) । ପରେ ଦୁର୍ବୃତ୍ତ ଜଣକ ଶୈଳ ପିନ୍ଧିଥିବା କାନ ଓ ନାକର ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିବା ଜଣାପଡିଛି । ସୋମବାର ସକାଳୁ ଘର କାମ ସାରି ଶୈଳ ବାଘୁଆ କେନାଲକୁ ଗାଧୋଇବାକୁ ଯାଇ ଫେରୁଥିବା ବେଳେ ଏହି ଘଟଣା ଘଟିଛି । ଖବରପାଇ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।


बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

ଦଖଲ ନୋଟିସ୍
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| କଟକ ଶାଖା / ଋଣଗ୍ରହୀତା: କ୍ରୀଷ୍ଣା ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୌଶିକ କୁମାର ବେହେରା, ପିତା: ଗଙ୍ଗାଧର ବେହେରା, ସା: ଜଗତ୍‌ପୁର, କଟକ, ଓଡିଶା-୭୫୪୦୨୧ | ଶ୍ରୀ କୌଶିକ କୁମାର ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଟାଙ୍ଗି, ତହସିଲ: ଟାଙ୍ଗି-ଚୌଦ୍ୱାର, କଟକ, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସିଟିଏସ୍/ସର୍ଭେ/ଖାତା ନଂ.: ୭୭୨/୪୩୭୨, ପ୍ଲଟ୍ ନଂ.: ୬୨୭/୮୫୪୭, ପରିମିତ କ୍ଷେତ୍ର: ୨୧୨୫.୭୩ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୬୨୦ ଏବଂ ୬୧୯, ପଶ୍ଚିମ: ଏହି ପ୍ଲଟ୍‌ର ବଳକା ଅଂଶ, ଉତ୍ତର: ରାସ୍ତା ଏବଂ ପ୍ଲଟ୍‌ର ବଳକା ଅଂଶ, ଦକ୍ଷିଣ: ପ୍ଲଟ୍ ନଂ.: ୬୧୮ ସହିତ ଜମିର ସମସ୍ତ ଅଂଶରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୨୧୨୫.୭୩ ବର୍ଗଫୁଟ (ବିଲ୍ଟ ଅପ୍ ଏରିଆ) ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର | ତା.୦୯.୦୭.୨୦୨୫ରିଖ ସୁଦ୍ଧା ଟ.୩୭,୫୩,୫୧୧/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୯.୦୭.୨୦୨୫ / ୧୮.୦୯.୨୦୨୫ (ସାଙ୍କେତିକ) |
| ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀ ଉମେଶ ଚନ୍ଦ୍ର ମାଧୀ, ପିତା: ଶ୍ରୀ ସତ୍ୟବାଜୀ ମାଧୀ, ଠିକଣା-୧: ମୌଜା: ଆମ୍ବଗଡ଼, ଦ୍ୱାରିକା ନଗର, କେନାଲ ନିକଟ, ମେନ୍ ରୋଡ଼ ଠାରୁ ୯୦୦ ମିଟର, ରାଜାରାଣୀ ଡ୍ରିମ୍ ହୋମ୍ ଆପାର୍ଟମେଣ୍ଟ ଠାରୁ ୯୦୦ ମିଟର, ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୧, ଠିକଣା-୨: ମାର୍ଫତ୍: ଶ୍ରୀ ସତ୍ୟବାଜୀ ମାଧୀ, ଜୟମଙ୍ଗଳା ନଗର, ଗେଟ୍ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୦୧ / କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ନମିତା କୁମାରୀ ବେହେରା, ସ୍ୱାମୀ: ଶ୍ରୀ ଉମେଶ ଚନ୍ଦ୍ର ମାଧୀ, ଠିକଣା: ମୌଜା: ଆମ୍ବଗଡ଼, ଦ୍ୱାରିକା ନଗର, କେନାଲ ନିକଟ, ମେନ୍ ରୋଡ଼ ଠାରୁ ୯୦୦ ମିଟର, ରାଜାରାଣୀ ଡ୍ରିମ୍ ହୋମ୍ ଆପାର୍ଟମେଣ୍ଟ ଠାରୁ ୯୦୦ ମିଟର, ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୧ | ଶ୍ରୀମତୀ ନମିତା କୁମାରୀ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆମ୍ବଗଡ଼, ଗ୍ରାମ: ଦ୍ୱାରିକା ନଗର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଗଞ୍ଜାମ, ସବ୍-ଡିଷ୍ଟ୍ରିକ୍ଟ: ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ ଏବଂ ସିଟିଏସ୍/ସର୍ଭେ ନଂ./ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିଜୟଲକ୍ଷ୍ମୀ ବେହେରାଙ୍କ ସମ୍ପତ୍ତି, ପଶ୍ଚିମ: ସୁବାଷ ସେଠୀ / ବିକ୍ରେତାମାନଙ୍କ ସମ୍ପତ୍ତି, ଉତ୍ତର: ରାସ୍ତା, ଦକ୍ଷିଣ: ସୁବାଷ ସେଠୀ / ବିକ୍ରେତାମାନଙ୍କ ସମ୍ପତ୍ତି | ତା.୦୪.୦୫.୨୦୨୪ରିଖ ସୁଦ୍ଧା ଟ.୨୧,୯୦,୨୮୬/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୪.୦୫.୨୦୨୪ / ୧୯.୦୯.୨୦୨୫ (ଭୌତିକ) |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୩.୦୯.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର



ଦ.ପୂ. ରେଳପଥ – ଇ-ଟେଣ୍ଡର

''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍ଏମ୍/ଜିଇଏନ୍ଏଲ୍/ଟିପି/୨୦୨୫/୩୫, ତାରିଖ: ୧୯।୦୯।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର.ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ) |
|---|---|---|---|---|---|
| ୧. | ୪୬୨୫୩୧୬୦ | ୧୬।୧୦।୨୦୨୫ | ଡିସ୍‌କନେକ୍ଟିଂ ଓ ଆର୍ଥିଂ ଡିଭାଇସ୍, ୮ ପୋଲ୍, ୨ ୱେ, ବିନା ଅଫ୍, ଅନ୍ ଲୋଡ୍ ୧୨୫ ଏ ଆଟ୍ ୧୦୦୦ ଭି ଏସି, ୨ ଏନ୍‌ଓ+୨ଏନ୍‌ସି ଏବଂ ପ୍ୟାଡ୍ ଲକିଂ ବ୍ୟବସ୍ଥା ସହ ଅଫ୍ ପୋଜିସନରେ, ଆଇଇସି ୬୦୯୪୭ ଅନୁରୂପ ଏସି୨୩ ଡ୍ୟୁଟି ପାଇଁ ଉପଯୁକ୍ତ ଷ୍ଟେନଲେସ୍ ଷ୍ଟିଲ୍ ଏନ୍‌କ୍ଲୋଜରରେ ମାଉଣ୍ଟେଡ୍ ଇତ୍ୟାଦି | ୩୩୧ ଗୋଟି | ୩,୬୮,୮୩୦.୦୦ |
| ୨. | ୧୯୨୫୧୦୦୨ | ୨୩।୧୦।୨୦୨୫ | ଟାବ୍‌ଲେଟ୍ ପିସି ଟାଇପ୍ ଫଗ୍ ପାଇଲଟ୍ ଆସିଷ୍ଟାନ୍ସ ସିଷ୍ଟମ୍ ଡ଼ିଭାଇସ୍ | ୧୦୯୧ ଗୋଟି | ୧୧,୬୮,୯୪୦.୦୦ |
| ୩. | ୧୯୨୫୩୬୯୮ | ୨୪।୧୦।୨୦୨୫ | ଡବ୍ଲ୍ୟୁଏପି-୭ ପାଇଁ ଡାମ୍ପର୍ | ୩୯ ସେଟ୍ | ୨,୮୯,୯୩୦.୦୦ |
| ୪. | ୧୯୨୫୩୧୯୧ | ୦୫।୧୧।୨୦୨୫ | କ୍ୟାବ୍ ଆକ୍ଟିଭେଟିଂ କୀ ସୁଇଚ୍ ଆଦି | ୩୪୩ ଗୋଟି | ୧,୧୩,୩୩୦.୦୦ |
| ୫. | ୧୯୨୫୪୬୫୬ | ୦୬।୧୧।୨୦୨୫ | ମେସର୍ସ କେବିଆଇପିଏଲ୍ ଗଠନ ମ୍ୟାଗ୍ନେଟ୍ ଭାଲ୍‌ଭ ପାଇଁ ଓଭରହଲିଂ କିଟ୍ | ୫୩୦ ସେଟ୍ | ୧,୩୭,୫୯୦.୦୦ |
| ୬. | ୧୯୨୫୩୨୮୨ | ୧୩।୧୧।୨୦୨୫ | ବ୍ରେକ୍ ପାଇଁ ପିନ୍ ଓ ବୁଶଗୁଡ଼ିକର ସେଟ୍ | ୧୧୭ ସେଟ୍ | ୧,୬୫,୪୦୦.୦୦ |
| ୭. | ୨୫୨୫୩୫୬୧ | ୧୮।୧୧।୨୦୨୫ | ଟାପ୍ ଚେଞ୍ଜରର ପିଓଏଚ୍ ରକ୍ଷଣାବେକ୍ଷଣ ଅନୁସୂଚୀ | ୨୫ ସେଟ୍ | ୧,୨୦,୩୨୦.୦୦ |
| ୮. | ୨୫୨୫୩୫୬୮ | ୧୯।୧୧।୨୦୨୫ | ଇଏଲ୍‌ଜିଆଇ ଟିଆର୍‌ସି ୧୦୦୦ଏମ୍ଏନ୍ କମ୍ପ୍ରେସରର ଆଇଓଏଚ୍ କିଟ୍ | ୪୬ ସେଟ୍ | ୧,୦୨,୯୩୦.୦୦ |
| ୯. | ୧୯୨୫୩୮୧୪ | ୨୦।୧୧।୨୦୨୫ | ଇଏଲ୍‌ଜିଆଇ ଗଠନର ମାଉଣ୍ଟ ସେଟ୍ | ୧୫୮ ସେଟ୍ | ୧,୪୯,୮୫୦.୦୦ |
| ୧୦. | ୧୯୨୫୩୩୧୭ | ୨୫।୧୧।୨୦୨୫ | ଇମର୍ଜେନ୍ସି ଏକ୍‌ଜଷ୍ଟ ଭାଲ୍‌ଭ ପାଇଁ କିଟ୍‌ର ସେଟ୍ | ୩୧୯ ସେଟ୍ | ୧,୩୯,୩୨୦.୦୦ |
| ୧୧. | ୨୫୨୫୧୨୮୫ | ୨୬।୧୧।୨୦୨୫ | ବ୍ରଶ୍ ହୋଲ୍ଡର ଆସେମ୍ବ୍ଲିର ସେଟ୍ | ୨୧୮ ସେଟ୍ | ୧,୧୪,୨୧୦.୦୦ |
| ୧୨. | ୧୯୨୫୩୦୦୮ | ୦୨।୧୨।୨୦୨୫ | ଟ୍ରାକ୍ସନ୍ ବାର୍ ପାଇଁ ହାଉସିଂ | ୨୦୨ ଗୋଟି | ୧,୨୦,୧୩୦.୦୦ |
| ୧୩. | ୧୯୨୫୩୩୧୬ | ୦୮।୧୨।୨୦୨୫ | କିଟ୍ ଡାଇରେକ୍ଟ ବ୍ରେକ୍ ଏକ୍‌ଜଷ୍ଟ ଭାଲ୍‌ଭର ସେଟ୍ | ୧୨୮ ସେଟ୍ | ୧,୩୧,୫୭୦.୦୦ |
| ୧୪. | ୭୭୨୫୩୦୪୭ | ୦୬।୧୧।୨୦୨୫ | ପେଣ୍ଟ ଯୋଗାଣ, ବ୍ଲାକ୍ ଗ୍ରେ ଆର୍‌ଏଏଲ୍-୭୦୨୧, ପିୟୁ ଭିତ୍ତିକ | ୩୬୪୪୦ ଲିଟର | ୧,୦୭,୦୭୦.୦୦ |
| ୧୫. | ୩୧୨୫୫୦୦୬ | ୧୬।୧୦।୨୦୨୫ | ଇଏମ୍‌ୟୁଡି ଟାଇପ୍ କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍‌ଏସ୍)ର ଯୋଗାଣ, ସ୍ଥାପନା ଓ କମିଶନିଂ | ୮୦୩ ସେଟ୍ | ୨୦,୦୦,୦୦୦.୦୦ |
| ୧୬. | ୩୩୨୫୩୨୨୦ | ୨୯।୧୦।୨୦୨୫ | ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକ ପାଇଁ ଡୋର୍ ଆରେଞ୍ଜମେଣ୍ଟସ ଆର୍.ଏଚ୍. ଓ ଏଲ୍.ଏଚ୍. | ୧୪୪ ସେଟ୍ | ୧,୭୨,୯୭୦.୦୦ |
| ୧୭. | ୪୫୨୫୩୧୯୩ | ୦୯।୧୨।୨୦୨୫ | ୧୧୦ଭି ଡିସି ଟିଏଲ୍ ସିଷ୍ଟମ୍ ପାଇଁ ଉପଯୁକ୍ତ ବ୍ରଶଲେସ୍ ଅଲ୍ଟର୍ନେଟର ୪.୫ କେଡବ୍ଲ୍ୟୁ କ୍ଷମତାର ଭି-ବେଲ୍ଟ ଚାଳିତ ଆଦି | ୪୪ ଗୋଟି | ୧,୩୦,୮୯୦.୦୦ |
| ୧୮. | ୪୩୨୫୩୦୧୮ | ୦୪।୧୨।୨୦୨୫ | ହଟ୍ ବଫେଟ୍ ଏଲ୍‌ଏଚ୍‌ବି ଟାଇପ୍ କୋଚ୍ ପାଇଁ ଇଲେକ୍ଟ୍ରିକ୍ ୱାଟର୍ ବଏଲର୍ ୩୦ ଲିଟର | ୧୧୪ ଗୋଟି | ୧,୬୪,୧୧୦.୦୦ |
| ୧୯. | ୪୩୨୫୩୦୧୬ | ୧୨।୧୧।୨୦୨୫ | ଭୋଲ୍ଟେଜ୍ ଫେଜ୍ କଣ୍ଟ୍ରୋଲ (ଏମ୍‌ଏମ୍‌ଆର୍ ମେଜରିଂ ଓ ମନିଟରିଂ ରିଲେ) ଏନ୍‌ଇଟି ୧ ଓ ୨ | ୧୪୮୯ ଗୋଟି | ୧,୬୫,୫୧୦.୦୦ |
| ୨୦. | ୪୬୨୫୩୦୯୭ | ୧୬।୧୧।୨୦୨୫ | କମ୍ପ୍ରେସର ୟୁନିଟ୍ ୧.୧.୧.୨.୨.୧ ଏବଂ ୨.୨ ହିଟର୍ ୧୮୨ ପାଇଁ ମୋଟର ପ୍ରୋଟେକ୍ସନ୍ ସର୍କିଟ୍ ବ୍ରେକର୍ (ଏମ୍‌ପିସିବି), ସାମ୍ପ୍ରତିକ ରେଟିଂ ୭-୧୦ ଆମ୍ପ, ଥର୍ମାଲ୍ ରିଲିଜ୍ ରେଞ୍ଜ ୧୦-୧୬ ଆମ୍ପ, ଶ୍ରେଣୀ ୧୦, ବ୍ରେକିଂ କ୍ଷମତା ୧୦ କେଏ, ୩ ପୋଲ୍ ଆଦି | ୩୦୩୧ ଗୋଟି | ୧,୧୭,୧୭୦.୦୦ |
| ୨୧. | ୭୫୨୫୧୭୮୮ | ୧୧।୧୧।୨୦୨୫ | ଭିନାଇଲ୍ କୋଟେଡ୍ ଅପ୍‌ହୋଲ୍‌ଷ୍ଟେରୀ ଫାବ୍ରିକ୍ । ଆକାର: ୧୨୭ ସେମି x ୩୦ ମିଟର । | ୬୩୩୧୭ ମିଟର | ୧,୬୯,୭୪୦.୦୦ |
| ୨୨. | ୩୮୨୫୩୮୮୧ | ୧୪।୧୦।୨୦୨୫ | ୭/୮'' (୨୨.୨୨ ମିମି) ଡାୟା. ଜିଙ୍କ୍ ପ୍ଲେଟେଡ୍/ଗାଲ୍‌ଭାନାଇଜ୍‌ଡ ଲକ୍ ବୋଲ୍ଟ ସହିତ କଲାର୍ ଗ୍ରୀପ୍ ନଂ.୧୬ ସହ ଗ୍ରୀପ୍ ରେଞ୍ଜ ୨୫.୪୦-୩୧.୭୫ ମିମି । | ୭୮୦୭୮ ଗୋଟି | ୧,୬୭,୬୮୦.୦୦ |
| ୨୩. | ୩୮୨୫୩୩୩୫ | ୦୫।୧୧।୨୦୨୫ | ଅପ୍-ଗ୍ରେଡେଡ୍ ଏଚ୍‌ଟିସିବିସି ନିମନ୍ତେ ୱେର୍ ପ୍ଲେଟ୍ ସହ ଷ୍ଟ୍ରାଇକର୍ କାଷ୍ଟିଂ । ଡ୍ରଇଂ ନଂ.: ଆଇଆର୍‌ଏସ୍ ଏସ୍ ଡ୍ରଇଂ ନଂ. ଡବ୍ଲ୍ୟୁଏ/ବିଡି-୪୪୬୦, ଅଲ୍ଟ. ୯ । | ୮୮୦ ଗୋଟି | ୩,୦୫,୨୯୦.୦୦ |
| ୨୪. | ୩୮୨୫୧୫୩୬ଏ | ୦୬।୧୧।୨୦୨୫ | ଏମ୍‌କେ-୫୦ ହାଇ କାପାସିଟି ଡ୍ରାଫ୍ଟ ଗିୟର୍ ପାଇଁ ୬ଟି ସାମଗ୍ରୀ ସମ୍ବଳିତ ପିଓଏଚ୍ କିଟ୍-୨ । ଡ୍ରଇଂ ନଂ.: କିଟ୍ ବିବରଣୀ ପରିଶିଷ୍ଟ ଅନୁଯାୟୀ | ୧୩୦ ସେଟ୍ | ୨,୪୨,୧୭୦.୦୦ |
| ୨୫. | ୨୫୨୫୩୫୬୬ | ୦୭।୧୦।୨୦୨୫ | ସ୍ମୁଦିଂ ରିଆକ୍ଟର ଟାଇପ୍ ଏସ୍‌ଏଲ୍-୩୦ ଆଦି | ୨୮ ଗୋଟି | ୭,୦୦,୪୫୦.୦୦ |
| ୨୬. | ୨୯୨୫୩୨୫୧ | ୦୯।୧୦।୨୦୨୫ | ପ୍ରାଇମେରୀ ଭୋଲ୍ଟେଜ୍ ଟ୍ରାନ୍ସଫର୍ମର୍ | ୨୨ ଗୋଟି | ୨,୦୫,୦୮୦.୦୦ |
| ୨୭. | ୨୫୨୫୩୬୬୫ | ୨୦।୧୦।୨୦୨୫ | ବେରିଂ ବ୍ରାକେଟ୍ ଆସେମ୍ବ୍ଲି ସେଟ୍ ଆଦି | ୨୬୦ ସେଟ୍ | ୭,୦୭,୫୪୦.୦୦ |
| ୨୮. | ୨୯୨୫୩୭୮୭ | ୨୧।୧୦।୨୦୨୫ | ଏଲ୍‌ଆର୍‌ୟୁ ପାଇଁ ଓଭରହଲିଂ କିଟ୍, କଣ୍ଟ୍ରୋଲ ପୋର୍ସନ୍; ୨୦-ପାଇପ୍ | ୯୭ ସେଟ୍ | ୨,୪୧,୫୧୦.୦୦ |
| ୨୯. | ୨୫୨୫୧୩୦୨ | ୨୨।୧୦।୨୦୨୫ | କମ୍ୟୁଟେଟର୍ ଆସେମ୍ବ୍ଲି ଆଦି | ୩୬ ଗୋଟି | ୨,୮୨,୯୨୦.୦୦ |
| ୩୦. | ୨୯୨୫୫୦୪୯ | ୦୫।୧୧।୨୦୨୫ | ୩ଡି ଆଡଜଷ୍ଟେବଲ୍ ୩୬୦ ଡିଗ୍ରୀ ରୋଟେଶନାଲ ଡ୍ରାଇଭର ସିଟ୍ | ୨୫୦ ଗୋଟି | ୩,୨୧,୫୫୦.୦୦ |
| ୩୧. | ୨୯୨୫୩୨୩୦ | ୩୦।୧୨।୨୦୨୫ | ବୁଲ୍ ଗିୟର (୭୨ ଟିଥ୍) ଆଦି | ୪୭ ଗୋଟି | ୧,୩୩,୦୫୦.୦୦ |
| ୩୨ | ୨୯୨୫୩୨୯୭ | ୩୧।୧୨।୨୦୨୫ | ଏମ୍‌ଭିବି ଭିତ୍ତିକ ଗ୍ରାଫିକାଲ୍ ଡ୍ରାଇଭର ଆଦି | ୪୪ ଗୋଟି | ୧,୭୯,୧୨୦.୦୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-647)



Government of Odisha
Office of the Chief Construction Engineer, Rural Works Circle, Sambalpur
E-mail Id : serwcirclesbp@yahoo.com
Bid Identification No. Building tender Online RWCSBP-16/2025-26 No. : 3435 Dated : 16.09.2025

No.O-807 : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 06 (Six) nos of Building Works for the year 2025-26.

1 Name of work : Building works for the year 2025-26
2 No. of work : 06 (Six) nos of Building works Details as per DTCN.
3 Estimated cost : Approximately varies from Rs.104.66 lakhs to Rs.284.52 lakhs
4 Class of Contractor : 'B' & 'A' Class
5 Cost of tender paper and mode of deposit : Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer
6 Mode of submission of tender : Tender should be submitted only Online in website www.tendersorissa.gov.in. (https//tendersodisha.gov.in)
7 EMD and mode of deposit : 1% of estimated cost of the work to be remitted online as mentioned in DTCN

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-16/2025-26 | 24.09.2025 at 11.00 A.M. | 08.10.2025 Up to 05.00 P.M. | 06.10.2025 Up to 5.00 P.M. | 09.10.2025 at 11.00 A.M. | To be intimated later |

❖ Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
❖ Subsequent modification/corrigendum/Addendum if required shall appear in website only.
❖ The amount put to bid is exclusive of GST.
❖ Bidder should inspect the road before bidding and quote his rate accordingly.

OIPR-25091/11/0082/2526 — Sd./- Chief Construction Engineer, Rural Works Circle, Sambalpur



GOVERNMENT OF ODISHA No.B-527
OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE
e-mail ID : supenger_rbjyp@yahoo.co.in
INVITATIONS FOR BIDS (IFB)
BID IDENTIFICATION NO. C.C.E.J.C (R&B) - 09/2025-26
No. 3719 Date : 13.09.2025

1. Nature of the work : ROAD WORKS
2. Total No. of Works : 04 (Four) Nos.
3. Tender cost : Rs.1.79 to 8.32 Crs.
4. Period of completion : 06 (Six) to 11 (Eleven) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : Rs.1.79 Lacs to 8.32 Lacs as per column no.06 of IFB
7. Class of Contractor : "B" & "A" & "Special" Class as per Cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 12.00 hours of 24.09.2025 to 17.00 hours of 08.10.2025
9. Last date / Time for receipt of bids in the Portal : 17.00 hours of 08.10.2025
10. Opening date of Bid : 11.00 hours of 09.10.2025
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.

Sd./- Chief Construction Engineer, Jeypore (R&B) Circle, Jeypore
OIPR-34108/11/0035/2526



GOVERNMENT OF ODISHA No.b-17
OFFICE OF THE EXECUTIVE ENGINEER, NATIONAL HIGHWAY DIVISION, BERHAMPUR
E-mail Id - eenhbam@gmail.com
INVITATIONS FOR BIDS (IFB) {e-Procurement}
Bid Identification No. EE-NH-BAM/05/2025-26
No. 3202 Dated - 19.09.2025

1) The Superintending Engineer, N.H. Division, Berhampur on behalf of Governor of Odisha invites percentage rate bid in Single cover system in ONLINE MODE from eligible contractors for construction of Road work as detailed in the table below.
2) Nature of Work : Road (Drain)
3) No. of Work : 3 Nos.
4) Tender Cost : Rs.6000/- for each
5) Class of Contractor : C&D, B&C Class, B&C Class
6) Availability of Bid document in portal : 11.00 A.M. of 24.09.2025 to 05.30 P.M. of 17.10.2025
7) Date of Opening of Bid : 18.10.2025 at 11 A.M.
8) The bidders have to paticipate in ONLINE bidding only. Further details can be seen from the website https://tenderssorissa.gov.in
9) Any Corrigendum/Addendum/Cancellation of will be displayed in the e-tender website only.

Sd./- Superintending Engineer, NH Division, Berhampur
OIPR-24415/11/0004/2526



[GOVERNMENT OF ODISHA] No.B-533
OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH
E-mail - eepwdbgh@gmail.com Phone/Fax - 06646-234819
INVITATIONS FOR BIDS (I.F.B)
e-Procurement Notice
IDENTIFICATION NO.IFB-SE PWD BGH No.14 OF 2025-26
No. 4799, Dated - 13.09.2025

1) The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Building, Road & Electrical works as detailed in the Detailed Tender Call Notice (D.T.C.N) from the eligible class of contractors.
2) No. of Building, Road & Electrical work : 11 Nos.
3) Cost of Tender Paper : Rs.4,000/-, Rs.6,000/- & Rs.10,000/-
4) Class of contractor : "C", "B" Class "MV" & "HT" Electrical Contractor
5) Date & Time of available in web site & receipt of Bids : 11:00 Hrs. of 26.09.2025 to 17:00 Hrs. of 08.10.2025
6) Date of opening of Technical Bid : 09.10.2025 at 11:30 Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / addendum will be displayed in the website https://tendersodisha.gov.in only.

Sd./- Superintending Engineer, Bargarh (R&B) Division
OIPR-34039/11/0029/2526



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର
Office of the Superintending Engineer, Bhubaneswar (R&B) Division No.IV, Nirman Soudha, Unit-V, Bhubaneswar
E-mail ID : eernb4bbsr@gmail.com, Tel - (0674) - 2390245
INVITATIONS FOR BIDS THROUGH e-Procurement
No.8871 Date - 17.09.2025
Bid Identification No. - C.C. (R&B) - 04
No.B-544 e-Procurement Notice No. 19 of 2025-26

| | | |
|---|---|---|
| 1 | Name of the Work | 1 No. (Supplying providing & fixing of lab Furniture etc.) |
| 2 | Total No. of Works | 1 No. |
| 3 | Estimated Cost | Rs.71,06,500.00 |
| 4 | Class of Contractor | Authorised Manufacturer or Supplier |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.24.09.2025 to Dt.08.10.2025 up to 5.30 P.M. |
| 8 | Last Date & Time for Receipt of bids in the Portal | Dt.08.10.2025 up to 5.30 P.M. |
| 9 | Opening of Bid through online | Dt.09.10.2025 at 11.30 A.M. |
| 10 | Name & Adderss of the Officer inviting Bid | Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
N.B : Subsequent corrigendum / addendum if required shall be available in the website as indicated above.

Sd./- Additional Chief Engineer, BBSR (R&B) Division No.IV, BBSR
OIPR-34090/11/0024/2526


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


TVS
TVS
THE ALL-NEW
Jupiter
SCOOTER OF INDIA
CELEBRATING THE
Most Awarded
Scooter of India
Jupiter
AUTOCAR
MOTORING AWARDS 2025
SCOOTER OF THE YEAR
TVS JUPITER
TIMES DRIVE
AUTO AWARDS
Scooter of the year
TVS Jupiter 110
abplive.com
EX SHOWROOM PRICE STARTS FROM
OLD ₹83 681
NEW ₹76 900*
NDTV AUTO AWARDS 2025
AUTOCAR
car&bike AWARDS 2025
TIMES DRIVE AUTO AWARDS
TopGear AWARDS
abp LIVE AUTO AWARDS
MOTORING
BIKE INDIA
MOTOR VIKATAN
MOTOR OCTANE
FASTER
Jagran hitech
#TOTM AWARDS 2025
5+ YEAR WARRANTY
TVS CREDIT
L&T Finance
IDFC FIRST Bank
HDFC BANK
SHRIRAM Finance
ଦୁଇ ଚକିଆ ବାହନ ଚଲାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ।
tvsjupiter | www.tvsmotor.com/tvs-jupiter
Call: 1800 315 7777
* Ex-showroom price of TVS Jupiter 110 BS VI Drum variant in Odisha.
Trophies and award logos are not representative of all 15 accolades.
+ 5 yr. warranty without any additional charges.
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BERHAMPUR: ARYA TVS: 9777440614, 9937081356; PHULBANI: SAI SREE TVS: 8860747708. Authorised Dealers: BEGUNIAPADA:9692843638, PURUSHOTTAMPUR:9337662970, ASKA:9861046837, CHIKITI:9348210610 PARLAKHEMUNDI:8895876466, POLOSARA:9861838393, CHATRAPUR:9556570263, RAMBHA:9438054346 DIGAPAHANDI:9348210610, HINJILIKATU:9937296473, SHERAGADA:9938077720, GUNUPUR:9437338450 MAHENDRAGADA:9937411800, BUGUDA:8800228619, JAGANNATHPRASAD:9938654979 SURADA:8328983625, BALIGUDA:9337278590, G. UDAYAGIRI:9437181297.
dentsu/dha ber/06/25

ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Tuesday, September 23/2025 | Page 16 | ₹ 7.00 | BERHAMPUR
୫୧ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 299 | ମୂଲ୍ୟ ₹୭/-




ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ ପାଇଁ ୧୩ ମାସର ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ ଆଣିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ହସ୍ପିଟାଲ ସମ୍ମୁଖ ରାସ୍ତାକୁ ଅବରୋଧ କରିଛନ୍ତି। (ଫଟୋ: ବିକାଶ ନାୟକ)

# ଭୁଲ୍ ମେଡିସିନ ନେଲା ଶିଶୁପୁତ୍ରର ଜୀବନ

**ଭୁବନେଶ୍ୱର, ୨୨।୯ (ବନ୍ଦନା ସେଠୀ)**

ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ ପାଇଁ ୧୩ ମାସର ଶିଶୁପୁତ୍ରର ଜୀବନ ଚାଲିଯାଇଛି। ରାଜ୍ୟର ପ୍ରମୁଖ ଚିକିତ୍ସାଳୟ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ସୋମବାର ଏହି ସମ୍ବେଦନଶୀଳ ଘଟଣା ଘଟିଛି। ମୃତ ଶିଶୁପୁତ୍ର ହେଲେ ସାଲିଆସାହି ବାସିନ୍ଦା ଆଶିଷ ସାହୁଙ୍କ ପୁଅ ଆୟୁଷ୍ମାନ। ଘଟଣା ଜଣାପଡିବା ପରେ ହସ୍ପିଟାଲରେ ପ୍ରବଳ ଉତ୍ତେଜନା ଦେଖାଦେବା ସହ ଦୀର୍ଘ ସମୟ ଧରି ରୋଗୀସେବା ବାଧାପ୍ରାପ୍ତ

## କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

ହୋଇଥିଲା। ମା' ରଞ୍ଜିତା ସାହୁଙ୍କ ଅଭିଯୋଗ ଅନୁଯାୟୀ, ଶିଶୁପୁତ୍ର ଆୟୁଷ୍ମାନଙ୍କୁ ଥଣ୍ଡା ଜ୍ୱର ହୋଇଥିବାରୁ ତାଙ୍କୁ ସେ ରବିବାର ଅପରାହ୍ନରେ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ଶିଶୁ ବିଭାଗରେ ଡାକ୍ତର ତାଙ୍କୁ ଦେଖିବା ସହ ଛାତି ଏକ୍ସରେ କରିବାକୁ କହିଥିଲେ। ପରେ ଡାକ୍ତର ଏକ୍ସରେ ରିପୋର୍ଟ ଦେଖି ମେଡିସିନ୍ ଦେବା ସହିତ ସୋମବାର ଇକୋ କରିବାକୁ କହିଥିଲେ। ମାତ୍ର ରାତିରେ ପୁଅର ବାନ୍ତି ହେବାରୁ ପରିବାରେ ଲୋକେ ତାଙ୍କୁ ପୁଣିଥରେ ହସ୍ପିଟାଲକୁ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ପିଲାର ସ୍ୱାସ୍ଥ୍ୟ ଯାଞ୍ଚ କରି ନିବୁଲାଇଜର ଦେବାକୁ କହି ମେଡିସିନ୍ ଲେଖିଦେଇଥିଲେ। ସେଠାରେ ତାଙ୍କୁ ୩ଥର ନିବୁଲାଇଜର ଦିଆଯିବା ପରେ ପିଲା ଠିକ୍ ଭାବେ ନିଶ୍ୱାସ ନେଇ ନ ପାରିବାରୁ ତାଙ୍କୁ ମେଡିସିନ ଖାଇବାକୁ ଦିଆଯାଇଥିଲା। ଏହାପରେ ଶିଶୁଟିର ହିକା ଉଠିବା ସହ ଦେହ ନୀଳ ପଡିଯାଇଥିଲା। ଉପସ୍ଥିତ ଡାକ୍ତର ଶିଶୁଟିକୁ ଦେଖି ମୃତ୍ୟୁ ହୋଇଯାଇଥିବା କହି ସେଠାରୁ ଚାଲି ଯାଇଥିଲେ। ପରେ ଯେଉଁ ଡାକ୍ତର ଆସିଥିଲେ ସେ ଭୁଲ୍ ମେଡ଼ିସିନରୁ ଶିଶୁର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ କହିଥିଲେ ବୋଲି ମା' ଓ ବାପା ଅଭିଯୋଗ କରିଛନ୍ତି। ତେବେ ପୁଅର ମୃତ୍ୟୁ ହେବା ଜାଣି ମା'ବାପା ଡାକ୍ତରଙ୍କୁ ଦୋଷ ଦେବା ସହ ପାଟିକରିଥିଲେ। ହେଲେ ହସ୍ପିଟାଲ ସିକ୍ୟୁରିଟି ଗାର୍ଡ ଶିଶୁର ମା'କୁ ଦୁର୍ବ୍ୟବହାର କରିବା ସହ ☞ପୃଷ୍ଠା–୩

# ମାନହାନିକୁ ଅପରାଧମୁକ୍ତ କରିବା ସମୟ ଆସିଛି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯**



ମାନହାନିକୁ ଅପରାଧମୁକ୍ତ କରିବାର ସମୟ ଆସିଥିବା ସୋମବାର ସୁପ୍ରିମକୋର୍ଟ ବିଚାରପତି କହିଛନ୍ତି। ବ୍ୟକ୍ତିବିଶେଷ, ସଂଗଠନ ଓ ରାଜନୈତିକ ଦଳଗୁଡ଼ିକ ଆପରାଧିକ ମାନହାନି ଆଇନର ଅଧିକ ବ୍ୟବହାର କରୁଥିବାରୁ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ କହିଛନ୍ତି, ମାନହାନିକୁ ଅପରାଧମୁକ୍ତ କରିବା ଲାଗି ସମୟ ଆସିଯାଇଥିବା ସେ ଭାବୁଛନ୍ତି। ସୂଚନାଯୋଗ୍ୟ, ୨୦୧୬ରେ ସର୍ବୋଚ୍ଚ ଅଦାଲତ ଆପରାଧିକ ମାନହାନିର ସାମ୍ବିଧାନିକ ବୈଧତାକୁ କାଏମ ରଖିବା ଅବସରରେ କହିଥିଲେ, ଏହା ବଞ୍ଚିବାର ମୌଳିକ ଅଧିକାରର ଅଂଶବିଶେଷ ମର୍ଯ୍ୟାଦାର ସୁରକ୍ଷା କରୁଛି। ୨୦୧୬ର ସୁବ୍ରମଣ୍ୟମ ସ୍ୱାମୀ ବନାମ କେନ୍ଦ୍ର ସରକାର ମାମଲାରେ ଅଦାଲତ କହିଥିଲେ, ଆପରାଧିକ ମାନହାନି ଆଇନ ସ୍ୱାଧୀନ ମତବ୍ୟକ୍ତ ଓ ଅଭିବ୍ୟକ୍ତି ଅଧିକାର ପ୍ରତି ଏହା ଏକ ଉଚିତ ପ୍ରତିବନ୍ଧ। ତେବେ ଉକ୍ତ ଆଇନର ଅତ୍ୟଧିକ ବ୍ୟବହାରକୁ ନେଇ ଅଦାଲତଙ୍କ ଚିନ୍ତାକୁ ଜଷ୍ଟିସ୍ ସୁନ୍ଦ୍ରେଶ ପ୍ରକାଶ କରିଛନ୍ତି। କୌଣସି ଜନସ୍ୱାର୍ଥ ନ ଥାଇ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଯେକୌଣସି ବ୍ୟକ୍ତିଙ୍କ ମାନହାନିକୁ ଅପରାଧ ବିବେଚନା କରାଯାଇପାରିବ କି ବୋଲି ସୁବ୍ରମଣ୍ୟମ୍ ସ୍ୱାମୀ ମାମଲାରେ ପ୍ରଶ୍ନ ଉଠିଥିବାବେଳେ ଜଷ୍ଟିସ୍ ସୁନ୍ଦ୍ରେଶଙ୍କ ମନ୍ତବ୍ୟ ଏହାକୁ ପୁଣିଥରେ ଜାଗ୍ରତ କରିଛି। ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅମିତା ସିଂଙ୍କ ଦ୍ୱାରା ଦାଏର ଏକ ମାନହାନି ମାମଲାରେ ତଳ କୋର୍ଟ ଦି ୱେର ନ୍ୟୁଜ୍ ୱେବ୍‌ସାଇଟ୍‌ର ପରିଚାଳନା କରୁଥିବା ଫାଉଣ୍ଡେଶନ ଫର୍ ଇଣ୍ଡିପେଣ୍ଡେଣ୍ଟ ଜର୍ନାଲିଜମ୍ ଏବଂ ଜଣେ ସାମ୍ବାଦିକଙ୍କୁ ସମନ ଜାରି କରିଥିବାବେଳେ ଏହାକୁ ଖାରଜ କରିବା ପାଇଁ ସେମାନେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଉକ୍ତ ପିଟିଶନର ଶୁଣାଣି କରି ଜଷ୍ଟିସ୍ ସୁନ୍ଦ୍ରେଶ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

# ୧୩ ମାସରେ ୩୭, ୬୧୧ ନାରୀ ନିର୍ଯାତନା ମାମଲା

**ଭୁବନେଶ୍ୱର, ୨୨।୯ (ରବିନାରାୟଣ ଜେନା)**

ରାଜ୍ୟରେ ନାରୀ ନିର୍ଯାତନା ମାମଲା ବଢ଼ି ଚାଲିଛି। ୨୦୨୦ରେ ରାଜ୍ୟରେ ୨୭ହଜାର ୮୧୦ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଥିବାବେଳେ ଗତ ୧୩ମାସ ମଧ୍ୟରେ ରାଜ୍ୟରେ ୩୭ ହଜାରରୁ ଅଧିକ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ନାରୀ ଅପହରଣ, ବଳାତ୍କାର ଓ ଯୌତୁକ ନିର୍ଯାତନା ଭଳି ସଙ୍ଗିନ ମାମଲା ରହିଛି। ଆଗାମୀ ଦିନରେ ନାରୀ ନିର୍ଯାତନା ମାମଲାକୁ କିଭଳି ହ୍ରାସ୍ କରାଯାଇପାରିବ ସେନେଇ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ସୋମବାର ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ☞ପୃଷ୍ଠା–୩







**ବ୍ରହ୍ମପୁର ସହରରେ ଦୁର୍ଗାପୂଜା ଆରମ୍ଭ:** ନିମଖଣ୍ଡି, କୋର୍ଟପେଟା ଓ କମାପଲ୍ଲୀରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି। (ଫଟୋ-ସମୀର)

# ଏଲ୍ଆଇସି ଅଫିସରେ ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଗଲା

ବ୍ରହ୍ମପୁର,୨୨।୯(ସୁବାସ ଚନ୍ଦ୍ର ପାଢ଼ୀ) ଖୋଡାସିଙ୍ଗି ସ୍ଥିତ ଏଲ.ଆଇ.ସି ଡିଭିଜନ ଅଫିସର ଉପରମହଲାରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩୦ ଲକ୍ଷ ଟଙ୍କାର ଆସବାବପତ୍ର ଜଳିଯାଇଛି। ଅଗ୍ନିଶମ ବିଭାଗର ଆଗ୍ନିକ ମାନେ ପ୍ରାୟ ୩ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି। ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଶୀତତାପ ଯନ୍ତ୍ରରୁ ବିଦ୍ୟୁତ ଶର୍ଟସର୍କିଟ ହୋଇଛି ବୋଲି ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳାଇ କହିଛନ୍ତି। ଅଗ୍ନିକାଣ୍ଡ ଯୋଗୁଁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଫଳରେ ସୋମବାର କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରିନାହିଁବୋଲିଏଲଆଇସିର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରାୟ ୨୦ରୁ କମ୍ପ୍ୟୁଟର, ଆସବାବପତ୍ର ଜଳି ଯାଇଛି। ଆନୁମାନିକ ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ସେ କହିଛନ୍ତି। ସକାଳେ



ଆଗ୍ନିକ ନିଆଁ ଲିଭାଉଛନ୍ତି।

ଏଲଆଇସି ଅଫିସର କିଛି କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ମଉକ୍ତ ଅଫିସର ଉପର ମହଲାରୁ ଧୂଆଁ ବାହାରୁଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଛି। ନିଆଁ ଲିଭାଇବା କାମରେ ୬ ଗାଡ଼ି ନିୟୋଜିତ ହୋଇଛି। ଅଗ୍ନିକାଣ୍ଡର ତଦନ୍ତ କରାଯାଉଛି ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

# ଗୋପାଳପୁର କଲେଜରେ ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ବ୍ରହ୍ମପୁର,୨୨।୯(ସୁବାସ ଚନ୍ଦ୍ର ପାଢ଼ୀ) ଗୋପାଳପୁର କଲେଜରେ ୭ ଦିନ ଧରି ଚାଲିଥିବା ଜାତୀୟ ସେବା ଯୋଜନାର ଶିବିର ସୋମବାର ସରିଛି। କଲେଜ ଅଧ୍ୟକ୍ଷ ଡ଼.ରାମ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସାମନ୍ତିଆପଲ୍ଲୀ କଲେଜର ଅଧ୍ୟକ୍ଷ ଡ଼.ଗିରିଶ ଚନ୍ଦ୍ର ବେହେରା, ପୂର୍ବତନ ପ୍ରାଧ୍ୟାପକ ଡ଼.ପୁରୁଷୋତ୍ତମ ସାହୁ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ୭ ଦିନ ଧରି ସ୍ୱେଚ୍ଛାସେବୀମାନେ ନିଜର ବୌଦ୍ଧିକ ଜ୍ଞାନକୁ ଶାଣିତ କରିଥିଲେ। ବାଳକ ଏକକର ସ୍ୱେଚ୍ଛାସେବୀ ମାନେ ୩ଶହରୁ ଅଧିକ ଚାରାରୋପଣ କରିଥିଲେ । ଅଧ୍ୟାପିକା ଏସ.ରୂପଲକ୍ଷ୍ମୀ ଅନୁଷ୍ଠାପନ ଶିକ୍ଷା ପ୍ରଦାନ କରିଥିଲେ। ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯିବା ସହ ବେଷ୍ଟ ସ୍ୱେଚ୍ଛାସେବୀ ବାଳକ ଓ ବାଳିକା ୟୁନିଟର ଦୁଇ ଜଣଙ୍କୁ ପ୍ରଶଂସା ପତ୍ର ସହ ମେମୋଣ୍ଟ ପ୍ରଦାନ କରାଯାଇଥିଲା। ବାଳିକା ୟୁନିଟର କାର୍ଯ୍ୟକ୍ରମ ଅଧିକାରୀ ସରିତା କୁମାରୀ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବାଳକ ଏକକର ସେବା ଅଧିକାରୀ ଅଧ୍ୟାପକ ଆକାଶ ସିଂହ ଧନ୍ୟବାଦ ଦେଇଥିଲେ।

# ପାରମ୍ପରିକ ଚିକିତ୍ସାରେ ଗଞ୍ଜାମର ଅବଦାନ ରହିଛି

ବ୍ରହ୍ମପୁର, ୨୨।୯(ସୁବାସ ଚନ୍ଦ୍ର ପାଢ଼ୀ) ପାରମ୍ପରିକ ଚିକିତ୍ସା ତଥା ଆୟୁର୍ବେଦିକ ଚିକିତ୍ସା ଏବେ ବି ଚାଲିଛି। ଏହାକୁ ବଞ୍ଚାଇ ରଖିବାକୁ ସରକାର ଯତ୍ନବାନ ଅଛନ୍ତି ବୋଲି ଆୟୁର୍ବେଦିକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଓଡ଼ିଶା ମାଟିରେ କବିରାଜି ଚିକିତ୍ସା ପ୍ରସିଦ୍ଧି ଅର୍ଜନ କରିଥିଲା। ବିଶେଷ କରି ଏ କ୍ଷେତ୍ରରେ ଗଞ୍ଜାମର ଅବଦାନ ରହିଛି। ଏ ମାଟିରେ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା, କବିରାଜ କୃଷ୍ଣ ଚନ୍ଦ୍ର ତ୍ରିପାଠୀ, କବିରାଜ ବ୍ରଜବନ୍ଧୁ ତ୍ରିପାଠୀ, ଡାକ୍ତର ଭଗବାନ ଦାଶ, ପଦ୍ମଶ୍ରୀ ଡାକ୍ତର ଘନଶ୍ୟାମ ମିଶ୍ର, କବିରାଜ ଭୀମସେନ ପାଠୀଙ୍କ ପରି ଆୟୁର୍ବେଦ ଚିକିତ୍ସକ ଜନ୍ମ ନେଇଛନ୍ତି। ସେମାନଙ୍କ ସାଧନା ଯୋଗୁ ଆୟୁର୍ବେଦ ଚିକିତ୍ସା ଆଜି ଶୀର୍ଷରେ ପହଞ୍ଚିଛି। ଏକଦା ଆୟୁର୍ବେଦ ଔଷଧ ପ୍ରସ୍ତୁତି ଶିଳ୍ପ ପାଇଁ ଗଞ୍ଜାମର ଅବଦାନ ରହିଛି। ଆସିକା ସହରରେ ଦୁଇଟି ବୃହତ୍ ଆୟୁର୍ବେଦ ଔଷଧ ପ୍ରସ୍ତୁତ ଶିଳ୍ପ ସଂସ୍ଥା ଥିଲା। ଉତ୍କଳ କେମିକାଲ ଏବଂ ଉତ୍କଳ ସମବାୟ ଆୟୁର୍ବେଦ



ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ।

ଫାର୍ମାସୀ। ବ୍ରହ୍ମପୁର ସହରଠୁ ୧୦ କି.ମି. ଦୂର ଆଙ୍କୁଶପୁର ଠାରେ କବିରାଜ ଅନନ୍ତ ତ୍ରୀପାଠୀ ଶର୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକମାତ୍ର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ରହିଛି। ତିରିଶି ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ରାଜ୍ୟ ସରକାରଙ୍କୁ ଅନେକ ପ୍ରେରଣା ଦେଇଥିବା ସେ କୁହନ୍ତି। ବିଗତ ତିନି ଦଶନ୍ଧି ମଧ୍ୟରେ ପ୍ରାୟ ଦୁଇ ହଜାର ଡିଗ୍ରୀ ହାସଲ କରି ଥିବା ଡାକ୍ତର ବାହାରିଥିଲେ ବି ଏମାନଙ୍କ ପ୍ରତି ସରକାର ଚିନ୍ତିତ ନୁହଁନ୍ତି। ରାଜ୍ୟରେ ଆପଣଙ୍କ ସଙ୍ଗଠନ ଜରିଆରେ ଯଥାର୍ଥ ଦାବୀ ନେଇ ଆଲୋଚନା କରିବା ଲାଗି ପ୍ରୟାସ ହୋଇ ନାହିଁ କି ବୋଲି ପଚାରିବାରୁ ସେ କହିଲେ ଯେ, ପ୍ରୟାସ ହୋଇଛି କିନ୍ତୁ ସ୍ୱାର୍ଥ ହାସଲ ଲକ୍ଷ୍ୟରେ ଆତ୍ମ ପ୍ରତିଷ୍ଠା ପାଇଁ କିଛି ବ୍ୟକ୍ତି ବିଶେଷ ଏକାଠି ହୁଅନ୍ତି। ଏଣୁ ସମୟ କ୍ରମେ ସ୍ୱାର୍ଥ ସାଧନ ହୁଏ ନାହିଁ। ତେଣୁ ନିଯୁକ୍ତି ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ହୋଇ ପାରେ ନାହିଁ । କିନ୍ତୁ ଅନେକ ଥର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଜାତୀୟ ଆୟୁର୍ବେଦ ଦିବସ ପାଳନ ଅବସରରେ ସନ୍ଦେଶ କ'ଣ ରହିବ ବୋଲି ପଚାରିବାରୁ ସେ କହିଲେ, ଆୟୁର୍ବେଦ ଚିକିତ୍ସକ ମାନେ ବିଶୁଦ୍ଧ ଶାସ୍ତ୍ରୀୟ ପଦ୍ଧତିରେ ଚିକିତ୍ସା ବ୍ୟବସ୍ଥା ଧାରାକୁ ଫେରାଇ ଆଣିବା ପାଇଁ ପ୍ରୟାସ ଆବଶ୍ୟକ । ଆୟୁର୍ବେଦ ଚିକିତ୍ସା ପ୍ରାଚୀନ ଓ ଆଧୁନିକତା ମଧ୍ୟରେ ସମନ୍ୱୟ ରକ୍ଷା କରି ଗବେଷଣା ଓ ଅନୁସନ୍ଧାନ ପାଇଁ ପ୍ରୟାସ କରିବା ଦରକାର। ଗାଁ ଗାଁ ରେ ଆୟୁର୍ବେଦ ଚିକିତ୍ସା କେନ୍ଦ୍ର ତଥା ଆୟୁଷ ଗ୍ରାମ ଖୋଲିଲେ ଆୟୁର୍ବେଦ ଶିଳ୍ପ ସଂସ୍ଥା ଗୁଡ଼ିକ ଖୁବ ସମୃଦ୍ଧ ହେବ ବୋଲି ସେ କହିଛନ୍ତି।

# ଅସ୍ଥାୟୀ ମଣ୍ଡପରେ ମା' କାଳୁଆଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ



ଅସ୍ଥାୟୀ ମଣ୍ଡପ ପଟୁଆରରେ ମା'ଙ୍କୁ ନିଆଯାଉଛି।

ବ୍ରହ୍ମପୁର,୨୨।୯(ସ୍ମୃତି ରଞ୍ଜନ ମହାଲିକ) ଗୋସାଣୀ ନୂଆ ଗାଁ ଅଧିଷ୍ଠାତ୍ରୀ ଦେବୀ ମା' କାଳୁଆଙ୍କ ବାର୍ଷିକ ଯାତ୍ରା ରବିବାରଠାରୁ ଆରମ୍ଭ ହୋଇଛି। ରବିବାର ରାତି ୧ଟାରେ ମୁଖ୍ୟ ମନ୍ଦିରରୁ ଅସ୍ଥାୟୀ ମଣ୍ଡପ ଅଭିମୁଖେ ମା' ବାହାରିଥିଲେ। ମା ଆସିବା ସମୟରେ ବାଜାବାଜଣା ଓ ପରବା ନୃତ୍ୟ ଏବଂ ଘଣ୍ଟ ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏଥିପୂର୍ବରୁ ମାଙ୍କୁ ମୁଖ୍ୟ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଇଟିମଳା ଫୁଲରେ ସଜା ଯାଇଥିଲା। ପୂଜାର୍ଚ୍ଚନା ପରେ ଆଜ୍ଞା ମାଳ ମିଳିବା ପରେ ଆଜ୍ଞା ମାଳକୁ ମା'ଙ୍କ ପାଲିଙ୍କିରେ ବିଜେ କରାଯାଇଥିଲା। ଏହାପରେ ମା ବିରାଟ ପଟୁଆରରେ ବିଭିନ୍ନ ସାହି ପରିକ୍ରମା କରିଥିଲେ। ସୋମବାର ଅପରାହ୍ନରେ ଗୋସାଣୀନୂଆଗାଁ ବଡ ସାହିସ୍ଥିତ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ମା' ଘରୁ ଆସିଥିବା ଅନ୍ନ ଭୋଗ ଖାଇଥିଲେ। ସନ୍ଧ୍ୟା ଆଳତୀ ପରେ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ରାତି ୧୦ଟା ୩୦ରେ ମା'ଙ୍କ ପହଡ ପଡିଥିଲା। ଆସନ୍ତା କୁମାର ପୂର୍ଣ୍ଣିମାରେ ଯାତ୍ରା ଉଦଯାପିତ ହେବ। ଯାତ୍ରା କମିଟି ସଭାପତି ଜଗନ୍ନାଥ ଚୌଧୁରୀଙ୍କ ସମେତ କମିଟିର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

# ଆହତ ଯବାନଙ୍କୁ ଭେଟିଲେ ଅତିରିକ୍ତ ଡିଜି

ବ୍ରହ୍ମପୁର,୨୨।୯( ସୁବାସ ଚନ୍ଦ୍ର ପାଢ଼ୀ) କନ୍ଧମାଳ ଓ ଗଞ୍ଜାମ ସୀମାନ୍ତବର୍ତ୍ତୀ ଜଙ୍ଗଲରେ ମାଓବାଦୀ ଓ ପୋଲିସଙ୍କ ମଧ୍ୟରେ ଘଟିଥିବା ଗୁଳି ବିନିମୟରେ ଆହତ ଏସଓଜି ଯବାନ ପ୍ରେମସିଂ ମାଝୀ (୩୩)ଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି ଅତିରିକ୍ତ ଡିଜି ସଂଜୀବ ପଣ୍ଡା ଓ ଆଇଜି ଅରରେସନ ଦୀପକ କୁମାର। ତାଙ୍କ ସହ କଟକ ବଡଡାକ୍ତରଖାନାର ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଡା.ଅନୁପ ମହାପାତ୍ର ଓ ଅନ୍ୟ ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏମକେସିଜି ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ବିଷୟରେ ବୁଝିବା ସହ ଡାକ୍ତରୀ ଦଳଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ ଯବାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଏମକେସିଜି ଡାକ୍ତରଖାନାର ଅଧୀକ୍ଷକ ଡା.ଦୁର୍ଗାମାଧବ ଶତପଥୀ ସୂଚନା ଦେଇଛନ୍ତି। ବରିଷ୍ଠ ଡାକ୍ତରଙ୍କ ଟିମ ଯବାନଙ୍କ ପର୍ଯ୍ୟବେକ୍ଷଣରେ ରହିଛି। ମେରୁଦଣ୍ଡରେ ଆଘାତ ଲାଗିଥିବା କାରଣରୁ ଶରୀରର ନିମ୍ନଭାଗ ଠିକରୂପେ ଚଳପ୍ରଚଳ କରୁନଥିବା ସୂଚନା ମିଳିଛି। ଏନେଇ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି ନିୟୋଜିତ ଡାକ୍ତରୀଦଳଙ୍କ ସହ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ତଦାରଖ କରାଯାଉଛି, ଆବଶ୍ୟକ ପ ଉନ୍ନତ ଚିକିତ୍ସା ପାଇଁ ରେଫର କରାଯାଇପାରେ ବୋଲି ସୂଚନା ଦେଇଛନ୍ତି।

# ଟିପିଏସ୍ଓଡିଏଲ୍‌କୁ ବି-ଭୋକାଲ ସିଏସ୍ଆର୍ ପୁରସ୍କାର

ବ୍ରହ୍ମପୁର,୨୨।୯(ସ୍ମୃତି ରଞ୍ଜନ ମହାଲିକ) ଟିପିଏସଓଡିଏଲ ବି-ଭୋକାଲ ସିଏସଆର୍ ୨୫ ପୁରସ୍କାରରେ ସମ୍ମାନିତ ହୋଇଛି। ଅର୍ଗାନିକ ଫିଙ୍ଗର୍ ମିଲେଟକୁ ପ୍ରୋତ୍ସାହନ ଯୋଗାଉଥିବାରୁ ଶକ୍ତି ବର୍ଗରେ ଏହି ପୁରସ୍କାର ମିଳିଛି। ଟିପିଏସଓଡିଏଲର ଏହି ପ୍ରୋଜେକ୍ଟ କୋରାପୁଟ ଜିଲାର ଏନଜିଓ ପ୍ରଗତିର ସହଭାଗିତାରେ ବୈପାରିଗୁଡା ବ୍ଲକର ଡୋରାଗୁଡ଼ା ପଞ୍ଚାୟତରେ ହୋଇଥିଲା। ଯାହାଦ୍ୱାରା ୧୮ଟି ଗାଁର ୫୧୦ଜଣ ମହିଳା ଏଥିରେ ଉପକୃତ ହୋଇ ପାରିବା ସହ ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି। ଉନ୍ନତ ଚାଷ କୌଶଳ ସହ ଜୈବିକ ପଦ୍ଧତିରେ ମିଲେଟ ଚାଷକୁ ପ୍ରୋତ୍ସାହନ ଏବଂ ଚାଷୀଙ୍କୁ ବଜାର ସହ ସଂଯୋଗ କରିବା ଏହାର ଲକ୍ଷ୍ୟ। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଏହି ପୁରସ୍କାର ଆମ ପାଇଁ ଗର୍ବର ମୁହୂର୍ତ୍ତ। ଆମର ମିଲେଟ ପ୍ରୋଜେକ୍ଟ ତଥା ମିଲେଟ ଚାଷକୁ ଏହା ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି।

# ସମୁଦ୍ରରେ ନିଖୋଜ ଯୁବକଙ୍କ ମୃତଦେହ ଜବତ

ଗୋପାଳପୁର,୨୨।୯(ନବୀନ ରାଜ ଆଚାରୀ) ଗୋପାଳପୁର ଅଧୀନ ଧବଳେଶ୍ୱର ବେଳାଭୂମି ସମୁଦ୍ରରେ ନିଖୋଜ ଥିବା ଯୁବକଙ୍କ ମୃତଦେହ ସୋମବାର ନୂଆ ବକ୍ସପୁଲ୍ଲୀ ନିକଟରେ ଗୋପାଳପୁର ଥାନା ପୋଲିସ ଜବତ କରିଛି। ମୃତକ ହେଲେ ବିହାରର ଦାନାପୁର ଅଞ୍ଚଳର ଅଭିଷେକ ରଞ୍ଜନ (୧୮)। ସେ ଆର୍ମି ଇଣ୍ଟରଭ୍ୟୁ ଦେବାକୁ ଆସିଥିଲେ। ଅନ୍ୟ ୨ ଜଣଙ୍କ ସହ ମିଶି ସମୁଦ୍ରରେ ଗାଡ଼ୋଉଥିବା ବେଳେ ବୁଡିଯାଇ ନିଖୋଜ ଥିଲେ। ସୋମବାର ସକାଳେ ଯୁବକଙ୍କ ମୃତଦେହ ବକ୍ସପୁଲୀ ସମୁଦ୍ର ବେଳାଭୂମି କୂଳରେ ଭାସୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରି ଗୋପାଳପୁର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନଂ. ୧୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।


DSPL-274

## ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫

ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫, ତା ୬ ଡିସେମ୍ବର ୨୦୨୫ ରିଖ ଠାରୁ ତା ୧୬ ଡିସେମ୍ବର ୨୦୨୫ ରିଖ ପର୍ଯ୍ୟନ୍ତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଯାଉଅଛି । ସମସ୍ତ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିକ୍ରେତା ଏବଂ ବ୍ୟବସାୟୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ନିମ୍ନୋକ୍ତ ଇ-ମେଲରେ ଯୋଗାଯୋଗ କରିପାରିବେ।

ଇ-ମେଲ :- odishasahityaakademi@gmail.com

ଅଧିକ ବିବରଣୀ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଦାନ କରାଯିବ।



OIPR-03029/13/0069/2526

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

# ଭିଭିଗିରିରେ ଛାତ୍ରବୃତ୍ତି ପରୀକ୍ଷା

ବ୍ରହ୍ମପୁର, ୨୨।୯(ସୁବାସ ଚନ୍ଦ୍ର ପାଢ଼ୀ) ସୋମବାର କନିଷ୍ଠ ପି.ଏମ.ଶ୍ରୀ ବାଲାଜୀ ବିଦ୍ୟାପୀଠ ଓ ଭି.ଭି.ଗିରି ଜି.ଏସ.ଟି.ଏସ.(ମହିଳା) ବିଦ୍ୟାଳୟରେ ଛାତ୍ରବୃତ୍ତି ପରୀକ୍ଷା ହୋଇଛି। ପରୀକ୍ଷା ପାଇଁ ପି.ଏମ.ଶ୍ରୀ ବାଲାଜୀ ବିଦ୍ୟାପୀଠ ଛାତ୍ରୀଛାତ୍ର ସକାଳ ୯.୧୫ରେ ପ୍ରବେଶ କରିଥିଲେ। ତୃତୀୟ ଶ୍ରେଣୀ ପାଇଁ ମୋଟ ୧୫୪ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ଆସନ ବଣ୍ଟନ କରାଯାଇଥିଲା। ୧୪୭ ଉପସ୍ଥିତ ଥିଲେ। ପଞ୍ଚମ ଶ୍ରେଣୀ ପାଇଁ ୧୫୭ ଜଣରୁ ୧୪୮ ପରୀକ୍ଷା ଦେଇଥିଲେ। ଭି.ଭି.ଗିରି ଜି.ଏସ.ଟି.ଏସ.(ମହିଳା) ଏହି ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ପାଇଁ ୧୪୮ରୁ ୧୪୬ଉପସ୍ଥିତ ଥିଲେ ପଞ୍ଚମ ଶ୍ରେଣୀ ପାଇଁ ୧୪୪ ଜଣରୁ ୧୪୨ ଜଣ ପରୀକ୍ଷା ଦେଇଥିବା ବେଳେ 2 ଜଣ ଅନୁପସ୍ଥିତ ଥିଲେ। ଉଭୟ ବିଦ୍ୟାଳୟରେ ପରୀକ୍ଷା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବୃତ୍ତି ପ୍ରଦାନ କରାଯିବ। ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶିକ୍ଷକମାନେ ପରୀକ୍ଷା ସୁଚାରୁ ପରିଚାଳନା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ।

DSPL-244

Tele MANAS 14416



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଆପଣଙ୍କ ସେବାରେ

## ରାଷ୍ଟ୍ରୀୟ 'ଟେଲି ମାନସ' ସେବା ସହାୟତା

୧୪୪୧୬ କିମ୍ବା ୧୮୦୦-୮୯-୧୪୪୧୬ରେ ଯୋଗାଯୋଗ କରନ୍ତୁ

### ଉପଲବ୍ଧ ପରାମର୍ଶ ସେବା

- ମାନସିକ, ସ୍ନାୟବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ

ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା

OIPR-10003/13/0284/2526

ମହିଳା ସହାୟତା କେନ୍ଦ୍ର ୧୮୧ ଏବଂ
ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ପ୍ରବଳ ବର୍ଷାରେ ଅସ୍ଥାୟୀ ପୋଲ ଉପରେ ୫ ଫୁଟର ପାଣି

- ଘଣ୍ଟାଏରେ ୮୦ ମି.ମି ବର୍ଷା
- କୋରାପୁଟ-ରାୟଗଡ଼ା ମଧ୍ୟରେ ଗାଡି ଚଳାଚଳ ଠପ୍

**କୋରାପୁଟ,୨୨।୯(ଅମିତାଭ ବେହେରା)**

କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ହୋଇ ରାସ୍ତାଘାଟରେ ବର୍ଷାଜଳ ପ୍ରଭାବିତ ହୋଇ ଯାତାୟାତ ଠପ୍ ହୋଇଛି। କୋରାପୁଟ–ରାୟଗଡା ୩୨୬ ନଂ ଜାତୀୟ ରାଜପଥର ୧୨ କି.ମି ଦୂର ବଙ୍ଗଳାଗୁଡାରେ ଥିବା ଏକ ଅସ୍ଥାୟୀ ପୋଲ ଉପରେ ପ୍ରାୟ ୫ ଫୁଟ ବର୍ଷା ଜଳ ପ୍ରବାହିତ ହୋଇ ଗାଡ଼ି ଚଳାଚଳ ଠପ୍ ହୋଇଥିଲା। ଘଣ୍ଟାଏ ପ୍ରବଳ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନ ଜଳାବର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଘଣ୍ଟାଏ ମଧ୍ୟରେ ପ୍ରାୟ ୮୦ ମିଲିମିଟର ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ବର୍ଷା ଯୋଗୁ କ୍ଷୟକ୍ଷତି ନେଇ ଖବର ଲେଖାଯିବା ସୁଦ୍ଧା ସବିଶେଷ ତଥ୍ୟ ଆସି ନ ଥିବା ବେଳେ ମଙ୍ଗଳବାର ଏ ନେଇ ତଥ୍ୟ ଦିଆଯିବ ବୋଲି ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ବଙ୍ଗଳାଗୁଡା ଅସ୍ଥାୟୀ ପୋଲ ଉପରେ ପ୍ରାୟ ୫ ଫୁଟ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଏହି ରୁଟ୍‌ରେ ଯିବାକୁ ଥିବା ଗାଡ଼ିଗୁଡ଼ିକ ରାସ୍ତାର ଦୁଇପାର୍ଶ୍ୱରେ ଅଟକି ରହିଥିଲେ। ସହରର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୨୬ ନଂ ଜାତୀୟ ରାଜପଥରେ ପ୍ରାୟ ୩ ଫୁଟ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସହର ସମେତ ଆଖପାଖ ସ୍ଥାନର ନାଳନର୍ଦ୍ଦମାରେ ବର୍ଷା ଜଳ ଭର୍ତ୍ତି ହେବା ସହ ତଳିଆ ଅଞ୍ଚଳର କେତେକଙ୍କ ଘରେ ବର୍ଷା ପାଣି ପଶିଥିବା ସୂଚନା ମିଳିଛି।



କୋରାପୁଟ-ରାୟଗଡା ୩୨୬ ନଂ ସଂଯୋଗୀ ରାସ୍ତା ବଙ୍ଗଳଗୁଡ଼ାର ଏକ ଅସ୍ଥାୟୀ ପୋଲରେ ବର୍ଷା ପାଣି ପ୍ରବାହିତ ହେଉଛି।

# ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ମାଓବାଦୀ ନିହତ

**ମାଲକାନଗିରି,୨୨।୯ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ଆବୁଝମାଡ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ସୋମବାର ସକାଳେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଦୁଇ ମାଓବାଦୀ ହେଲେ ଏକକୋଟି ପୁରସ୍କାର ଘୋଷିତ କୋଟା ରାମଚନ୍ଦ୍ର ରେଡ୍ଡୀ ଓରଫ ଗୁଡସା ଏବଂ ଏକ କୋଟି ପୁରସ୍କାର ଘୋଷିତ କାଦ୍ରୀ ସତ୍ୟନାରାୟଣ ରେଡ୍ଡୀ ଓରଫ ଗୋପାନ୍ନୀ। ଉଭୟ ମାଓବାଦୀ ସଂଗଠନର ଟପ୍ କ୍ୟାଡର ଥିବାବେଳେ ଛତିଶଗଡ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ବହୁ ହିଂସାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଆବୁଝମାଡ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବରପାଇ ନାରାୟଣପୁର ଜିଲା ପୋଲିସ, ସିଆରପିଏଫ୍ ଡିଆରଜି ଯବାନମାନେ ସୋମବାର ସକାଳେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସ୍‌କୁ ଦେଖି ମାଓବାଦୀମାନେ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳିଚାଳନା କରିଥିଲା। ପୋଲିସ ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ୨ଜଣ ମାଓବାଦୀଙ୍କ ମୃତଦେହ ଜବତ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ପୋଲିସ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ନାରାୟଣପୁର ପୋଲିସ ସୂତ୍ରରୁ ପ୍ରକାଶ।

**ବ୍ୟବସାୟୀଙ୍କୁ ଅପହରଣ, ଲୁଟ୍ ମାମଲା**

# ମହିଳା କନ୍‌ଷ୍ଟେବଲଙ୍କ ସମେତ ୩ ଗିରଫ

**ମାଲକାନଗିରି, ୨୨।୯ (ଦୁର୍ଯ୍ୟୋଧନ ପାତ୍ର)**

କର୍ନାଟକର ଜଣେ ବ୍ୟବସାୟୀଙ୍କୁ ଅପହରଣ ଏବଂ ଲୁଟ୍ ମାମଲାରେ ମାଲକାନଗିରି ପୋଲିସ ଜଣେ ମହିଳା କନ୍‌ଷ୍ଟେବଲଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲକାନଗିରି ଜିଲା ଓର୍କେଲ ଥାନାର କନ୍‌ଷ୍ଟେବଲ ବାସନ୍ତୀ ବିଶ୍ୱାସ, ବାଲିମେଲା ଗ୍ରାମର ସୁଲତାନ ସିଂ ଓ ପଶ୍ଚିମବଙ୍ଗ ଜୟରାମପୁର ଗ୍ରାମର ରାଜୁ ସେଖ୍। ଘଟଣା ଗତ ୧୧ ତାରିଖରେ ଘଟିଥିଲେ ମଧ୍ୟ ସୋମବାର ଏହା ସାମ୍ନାକୁ ଆସିଛି।

ପୋଲିସ ସୂଚନା ଅନୁଯାୟୀ, ମାଲକାନଗିରି ଜିଲାରେ ବ୍ୟବସାୟ ଆରମ୍ଭ କଲେ ଅଧିକ ଲାଭ ମିଳିବା ପ୍ରଲୋଭନ ଦେଖାଇ ପଶ୍ଚିମବଙ୍ଗର ରାଜୁ ସେଖ୍ କର୍ନାଟକ ଶ୍ରୀରାମପୁର ଥାନା କାଡପା ରାମଚନ୍ଦ୍ରପୁର ଗ୍ରାମର ରଘୁ ନରସିଂହ ନାମକ ଜଣେ ବ୍ୟବସାୟୀଙ୍କୁ ମାଲକାନଗିରିକୁ ଡାକିଥିଲେ। ରାଜୁଙ୍କ କଥାରେ ବିଶ୍ୱାସ କରି ବ୍ୟବସାୟୀ ରଘୁ ନରସିଂହ ମାଲକାନଗିରି ଆସିଥିଲେ। ଅଭିଯୁକ୍ତ ସୁଲତାନ ଓ ରାଜୁ ବ୍ୟବସାୟୀ ନରସିଂହଙ୍କୁ ମାଲକାନଗିରିର ଏକ ହୋଟେଲରେ ରଖି ବ୍ୟବସାୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ପରେ ନରସିଂହଙ୍କୁ ଏମ୍.ଭି. ୧୭ ନିକଟ ଜଙ୍ଗଲକୁ ନେଇ ସେଠାରେ ତାଙ୍କର ଅନ୍ୟ ଦୁଇଜଣ ସାଥୀଙ୍କୁ ଡକାଇ ବ୍ୟବସାୟୀଙ୍କୁ ମାରପିଟ୍ କରିବା ସହ ତାଙ୍କଠାରୁ ମୋବାଇଲ ଛଡାଇ ନେବା ସହ ପାସୱାର୍ଡ ମାଗି ତାଙ୍କ ଆକାଉଣ୍ଟରୁ ୮୨ ହଜାର ଟଙ୍କା ନେଇଯାଇଥିଲେ। ଦୁଇ ଅଭିଯୁକ୍ତ ନରସିଂହଙ୍କୁ ହୋଟେଲକୁ ନେଇ ତାଙ୍କଠାରୁ ନଗଦ ୩ ଲକ୍ଷ ଟଙ୍କା ନେବା ପରେ ଅନ୍ୟ ଏକ ହୋଟେଲକୁ ସ୍ଥାନାନ୍ତର କରିଥିଲେ। ହେଟେଲରୁ ନରସିଂହ ଯେପରି କୁଆଡେ ନ ଯିବେ ସେ ନେଇ ରାଜୁ ସେଖ୍ କଡ଼ା ନଜର ରଖିଥିଲେ। ଏହି ସମୟରେ ମହିଳା କନ୍‌ଷ୍ଟେବଲ ବାସନ୍ତୀ ଆସି ନିଜକୁ ଜଣେ ପୋଲିସ ଅଧିକାରୀ ବୋଲି ପରିଚୟ ଦେଇ ବ୍ୟବସାୟୀଙ୍କୁ ଡରାଇଥିଲେ। ପରେ ୩ ଅଭିଯୁକ୍ତ ମିଶି ବ୍ୟବସାୟୀ ନରସିଂହଙ୍କୁ ଏମ୍.ଭି. ୧୪ ଗ୍ରାମକୁ କାରରେ ନେଇ ସେଠାରେ ତାଙ୍କୁ ଆଉ ୩ ଲକ୍ଷ ଟଙ୍କା ଯୋଗାଡ଼ କଲେ ଛାଡ଼ିଦେବେ ବୋଲି କହିଥିଲେ । ନରସିଂହଙ୍କ କାର୍ ରାସ୍ତା ଉପରେ ଥିବାବେଳେ କେତେଜଣ ଗ୍ରାମବାସୀ ଦେଖି ଏ ସମ୍ବନ୍ଧରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନରସିଂହଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ପ୍ରକୃତ ଘଟଣା ପଦାକୁ ଆସିଥିଲା। ଏ ନେଇ ଥାନାରେ ୪୮୮/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୁଲତାନ, ରାଜୁ ଓ ବାସନ୍ତୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶଥାଉକି, ମହିଳା କନ୍‌ଷ୍ଟେବଲ ବାସନ୍ତୀ ପୂର୍ବରୁ ମାଲକାନଗିରି ସଦର ଥାନାରେ କାର୍ଯ୍ୟରତ ଥିଲେ। ଏବେ ତାଙ୍କର ଓର୍କେଲ ଥାନାକୁ ବଦଳି ହୋଇଥିବାବେଳେ ସେ ଛୁଟିରେ ଅଛନ୍ତି। ତେବେ ବାସନ୍ତୀଙ୍କ ନାଁରେ ମାଲକାନଗିରି ଓ ବାଲିମେଳା ଥାନାରେ ବହୁ ମାମଲା ରହିଛି। ଏହା ପୂର୍ବରୁ ବାସନ୍ତୀ ଏଟିଏମ୍‌ରୁ ଟଙ୍କା ଲୁଟ୍, ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇ ଫେରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭୁଲ୍ ମେଡିସିନ ନେଲା...

ମାଡ ମାରିଥିଲେ। ଏହି ଘଟଣା ପ୍ରଚାରିତ ହୋଇଯିବା ପରେ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ମୃତ ଶିଶୁପୁତ୍ରର ବାପା ଅଟୋ ଡ୍ରାଇଭର ଥିବାରୁ କ୍ୟାପିଟାଲ ହସ୍ପିଟାଲରେ ଅନ୍‌ଲାଇନ୍ ଅଟୋ ଚାଳକ ସଂଘର କର୍ମକର୍ତ୍ତା ରୁଣ୍ଡ ହୋଇଥିଲେ। ବାହାରେ ରାସ୍ତାରୋକୋ କରିବା ସହିତ ହସ୍ପିଟାଲ ଭିତରକୁ ଧସେଇ ପସିଥିଲେ। ସେମାନେ କ୍ଷତିପୂରଣ ଦାବି କରିବା ସହ ଡ୍ୟୁଟିରେ ଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଭଙ୍ଗାରୁଜା କରିଥିଲେ। ଏହିସମୟରେ ସିକ୍ୟୁରିଟି ଗାର୍ଡଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଅଟୋ ଚାଳକମାନେ ହସ୍ପିଟାଲ ସାରା ହୋହଲ୍ଲା କରିବା ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରୋଗୀ ସେବା ବ୍ୟାହତ ହୋଇଥିଲା। ସ୍ଥିତି ଏପରି ହୋଇଥିଲା କାଜୁଆଲିଟି, ହସ୍ପିଟାଲର ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀଙ୍କ ଚାମ୍ବରକୁ ବନ୍ଦ କରିଦିଆଯାଇ କାହାକୁ ଛଡା ନ ଯାଇ ନ ଥିଲା। କମିଶନରେଟ ପୋଲିସ ପକ୍ଷରୁ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ତେବେ ଶିଶୁ ମୃତ୍ୟୁ ଘଟଣାର ନିରପକ୍ଷ ତଦନ୍ତ କରାଯିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ଶିଶୁରୋଗ ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି।

**୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା**

ଶିଶୁପୁତ୍ର ଆୟୁଷ୍ମାନ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ୧୩ ମାସରେ...

ଅନୁଯାୟୀ, ୨୦୨୪ ଜୁନ୍ ପହିଲାରୁ ୨୦୨୫ ଜୁଲାଇ ମଧ୍ୟରେ ରାଜ୍ୟରେ ୩୭ହଜାର ୬୧୧ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ସର୍ବାଧିକ ୯୧୮୧ ମାମଲା କେବଳ ଅସଦାଚରଣ(ମୋଲେଷ୍ଟସନ) ରହିଥିବାବେଳେ ଏହାତଳକୁ ଅପହରଣ ଓ ଅନ୍ୟାନ୍ୟ ମାମଲା ରହିଛି। ତେବେ ଏହି ମାମଲାରେ ୮୭୫ ପୁରୁଷ ଓ ୬୫ମହିଳା ଗିରଫ ହୋଇଥିବାବେଳେ ୧୨୯ଜଣ ଜେଲ ଯାଇଛନ୍ତି। ଏହି ଅବଧି ମଧ୍ୟରେ ୮୨୨୭ଟି ନାରୀ ଅପହରଣ ମାମଲା ରୁଜୁ ହୋଇଥିବାବେଳେ ଯୌତୁକ ନିର୍ଯାତନା ପାଇଁ ୫୪୬୪ ମାମଲା ଏବଂ ୬୧୩୪ଟି ଅଣଯୌତୁକ ନିର୍ଯାତନା ମାମଲା ଓ ୨୯୩୩ଟି ବଳାତ୍କାର ମାମଲା ରହିଛି। ତେବେ ବଳାତ୍କାର ମାମଲାରେ ୨୨୬୧ଜଣ ପୁରୁଷ ଓ ୨୬ଜଣ ମହିଳା ଗିରଫ ହୋଇଥିବାବେଳେ ୪୨୬ଜଣଙ୍କୁ ଜେଲ ପଠାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।

ସେହିପରି ଏହି ଅବଧି ମଧ୍ୟରେ ୧୭୪ଟି ବଳାତ୍କାର ଉଦ୍ୟମ ମାମଲା ରହିଥିବାବେଳେ ୩୩୪ଟି ସଙ୍ଗିନ ମାମଲା ରହିଛି। ବିବାହର ପ୍ରତିଶ୍ରୁତି ଦେଇ ଅବୈଧ ସମ୍ପର୍କ ରଖିବା ନେଇ ୩୩୪ଟି ମାମଲା ରୁଜୁ ହୋଇଛି। ଏହାସହିତ ୧୨୭୮ଟି ଯୌନ ନିର୍ଯାତନା ମାମଲା ରହିଥିବାବେଳେ ୨୧୬୧ଟି ସର୍ବସାଧାରଣରେ ମହିଳାଙ୍କୁ ଉଲଗ୍ନ କରିବା ଭଳି ମାମଲା ରହିଛି। ଏହାବାଦ୍ ୧୨୭ଟି କେବଳ ନାରୀ ଚାଲାଣ ମାମଲା ରୁଜୁ ହୋଇଥିବାବେଳେ ସର୍ବସାଧାରଣରେ ମହିଳାଙ୍କୁ ନିର୍ଯାତନା ଦେବା ନେଇ ୭୦୨ଟି ମାମଲା ରୁଜୁ ହୋଇଛି। ଏହି ସମୟ ମଧ୍ୟରେ ୩ଜଣ ମହିଳାଙ୍କୁ ଏସିଡ୍ ଆକ୍ରମଣ ହୋଇଥିବାବେଳେ ୨ଜଣଙ୍କୁ ଉଦ୍ୟମ କରାଯାଇଛି। ଏହାବାଦ୍ ଅନ୍ୟାନ୍ୟ ମାମଲା ରହିଛି। ତେବେ ନାରୀ ଅପହରଣ ମାମଲାରେ ୪୪୬ଜଣ ଗିରଫ ହୋଇଥିବାବେଳେ ୧୭ଜଣ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୪ଜଣ ଜେଲ ଭୋଗିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟରେ ନାରୀ ନିର୍ଯାତନା ରୋକିବା ପାଇଁ ସମ୍ବେଦନଶୀଳ ମାମଲା(ବଳାତ୍କାର, ଏସିଡ୍ ଆକ୍ରମଣ) ଭଳି ମାମଲାରେ ଜିଲା ଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପିଙ୍କ ଜରିଆରେ ମାମଲାକୁ ତ୍ୱରିତ ତଦାରଖ କରାଯାଉଛି। ଏହାସହିତ ୨୯ଟି ଜିଲାରେ ସ୍ୱତନ୍ତ୍ର ଅନୁସନ୍ଧାନ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି ବୋଲି ତଥ୍ୟରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।



# କିଆଫୁଲ ପାଲଟିଛି ଚାଷୀଙ୍କ ଜୀବିକା ଆଧାର

ଗଞ୍ଜାମ,୨୨।୯(ଅଖିଳ ତରାଇ)

ଗଞ୍ଜାମର କିଆ ଫୁଲ ବିଶ୍ୱକୁ ମୋହିତ କରିଛି। ପାଣ୍ଡାନସ୍ ଓଡୋରିଫର୍ ନାମକ କିଆ ଗଛର ପୁରୁଷ ଫୁଲରୁ ନିଷ୍କାସିତ ଅତରର ମହକ କେବଳ ମଣିଷକୁ ମହକିତ କରିନି ଏହା ସ୍ଥାନୀୟ ଚାଷୀଙ୍କ ଜୀବନରେ ପାଲଟିଛି ଜୀବିକାର ଆଧାର। ଭାରତରେ ଉତ୍ପାଦିତ କିଆ ଫୁଲ ଗଞ୍ଜାମରୁ ପ୍ରାୟ ୯୦ ପ୍ରତିଶତ ମିଳୁଥିବାରୁ ୨୦୧୨ରେ ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି। ଗଞ୍ଜାମର ଲବଣାକ୍ତ ବାଲିଆ ମାଟି ଏବଂ ସାମୁଦ୍ରିକ ପବନ କିଆ ଗଛର ବୃଦ୍ଧିରେ ସହାୟକ ହୋଇଥାଏ। ଗଞ୍ଜାମ, ଛତ୍ରପୁର, ପାଲୁରୁଗଡ଼, ନାରାୟଣପୁର, ହରିଆପଲ୍ଲୀ, ମାଟିଖାଲ, ରଙ୍ଗେଇଲୁଣ୍ଡା ଏବଂ କନିଷି ବ୍ଲକ ଅଞ୍ଚଳରେ ଏହି ଚାଷ ହୋଇଥାଏ।

ଚାଷୀ ଦେବରାଜ ପ୍ରଧାନ ଓ ଦିଲୀପ ପ୍ରଧାନ କହନ୍ତି, ୧୯୨୪ରେ ଛତ୍ରପୁରର ଶ୍ରୀରାମଚନ୍ଦ୍ରପୁରରେ ପ୍ରଥମ କିଆ ଭାଟିର ଜନ୍ମ ହୋଇଥିଲା। ଏକ କିଆ ଗଛ ୪ରୁ ୬ ମିଟର ଉଚ୍ଚତାରେ ବଢ଼ି ଉଠେ ଏବଂ ୫ରୁ



୭ ବର୍ଷରେ ଫୁଲ ଫୁଟାଏ। ବର୍ଷକୁ ତିନିଥର ଏପ୍ରିଲ୍-ମେ, ଜୁଲାଇ-ସେପ୍ଟେମ୍ବର ଏବଂ ଡିସେମ୍ବର-ଫେବୃଆରୀରେ ହୋଇଥାଏ। ଏକ ପରିପକ୍ୱ ଗଛରୁ ୪୦ରୁ ୫୦ଟି କିଆଫୁଲ ମିଳେ। ଏହି ଫୁଲକୁ ପିତଳ ବା ତମ୍ବା ହଣ୍ଡାରେ ଗରମ କରି ବାଷ୍ପ ଦ୍ୱାରା ନିମ୍ନ ତାପରେ ପାତନ କରାଯାଏ। ହଜାରେ ଫୁଲରୁ ମାତ୍ର ୧୫ରୁ ୨୦ ମିଲିଗ୍ରାମ୍ ତେଲ ମିଳିଥାଏ। ଯାହାର ମୂଲ୍ୟ ଲିଟର ପିଛା ୧୨ରୁ ୧୬ ଲକ୍ଷ ଟଙ୍କା। ଏହି ସୁଗନ୍ଧିତ ରସ ଅତରରେ ୩ରୁ ୫ ପ୍ରତିଶତ ମିଶ୍ରଣ ହୋଇ ଚନ୍ଦନ ତେଲ ସହ ମିଶି ଯାଏ। ପ୍ରସାଧନ ସାମଗ୍ରୀ, ସେଣ୍ଟ, ଅଗରବତୀ, ପାନମସଲା, ଜର୍ଦ୍ଦା ଏବଂ ଔଷଧରେ ମଧ୍ୟ ଏହାର ବ୍ୟବହାର ହୋଇଥାଏ। ପ୍ରତିବର୍ଷ ୫୦ କୋଟିରୁ ଅଧିକ କାରବାର ହେଉଥିବା ଜିଲାରେ ୧୫୦ରୁ ଅଧିକ ଭାଟି ରହିଛି। ଏହା ପ୍ରାୟ ୪ ଲକ୍ଷ ଚାଷୀ ଏବଂ ୧ ଲକ୍ଷ ବ୍ୟବସାୟୀଙ୍କୁ ଜୀବିକା ଯୋଗାଉଛି। ତେବେ ଚାଷୀ ଏଥିରୁ ବିଶେଷ ଲାଭ ପାଉ

### ୮୦ ପ୍ରତିଶତ ଭାଟି ଉତ୍ତରପ୍ରଦେଶ ବେପାରୀଙ୍କ ନିୟନ୍ତ୍ରଣରେ

ନ ଥିବା ଉଭୟ ଚାଷୀ ପ୍ରକାଶ କରିଛନ୍ତି।

ଗତ ଫାଇଲିନ୍ ବାତ୍ୟାରେ ଜିଲାରେ ୪୦ ପ୍ରତିଶତ କିଆ ଗଛ ନଷ୍ଟ ହୋଇଥିଲା, ଜଙ୍ଗଲ ସୃଷ୍ଟି ଯୋଜନା ଏହା ପୁନରୁଦ୍ଧାର ହୋଇଛି। ଉତ୍ତରପ୍ରଦେଶର କନୌଜ୍, ଲକ୍ଷ୍ନୌର ବ୍ୟବସାୟୀମାନେ ଏଠାରୁ ତେଲ କିଣି ନେଉଥିବାରୁ ଚାଷୀମାନେ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଗୋଟିଏ କିଆଫୁଲର ମୂଲ୍ୟ ପୂର୍ବରୁ ବହୁ କମ୍ ଟଙ୍କା ଥିବା ବେଳେ ଏବେ ୧୨ରୁ ୪୦ ଟଙ୍କା ହୋଇଛି। ରଙ୍ଗେଇଲୁଣ୍ଡାରେ ଥିବା ୧୨୦ ଭାଟିରୁ ୮୦ ପ୍ରତିଶତ ଉତ୍ତରପ୍ରଦେଶ ବେପାରୀଙ୍କ ନିୟନ୍ତ୍ରଣରେ ରହିଛି। ସରକାରୀ ପ୍ରୋତ୍ସାହନ, ଉଚିତ ବଜାର ବ୍ୟବସ୍ଥା ଏବଂ ଆଧୁନିକ ପ୍ରଯୁକ୍ତି ଯୋଗାଇଦେଲେ ଗଞ୍ଜାମର କିଆ ଚାଷୀଙ୍କ ଅର୍ଥନୀତି ଆହୁରି ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଉଛି।

## ତୃତୀୟ, ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା

ବୁଗୁଡ଼ା,୨୨।୯(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲରେ ସୋମବାର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୧୬୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୪ ଜଣ ପରୀକ୍ଷା ଦେଇଥିବା ବେଳେ ୯ ଜଣ ଅନୁପସ୍ଥିତ ଥିଲେ। ପିପୁଲ୍ସ ହାଇସ୍କୁଲର ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲେ। ସେହିପରି ସ୍ଥାନୀୟ ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମଧ୍ୟ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଇଓଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୧୪୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୫ ଜଣ ପରୀକ୍ଷା ଦେଇଥିଲା ବେଳେ ୧୧ ଜଣ ଅନୁପସ୍ଥିତ ଥିଲେ। ଏସ୍‌ବିଏନ୍ ଗାର୍ଲସ୍ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲେ। ଉଭୟ କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ବିଇଓ ଚିନ୍ମୟ ମହାପାତ୍ର ଓ ଏବିଇଓ ଅମିତା କୁମାରୀ ପାଢୀ ଯୋଗ ଦେଇଥିଲେ।

## ଏମ୍‌ବିକେ, ସିଆର୍‌ପିଙ୍କ ଆନ୍ଦୋଳନ ଜାରି

ଶେରଗଡ଼,୨୨।୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଓ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଏମ୍‌ବିକେ, ସିଆର୍‌ପି ମହିଳା କର୍ମଚାରୀ ଧାରଣା ଦେଇ ଆନ୍ଦୋଳନ ଜାରି ରଖିଛନ୍ତି। ଭାଜପା ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଆମର ୬ ମାସର ଦରମା ଦେଇନାହିଁ। ବରଂ କାମକୁ ଦେଖି ପ୍ରୋତ୍ସାହନ ରାଶି ପ୍ରଦାନ କରିବୁ ବୋଲି ଏକ ପତ୍ର ଦେଇଛନ୍ତି। ଧାରଣାରେ ବ୍ଲକର ୩୦୦ରୁ ଅଧିକ ଏମ୍‌ବିକେ, ସିଆର୍‌ପି ସାମିଲ ହୋଇଛନ୍ତି।

## ଅଭିଯୋଗ ଶୁଣିଲେ ଜିଲାପାଳ

ପାରଳାଖେମୁଣ୍ଡି,୨୨।୯ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ତାଳମୁଣ୍ଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁମିତା ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏସ୍‌ପି ଯତୀନ୍ଦ୍ର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଉପଜିଲାପାଳ ଅନୁପ ପଣ୍ଡା ଉପସ୍ଥିତ ଥିଲେ। ତାଳମୁଣ୍ଡା ପଞ୍ଚାୟତ ସମେତ ରାୟଗଡ, ଡମ୍ବାଲ ଓ ଜିରାଙ୍ଗ ପଞ୍ଚାୟତର ୫୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଅଭିଯୋଗ ୨୭ଟି ଥିବାବେଳେ ୨୯ଟି ଗ୍ରାମ ସମସ୍ୟାଭିତ୍ତିକ ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପଅଧକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସନ୍ତୋଷ ବାରିକ, ସିଡିଏମ୍‌ଓ ମହମ୍ମଦ ମୁବାରକ ଅଲ୍ଲି ଉପସ୍ଥିତ ଥିଲେ।

## ପୁଣି ମାତିଲେ ହାତୀ, ଫସଲ ନଷ୍ଟ କଲେ

ଜି.ଉଦୟଗିରି,୨୨।୯(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଅଞ୍ଚଳରେ ପୁଣି ଦୁଇଟି ହାତୀ ଉପଦ୍ରବ ଆରମ୍ଭ କଲେଣି। ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ସୁଜେଲି ଗ୍ରାମର ଦୁବେଡ଼ି ପାଙ୍ଗାରେ ହାତୀ ରବିବାର ଚାଷୀ ଦିଲୀପ କୁମାର ପ୍ରଧାନଙ୍କ ୧ ଏକର ଜମିର ମାଣ୍ଡିଆ, ମୁଗ, କନ୍ଦମୂଳ ଚାଷ ନଷ୍ଟ କରିଛନ୍ତି। ଦିଲୀପ ମିଲେଟ ମିଶନ ଯୋଜନାରେ ଚାଷ କରିଥିବା ବେଳେ ହାତ 1 ସବୁ ନଷ୍ଟ କରିଥିବା ସେ କହିଛନ୍ତି। ସେହିପରି ସୁଜେଲି ଗ୍ରାମର ବ୍ରଜ ସାହୁଙ୍କ ଧାନ ଫସଲ ମଧ୍ୟ ହାତୀ ସମ୍ପୂର୍ଣ୍ଣ ନଷ୍ଟ କରିଛନ୍ତି। ହାତୀ ଘଉଡାଇବା ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ଦେଇଛନ୍ତି ବନ କର୍ମଚାରୀ।

## ଘରୁ ଲୁଟ୍ ଘଟଣା, ୨ ଗିରଫ

ହିଞ୍ଜିଳିକାଟୁ, ୨୨।୯(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ମୋହନ କଲୋନୀରେ ଗତ ୧୬ରେ ଜଣେ ଶିକ୍ଷକଙ୍କ ଘରର ତାଲା ଭାଙ୍ଗି ସୁନା ଅଳଙ୍କାର, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟପୁର ଥାନା ରେଡିକା ସାହିର ସନ୍ତୋଷ କୁମାର ସାହୁ ଓ ବ୍ରହ୍ମପୁର ବଡ଼ବଜାର ଥାନା ଜେନା ସାହିର ଦିପୁନ ସାହୁ। ସେମାନଙ୍କ ଠାରୁ ଚୋରି ହୋଇଥିବା ମଙ୍ଗଳସୂତ୍ର, ୪ ହଜାର ଟଙ୍କା ସହ ଚୋରି ବେଳେ ବ୍ୟବହୃତ ବାଇକ୍ ଓ ଲୁହା ଶାବଳ ପୋଲିସ ଜବତ କରିଛି।

# ଯୋଗଦେଲେ ୬୦ କଲେଜର ଅଧକ୍ଷ, ଅଧ୍ୟାପକ

ଛତ୍ରପୁର,୨୨।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

### ଜାତୀୟ ଶିକ୍ଷାନୀତି ସମ୍ପର୍କିତ ସ୍ୱତନ୍ତ୍ର କର୍ମଶାଳା

ଜାତୀୟ ଶିକ୍ଷାନୀତି ସମ୍ପର୍କିତ ବିଶେଷ ଦକ୍ଷତା ବୃଦ୍ଧି ନିମନ୍ତେ ଛତ୍ରପୁର ସରକାରୀ ବିଜ୍ଞାନ କଲେଜ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଏକ ଦିବସୀୟ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କଲେଜ ପରିସର ଏପିଜେ ଅବଦୁଲ କଲାମ ସମ୍ମିଳନୀ କକ୍ଷରେ ହୋଇଥିବା ଏହି କର୍ମଶାଳାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଡ. ଗୀତାଞ୍ଜଳି ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଡ. ଦାସ ଜାତୀୟ ଶିକ୍ଷାନୀତି ବିଷୟରେ ବିଶେଷ ଆଲୋଚନା କରିବା ସହିତ ନୂତନ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ବିଷୟରେ ସଚେତନ କରିଥିଲେ। ଏଥିସହିତ କୌଶଳମୂଳକ ଶିକ୍ଷା, ଶିକ୍ଷାରେ ପ୍ରଯୁକ୍ତି ବିଦ୍ୟାର ମିଶ୍ରଣ ଏବଂ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସଭାରେ ମହାବିଦ୍ୟାଳୟ ଉନ୍ନୟନ ପରିଷଦ, ବ୍ରହ୍ମପୁରର ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପଣ୍ଡା ଯୋଗଦେଇ ମହାବିଦ୍ୟାଳୟ ଗୁଡ଼ିକରେ ଶୈକ୍ଷିକ ବାତାବରଣର ଉନ୍ନତି ଦିଗରେ ସମସ୍ତଙ୍କୁ ଆହ୍ୱାନ ଦେବା ସହିତ ସଫଳତା ହାସଲ କରିଥିବା ଅଧ୍ୟାପକ ତଥା ଅଧକ୍ଷମାନଙ୍କୁ କୃତଜ୍ଞତା ଜଣାଇଥିଲେ।




ସଭାରେ ସ୍ନାତକୋତ୍ତର ଶିକ୍ଷା ପରିଷଦର ଅଧକ୍ଷ ପ୍ରଫେସର୍ ସୁକାନ୍ତ କୁମାର ତ୍ରିପାଠୀ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଜାତୀୟ ଶିକ୍ଷା ନୀତି କିଭଳି ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ନିର୍ମାଣରେ ସହାୟକ ହେବ ତାହା ଆଲୋଚନା କରିଥିଲେ। ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ମହାବିଦ୍ୟାଳୟଗୁଡିକର କେତୋଟି ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଏଥିସହିତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟରେ ଉତ୍ତମ ସମନ୍ୱୟ କିପରି ପରବର୍ତ୍ତୀ ସମୟରେ ଶିକ୍ଷାବ୍ୟବସ୍ଥାକୁ ତ୍ୱରାନ୍ୱିତ କରିପାରିବ ସେ ବିଷୟରେ ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡ. ଅଜୟ କୁମାର ତ୍ରିପାଠୀ ମଧ୍ୟ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ ପ୍ରାୟ ୬୦ଟି ମହାବିଦ୍ୟାଳୟର ଅଧକ୍ଷ ଓ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ । ବିଭିନ୍ନ ମହାବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଇଂଲିଶ ଅଧ୍ୟାପିକା ଡ. ଶିବାନୀ ଗନ୍ତାୟତ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ଲକ୍ଷ୍ମୀନାରାୟଣ ସାହୁ, ଡ. ପ୍ରଭାକର ପାଢୀ, ଡ. ନରେଶ ଚନ୍ଦ୍ର ରାଉତ, ଡ. ବିଷ୍ଣୁ ପ୍ରସାଦ କର, ଡ. ଅଜିତ ସେଠୀ, ମାନସ ରଞ୍ଜନ ବିଶ୍ୱାଳ, ଡ. ପ୍ରଦ୍ୟୁମ୍ନ ମଡେଇ, ଅଧ୍ୟାପିକା ଡ. ଡାଏନା ପ୍ରଧାନ, ଡ. ମିଲିମିତା ପାଢୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କର୍ମଶାଳା ପରିଚାଳିତ ହୋଇଥିଲା।

## ସାର ବୋଝେଇ ଟ୍ରକ୍‌କୁ ପ୍ରଶାସନର ଜିମା ଦେଲେ

ପାତ୍ରପୁର,୨୨।୯ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ କୃଷି କାର୍ଯ୍ୟାଳୟ ନିକଟରେ ଥିବା ମୁଣ୍ଡକେରୀ ଯିବା ରାସ୍ତାରେ ସୋମବାର ଏକ ସାର ବୋଝେଇ ଟ୍ରକ୍‌ରୁ ସାର ବିକ୍ରୀ ହେଉଥିବା ବେଳେ ଚାଷୀ ଟ୍ରକ୍‌କୁ ଧରି ପ୍ରଶାସନର ଜିମା ଦେଇଛନ୍ତି। ଚଳିତ ବର୍ଷ ଚାଷୀ ସାର ନ ପାଇ ଚିନ୍ତାରେ ରହିଥିବା ବେଳେ କଳାବଜାରୀ ହେଉଥିବା ଅଭିଯୋଗ ହେଉଛି। ଆନ୍ଧ୍ରକୁ ସାର ଚାଲଣ ବେଳେ ଗାଡ଼ିକୁ ଅଟକାଇ ପ୍ରଶାସନକୁ ହସ୍ତାନ୍ତର କରାଯାଉଛି। ହେଲେ ଏହାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ଚାଷୀଙ୍କୁ ପ୍ରଶାସନ ଗୋଟିଏ ଲେଖାଏଁ ସାର ବସ୍ତା ଯୋଗାଇବା ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀମାନେ କହିଛନ୍ତି। ଆଜି ଏକ ସାର ଟ୍ରକକୁ ମୁଣ୍ଡକେରୀ ଯିବା ରାସ୍ତାରେ ରଖି ସାର ବାହାର କରୁଥିବା ବେଳେ କିଛି ଚାଷୀ ମାଗିଥିଲେ ତେବେ ହଜାରେ ଟଙ୍କାକୁ ଏକ ୟୁରିଆ ବସ୍ତା ଦିଆଯାଉଥିବା କହିଥିଲେ। ସେଠାରେ ହୋହାଲ୍ଲା ହୋଇଥିଲା ଓ ଚାଷୀମାନେ ଗାଡ଼ି ଧରି ପ୍ରଶାସନର ଜିମା ଦେଇଥିଲେ। ତହସିଲଦାର ଅଶୋକ କୁମାର ପଟ୍ଟନାୟକ, କୃଷି ଅଧିକାରୀ ଶ୍ରଦ୍ଧା ସିଂ, ଜରଡା ଥାନା ଅଧିକାରୀ ଟୁନା ସାସମଲ ପ୍ରମୁଖ ପହଞ୍ଚି ଗାଡ଼ି ଜବତ କରିଛନ୍ତି।

# ବିଦ୍ୟାଳୟରେ ପାଠ ପଢ଼ାଇଲେ ତହସିଲଦାର



ତହସିଲଦାର ପିଲାମାନଙ୍କୁ ପଢାଉଛନ୍ତି।

ଧରାକୋଟ,୨୨।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ସୋମବାର ଝରପାରି ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଆସିବା ପୂର୍ବରୁ ପଞ୍ଚାୟତରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ଅଚାନକ ତହସିଲଦାରଙ୍କୁ ଦେଖି ଶିକ୍ଷକ ଓ ଛାତ୍ରୀଛାତ୍ର ଚକିତ ହୋଇଯାଇଥିଲେ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୫୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତହସିଲଦାର ଦଶମ ଶ୍ରେଣୀ ପିଲାମାନଙ୍କ ସହ ଭାବ ବିନିମୟ କରିଥିଲେ। ସେମାନଙ୍କ ସହ ସାଧାରଣ ଜ୍ଞାନ ସମ୍ପର୍କିତ କିଛି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରିଥିଲେ। ପରେ ପାଠ୍ୟ ବିଷୟ ଉପରେ ପ୍ରଶ୍ନ କରିଥିଲେ। ଶୃଙ୍ଖଳା ଜ୍ଞାନ,ଚରିତ୍ର ଗଠନ, ଅଧ୍ୟବସାୟୀ, ସମୟୋପଯୋଗୀ ହେବାକୁ ପରାମର୍ଶ ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗଦର୍ଶନ କରିଥିଲେ। ଏହାପରେ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଖଣ୍ଡୁଆଳ, ଶିକ୍ଷକ ବାଙ୍କନିଧି ପାଇକ, ମେଗଡିଲ ଗମାଙ୍ଗ, ଚିତ୍ତ ରଞ୍ଜନ ପଣ୍ଡା, ରାମଚନ୍ଦ୍ର ଗମାଙ୍ଗ, ଅଶୋକ କୁମାର ଆଚାରି, ମନ୍ଦାକିନୀ ଜେନା, ଶଙ୍କର କୁମାର ବେହେରା, ରୋହିତ କୁମାର ସାହୁଙ୍କ ଉପସ୍ଥିତିରେ ବିଦ୍ୟାଳୟର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏବିଇଓ ସୌରୀ ଶଙ୍କର ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପାଇଁ ୨ଜଣ ଓ ଜଣେ କ୍ରୀଡ଼ା ଶିକ୍ଷକ ଅଭାବ ଥିବା ପ୍ରଧାନଶିକ୍ଷକ କହିଥିଲେ। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଦେଖି ତହସିଲଦାର ସନ୍ତୋଷ ପ୍ରକାଶ କରିଥିଲେ।

# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ ।

ଚକାପାଦ,୨୨।୯ (ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକରେ ଏମ୍‌ଜିଏନ୍‌ଆର୍ ଜିଏସ୍‌ର ଏକ ଦିବସୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ନୋଡାଲ ଅଫିସର ଭାବେ ଫୁଲବାଣୀ ଉପଜିଲାପାଳ ଭିକାରି ଚରଣ ସାହୁ ଯୋଗ ଦେଇଥିଲେ। ବ୍ଲକ୍ ଅଧକ୍ଷା ବୈନେତ୍ରୀ କହଁର, ଉପାଧକ୍ଷ ସୋମନାଥ ବେହେରା, ବିଡିଓ ହୃଦରଞ୍ଜନ ସାହୁ, ଜିଲା ସାମାଜିକ ସୁରକ୍ଷା ଅଡିଟର ଦୁଃଶାସନ ସିଂଙ୍କ ଉପସ୍ଥିତିରେ ୧୨ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ସହକାରୀ ଯନ୍ତ୍ରୀ ଦେବୀପ୍ରସନ ରାଉତ, କନିଷ୍ଠ ଯନ୍ତ୍ରୀ ଚାନ୍ଦ୍ରୟ ହାଁସଦା, ସନ୍ତୋଷ ସେଠୀ, ଜିତ ପାଟମାଝି, ପିଇଓ ଏବଂ ଏଡିଓ ମାନେ ଯୋଗ ଦେଇଥିଲେ। ଏପିଓ ନବନିତା ତ୍ରିପାଠୀ ବିବରଣୀ ପାଠ କରିଥିଲେ। ସମୁଦାୟ ୧୪୭ଟି ପ୍ରକଳ୍ପରେ ୮.୯୫କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ତଥ୍ୟ ଉପଜିଲାପାଳଙ୍କୁ ଲିଖିତ ଆକାରରେ ବ୍ଲକ୍ ପ୍ରଶାସନ ତରଫରୁ ଦିଆଯାଇଥିଲା। କେତୋଟି ପଞ୍ଚାୟତରେ ପ୍ରକଳ୍ପ ସରିଯାଇଥିଲେ ମଧ୍ୟ ନାଗରିକ ସୂଚନା ଫଳକ ନିର୍ମାଣ ହୋଇନଥିବା ଓ ଭାଙ୍ଗି ଯାଇଥିବା ଫଳକ ପୁନର୍ବାର ନିର୍ମାଣ କରିବା ପାଇଁ ମେଟ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କୌଣସି ଅଭିଯୋଗ ଏହି ବୈଠକରେ ଆସି ନ ଥିଲା।

# ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର କ୍ୟାମ୍ପ ଉଦ୍‌ଯାପିତ

ଭଞ୍ଜନଗର,୨୨।୯(ବାବୁଲା ପ୍ରଧାନ):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ସପ୍ତାହବ୍ୟାପୀ ଚାଲିଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପୁରୁଷ ଓ ମହିଳା ଶାଖାର ସ୍ୱତନ୍ତ୍ର କ୍ୟାମ୍ପ ରବିବାର ଉଦ୍‌ଯାପିତ ହୋଇଛି। କଲେଜ ଅଧକ୍ଷ ରାଜେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ଯୋଜନା ପରାମର୍ଶଦାତା କମିଟିର ଅଫିସର ପ୍ରତିନିଧି ଭାବେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ ଯୋଗଦେଇ ପ୍ରାକୃତିକ ଦୁର୍ବିପାକ ସମୟରେ ଏନଏସଏସ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିପଦର ବନ୍ଧୁ କର୍ମକର୍ତ୍ତା ପ୍ରଶାନ୍ତ ରାଉତ




ଅନ୍ୟତମ ଅତିଥି ଭାବେ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଯୋଜନା ଅଧିକାରୀ ଡ. ରବିନ୍ଦ୍ର ମିଶ୍ର, ପ୍ରାଧାପକ ହର ପ୍ରସାଦ ଶତପଥୀ, ଏନ୍‌ଏସ୍‌ଏସ୍‌ର ପୁରୁଷ ଶାଖା ଅଧିକାରୀ ବି. ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ମହିଳା ଶାଖା ଅଧିକାରୀ ସସ୍ମିତା ଦାସ ସଂଯୋଜନା କରିଥିଲେ। ସହ ସଂଯୋଜକ ବୁଦ୍ଧିନାଥ ବରିହା ଧନ୍ୟବାଦ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ସହଯୋଗରେ ସପ୍ତାହ ବ୍ୟାପୀ ଚାଲିଥିବା କ୍ୟାମ୍ପରେ ଚାରା ରୋପଣ, ସଫେଇ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ସ୍ୱେଚ୍ଛାସେବୀମାନଙ୍କୁ ଏଡ୍ସ ରୋଗର ଭୟାବହତା ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଚେତନ କରାଯାଇଥିଲା।

# ଆଦି କର୍ମଯୋଗୀ ଅଭିଯାନର ୨ ଦିନିଆ କର୍ମଶାଳା

ଦାରିଙ୍ଗବାଡ଼ି,୨୨।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ଜନଜାତି ଯୁବତୀ ଏବଂ ଯୁବକ ମାନଙ୍କ ଦକ୍ଷତାବୃଦ୍ଧି ପାଇଁ ଆଦି କର୍ମଯୋଗୀ ଅଭିଯାନର ୨ ଦିନିଆ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ବିଡ଼ିଓ ପ୍ରୀତିରଞ୍ଜନ ରଥ ଅଧକ୍ଷତା କରିଥିଲେ। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ଜାଗୃତିର ଧ୍ରୁବ ଚରଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ଉପସ୍ଥିତ ରହି ଜନଜାତି ଯୁବତୀ ଯୁବକମାନଙ୍କ ସମାଜିକ ନେତୃତ୍ୱ, ଜୀବନ କୌଶଳ ଓ ବିଭିନ୍ନ କୌଶଳରେ ଦକ୍ଷତା ଅର୍ଜନ କରିବା କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ବିଶେଷ କରି ଗ୍ରାମାଞ୍ଚଳକୁ ଉନ୍ନୟନ ଓ ଶକ୍ତିଶାଳୀ କରିବାକୁ ହେଲେ ଗ୍ରାମ




ପଞ୍ଚାୟତରେ ଶକ୍ତିଶାଳୀ ଶାସନ ପ୍ରଶିକ୍ଷିତ ଆଦି କର୍ମଯୋଗୀ ମାଧ୍ୟମରେ ଯୋଜନା ପ୍ରସ୍ତୁତ ଓ ନିରୀକ୍ଷଣରେ ସହଯୋଗ କରିବା ଜରୁରୀ ବୋଲି କୁହାଯାଇଥିଲା। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସମାଜିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସରକାରୀ ସେବା ଗ୍ରାମବାସୀଙ୍କ ନିକଟରେ ପହଞ୍ଚିବାକୁ ଏହି ଯୋଜନା ସେତୁ ରୂପେ କାର୍ଯ୍ୟ କରିବ। ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ବିଭାଗ ପକ୍ଷରୁ କରାଯାଉଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବଶକ୍ତିଙ୍କୁ ସଶକ୍ତ କରିବା, ଲୋକଙ୍କୁ ଶାସନରେ ଅଂଶୀଦାର କରିବା, ଆଦିବାସୀ ସମାଜର ସମଗ୍ରିକ ଉନ୍ନତି କରିବା, ୨୦୩୬ସୁଦ୍ଧା ବିକଶିତ ଓଡିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଏହି ଅଭିଯାନର ଲକ୍ଷ୍ୟ। ଏଥିପାଇଁ ଉକ୍ତ ବ୍ଲକ୍‌ର ୨୫ ପଞ୍ଚାୟତରେ ୪୪ଟି ଗ୍ରାମକୁ ଆଦି ଗ୍ରାମ ଭାବେ ଚୟନ କରାଯାଇଛି। ସେଠାରେ ଆଦି କେନ୍ଦ୍ର ଖୋଲାଯାଇ ଗାଁ ଲୋକଙ୍କ ବୈଠକ ଓ ଗାଁର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ସରକାରଙ୍କୁ ଅବଗତ କରାଯିବ।

# ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଦାବି

### ବାଲାଜୀ ମହାବିଦ୍ୟାଳୟ

ଚିକିଟି,୨୨।୯(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ବାଲାଜୀ ମହାବିଦ୍ୟାଳୟରେ ଯୁକ୍ତ ତିନି ବିଜ୍ଞାନ ଶ୍ରେଣୀ ନ ଥିବାରୁ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ମହାବିଦ୍ୟାଳୟଟି ୧୯୮୧ରେ ସ୍ଥାପିତ ହୋଇଛି। ଉକ୍ତ ମହାବିଦ୍ୟାଳୟ ଉପରେ ଚିକିଟି ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା, ଚାନ୍ଦପୁର ଉଭାର, ବେଲପଣ୍ଟୀ, ବାଦ୍ୟନାଳ, ପତ୍ରପୁଟ୍ଟି, ସୁନ୍ଦରଡ଼ା, ବଡକେଲାଖୁରି, ଧାନ୍ୟରାଶି, ଗଡ଼ଗୋବିନ୍ଦପୁର, ଗୌଡ଼ଗାଁ, ଦାଉଣି, ଏସ୍ ଟିକରପଡା, ଭ୍ରମରପୁର, ବନମାଳୀ ଏହି ଭଳି ୨୫ରୁ ଉର୍ଦ୍ଧ୍ୱ ଗ୍ରାମର ଛାତ୍ରୀଛାତ୍ର ନିର୍ଭର କରନ୍ତି। ପ୍ରତିବର୍ଷ ଉକ୍ତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଫଳାଫଳ ଭଲ ହେଉଥିବା ଯୋଗୁ ଯୁକ୍ତ ତିନି ବିଜ୍ଞାନ ନ ଥିବାରୁ ଛାତ୍ରୀଛାତ୍ର ମାନେ ଚିକିଟି, ଦିଗପହଣ୍ଡି ସାମନ୍ତିଆପଲ୍ଲୀ ବ୍ରହ୍ମପୁର ସମେତ ଘରୋଇ କଲେଜରେ ଆଡମିଶନ ପାଇଁ ଆବେଦନ କରିଥାନ୍ତି। ଏପରିକି ଗରିବ ପରିବାରର ପିଲାମାନେ ନାମ ଲେଖାଇପାରୁନାହାନ୍ତି। ଧନୀ ଶ୍ରେଣୀର ପିଲାମାନେ ବିଭିନ୍ନ ଘରୋଇ କଲେଜରେ ନାମଲେଖାଇ ବହୁ ଖର୍ଚ୍ଚାନ୍ତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୁକ୍ତ ତିନି ବିଜ୍ଞାନ ଖୋଲିବା ପାଇଁ ବାରମ୍ବାର ଅଞ୍ଚଳବାସୀ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଦୀର୍ଘ ୩୬ ବର୍ଷର ଏହି ପୁରାତନ କଲେଜରେ ମୋଟ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଯୁକ୍ତ ତିନି ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଉକ୍ତ ମହାବିଦ୍ୟାଳୟର ଅଧକ୍ଷ ଡା.ସୁଦର୍ଶନ ପଟ୍ଟନାୟକଙ୍କୁ ଯୋଗଯୋଗ ବେଳେ ଯୁକ୍ତ ତିନି ବିଜ୍ଞାନ ଶ୍ରେଣୀ ଖୋଲିବାକୁ ପ୍ରତି ବର୍ଷ ବିଭାଗୀୟ କର୍ତ୍ତୃପକ୍ଷ ନିକଟକୁ ଲିଖିତ ଭାବେ ଜଣାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ଏନେଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କୁ ମଧ୍ୟ ଜଣାଯାଇଥିବା କହିଛନ୍ତି।

# ଅର୍ଦ୍ଧନିର୍ମିତ ଶୌଚାଳୟ, ଛାତରୁ ଗଳୁଛି ପାଣି

ମୋହନା,୨୨।୯(ମନ୍ମଥ ମିଶ୍ର)

ଶିକ୍ଷାର ବିକାଶ ପାଇଁ ସରକାର ବହୁ ଯୋଜନା କରିଛନ୍ତି । ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ସହ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ଅର୍ଥ ବ୍ୟୟ କରୁଛନ୍ତି । ଗତ ସରକାର ସମୟରେ ଅନେକ ଉଚ୍ଚ ବିଦ୍ୟାଳୟକୁ ୫-ଟି ମାଧ୍ୟମରେ ରୂପାନ୍ତରିତ କରାଯାଇଥିଲା। ଏଥିପାଇଁ ସବୁ ରୂପାନ୍ତରିତ ବିଦ୍ୟାଳୟକୁ ୪୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ମିଳିଥିଲା । ହେଲେ ସେସବୁ ଟଙ୍କା କିଛି କିଛି ଖର୍ଚ୍ଚ ହୋଇଥିବା ବେଳେ ଅନେକ ଉଚ୍ଚ ବିଦ୍ୟାଳୟରେ କାମ ସମ୍ପୂର୍ଣ୍ଣ ହୋଇନାହିଁ । ତେବେ ୫-ଟି ରୂପାନ୍ତରିତ ଅନୁଦାନ ଟଙ୍କା କାହିଁକି ଖର୍ଚ୍ଚ କରାଯାଇନାହିଁ ବୋଲି ଗ୍ରାମବାସୀ ଓ ବିଦ୍ୟାଳୟ କମିଟି ପ୍ରଶ୍ନ ଉଠାଇଛନ୍ତି। ୨୦୦୯ରେ ସ୍ଥାପିତ ଗଜପତି ଜିଲା ମୋହନା ବ୍ଲକ ବଡସିନ୍ଧା ଉଚ୍ଚ ବିଦ୍ୟାଳୟକୁ ୨୦୨୩ ରେ ୫-ଟିରେ ରୂପାନ୍ତରିତ କରାଯାଇଥିଲା। ବିଦ୍ୟାଳୟକୁ ଆସିଥିବା ୪୫ ଲକ୍ଷ ଟଙ୍କା



ବ୍ଲକକୁ ପ୍ରଦାନ କରାଯାଇଥିବା ବେଳେ ୫-ଟି ରୂପାନ୍ତରିତ ପ୍ରକ୍ରିୟାରେ ନିର୍ମିତ ଶୌଚାଳୟ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ । ସେପ୍ଟି ଲାଗିନି ଟାଙ୍କି ବସି ନ ଥିବାରୁ ପିଲାମାନେ ଶୌଚାଳୟକୁ ବ୍ୟବହାର କରୁନାହାନ୍ତି। ବିଶୁଦ୍ଧ ପାନୀୟ ଜଳର ଅଭାବ ମଧ୍ୟ ରହିଛି ବିଦ୍ୟାଳୟରେ। ଆକ୍ୱାଗାର୍ଡ ବ୍ୟବସ୍ଥା ପାଇଁ ୫-ଟି ଅନୁଦାନରେ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟାଳୟ ଆକ୍ୱାଗାର୍ଡ ଲାଗିନାହିଁ। ବିଦ୍ୟାଳୟର ସବୁ ଶ୍ରେଣୀ ଗୃହରେ ଛାତରୁ ପାଣି ଗଳୁଛି। ବର୍ଷା ହେଲେ ପାଠପଢାରେ ସମସ୍ୟା ଉପୁଜୁଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ବିଦ୍ୟାଳୟକୁ ପକ୍କା ରାସ୍ତା ନାହିଁ। ରହିଥିବା ରାସ୍ତା ବର୍ଷା ହେଲେ ପାଣି କାଦୁଅରେ ଭର୍ତ୍ତି ହୋଇଯାଉଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ କହିଛନ୍ତି। ସେହିପରି କଟାମା ଉଚ୍ଚ ବିଦ୍ୟାଳୟ ମଧ୍ୟ ୫-ଟି ମାଧ୍ୟମରେ ରୂପାନ୍ତରିତ ହୋଇଥିଲା । ସେଠାରେ ମଧ୍ୟ

### ଅବ୍ୟବସ୍ଥାରେ ୫-ଟି ରୂପାନ୍ତରିତ ବିଦ୍ୟାଳୟ

ଏସବୁ ସମସ୍ୟା ଦେଖିବାକୁ ମିଳିଥିବା ବେଳେ ଧାଡିଆମ୍ବ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ସମାନ ସମସ୍ୟା ଥିବା ପ୍ରଧାନ ଶିକ୍ଷକ ପ୍ରଦୀପ ମଲ୍ଲିକ କହିଛନ୍ତି । ଏନେଇ ମୋହନା ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଆଶିଷ ଶତପଥୀଙ୍କୁ ପଚାରିବାରୁ ସେ କହିଲେ, ଗତ ୫-ଟି ଯୋଜନାରେ ଆସିଥିବା କିଛି ଅନୁଦାନ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ କିଛି ଅନୁଦାନ ବଳକା ଅଛି। ଲଘୁଚାପଜନିତ ବର୍ଷା କମିବା ପରେ ସବୁ ୫-ଟି ବିଦ୍ୟାଳୟଗୁଡ଼ିକର ସମସ୍ୟା ସମାଧାନ କରାଯିବ। ବିଦ୍ୟାଳୟଗୁଡ଼ିକରେ ସମସ୍ୟା ଲାଗିରହିଥିବା ବେଳେ ଅନୁଦାନ ଟଙ୍କା କୁଆଡେ ଗଲା ପ୍ରଶ୍ନ ଉଠାଇ ବିଦ୍ୟାଳୟ କମିଟି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି।

## ହ୍ୟାଣ୍ଡବଲ କୋଚିଂ କ୍ୟାମ୍ପ ଆରମ୍ଭ

ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ରାୟଗଡ ବ୍ଲକ ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରପ୍ରାପ୍ତ ଜିଲା ଶାରିରୀକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ୪୨ ଜଣ ବାଳିକାବାଳକଙ୍କୁ ନେଇ ରବିବାରଠାରୁ ହ୍ୟାଣ୍ଡବଲ କୋଚିଂ କ୍ୟାମ୍ପ ଆରମ୍ଭ ହୋଇଛି। ୧୪ ବର୍ଷ ଓ ୧୭ ବର୍ଷରୁ କମ ଉଭୟ ବାଳିକା ଓ ବାଳକ କ୍ୟାମ୍ପରେ ଯୋଗ ଦେଇଛନ୍ତି। ଏହି ଟିମ୍ ଆସନ୍ତା ୨୪ରେ ବ୍ରହ୍ମପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେବେ। ଏହି କୋଚିଂ କ୍ୟାମ୍ପରେ ପ୍ରଶିକ୍ଷକ ଭାବରେ ଦେବବ୍ରତ ପରିଡା, ଦର୍ଶିତା ପଟ୍ଟନାୟକ, ଅଭିମନ୍ୟୁ ଗମାଙ୍ଗ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସ୍ଥାନୀୟ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡା କ୍ୟାମ୍ପର ସମସ୍ତ ଦାୟିତ୍ୱ ବୁଝୁଛନ୍ତି।

**ସଂକ୍ଷେପରେ**

### ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କରାଦଣ୍ଡ

ଫୁଲବାଣୀ,୨୨।୯ (ରାକେଶ କୁମାର ରାଉତ)

ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାରକରି ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୫ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୯ ମାସ ଜେଲ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ସେ ହେଲେ କ. ନୂଆଗାଁ ଥାନା ଅଞ୍ଚଳର ସହଦେବ ମଲ୍ଲିକ। ୨୦୨୪ ମସିହା ଜାନୁଆରୀ ୪ ରେ ନାବାଳିକା (୧୪) ଜଣଙ୍କ ଭାଇ ଏବଂ ଭଉଣୀଙ୍କ ସହ ଘରେ ଥିଲେ। ତାଙ୍କ ମା' ବାପା ମାମୁଁ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ସହଦେବ ନାବାଳିକାଙ୍କ ଘରକୁ ରାତି ୧୨ ଟାରେ ଅନଧିକାର ପ୍ରବେଶ କରି ତାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣାକୁ ତାଙ୍କ ଭାଇ ଦେଖି ଦେଇଥିଲେ। ସହଦେବ ତାକୁ ପାଟି କରିବା ସହ ଧମକ ଦେଇଥିଲେ। ଘଟଣା ବିଷୟରେ କାହାରିକୁ ନ କହିବାକୁ କହି କିଛି ସମୟ ପରେ ଚାଲି ଯାଇଥିଲେ। ପରଦିନ ଘଟଣା ବିଷୟରେ ନାବାଳିକା ତାଙ୍କ ମା' ବାପାଙ୍କୁ କହିଥିଲେ। ସେମାନେ ଆସିବା ପରେ ଗ୍ରାମରେ ଏନେଇ ବୈଠକ ହୋଇଥିଲା। ସେଠାରେ କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ନାବାଳିକା ୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୯/୨୪ରେ ମାମଲା ରୁଜୁ କରି ସହଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଚାରପତି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଏବଂ ମେଡିକାଲ ରିପୋର୍ଟକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ପୀଡିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

### ମିଶନ ଶକ୍ତି ସଦସ୍ୟାଙ୍କ ଧାରଣା

ହିଞ୍ଜିଳିକାଟୁ ୨୨।୯ ( ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ବ୍ଲକ୍ ମିଶନ ଶକ୍ତି ଓ ଜୀବିକା ମିଶନ ବିଭାଗ ଓଏଲ୍ଏମ୍ ପକ୍ଷରୁ ସୋମବାର ବିଭିନ୍ନ ଦାବି ନେଇ ବିଡ଼ିଓ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ବର୍ଦ୍ଧିତ ପ୍ରୋତ୍ସାହନ ରାଶି ଓ ଗସ୍ତ ଖର୍ଚ୍ଚ ମିଳି ନ ଥିବା ବେଳେ ପୁର୍ନବାର ଗୋଷ୍ଠୀ ଗଠନ ଜରିଆରେ କିଛି ମିଶନ ଶକ୍ତି କାର୍ଯ୍ୟକର୍ତ୍ତାଙ୍କୁ ବାହାର କରିଦେବା ଚକ୍ରାନ୍ତ ଚାଲିଛି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏକ ସ୍ମାରକ ପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ସଂଘର ବ୍ଲକ୍ ସଭାପତି ମମତା ରେଡ୍ଡୀ, ସମ୍ପାଦିକା ନଳିନୀ ଦାଶ, କୋଷାଧକ୍ଷ ବର୍ଷା ରାଣିପଣ୍ଡା, ଗାୟତ୍ରୀ ନନ୍ଦ, ମମତା ରାଉତ ପ୍ରମୁଖ ସାମିଲ ଥିଲେ ।

### ବ୍ଲକସ୍ତରୀୟ ନବଭାରତ କାର୍ଯ୍ୟକ୍ରମ ଉଲ୍ଲାସ ନିରକ୍ଷରଙ୍କୁ ସାକ୍ଷର କରିବାକୁ କର୍ମଶାଳା

ଶେରଗଡ଼,୨୨।୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନିରକ୍ଷରମାନଙ୍କୁ ସାକ୍ଷର କରିବା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା ଏହାକୁ ଶୁଭାରମ୍ଭ କରିଥିଲେ। ବ୍ଲକସ୍ତରୀୟ ନବଭାରତ କାର୍ଯ୍ୟକ୍ରମ ଉଲ୍ଲାସ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ବ୍ଲକର ସବୁ ଗ୍ରାମରେ ଥିବା ନିରକ୍ଷରଙ୍କୁ ପାଠ ପଢ଼ା ଯାଇପାରିବ। ଏ କ୍ଷେତ୍ରରେ ସିଆରସିସି ଓ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗାଁରେ ଥିବା ୧୫ ବର୍ଷରୁ ଅଧିକ ନିରକ୍ଷର ବ୍ୟକ୍ତିଙ୍କୁ ସାକ୍ଷର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କର୍ମଶାଳାରେ କୁହାଯାଇଥିଲା। ପ୍ରତି ୧୦ଜଣ ନିରକ୍ଷରଙ୍କୁ ପାଠ ପଢ଼ାଇବା ପାଇଁ ଜଣେ ଲେଖାଏ ସ୍ୱେଚ୍ଛାସେବୀ ନିଯୁକ୍ତି ହେବେ। ଏବିଇଓ ଶୈରନ୍ଧ୍ରୀ ଦଳେଇ, ଦିବାକର ଗମାଙ୍ଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କୃଷି ବିରୋଧୀ ନୀତି ଯୋଗୁ ଚାଷୀ, ଚାଷ ବିପର୍ଯ୍ୟସ୍ତ ହେଉଛି

## ଓଡିଶା କୃଷକ ସଭାର ଗଞ୍ଜାମ ଜିଲା ସମ୍ମିଳନୀ

ଦିଗପହଣ୍ଡି,୨୨।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିଠାରେ ଓଡିଶା କୃଷକ ସଭାର ଅଷ୍ଟାଦଶ ଗଞ୍ଜାମ ଜିଲା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ବଜାର ସାହି ଗୁଣ୍ଡିଚା ମନ୍ଦିର ଛକ ସଭାସ୍ଥଳରେ ପହଞ୍ଚିଥିଲା। କୃଷକ ସଭାର ପୂର୍ବତନ ଜିଲା ସଭାପତି କମ୍ରେଡ କୈଳାସ ଷଡଙ୍ଗୀ ସ୍ୱାଗତ ସୂଚନା ଦେଇଥିଲେ। କୃଷକ ସଭାର ଗଞ୍ଜାମ ଜିଲା ସଭାପତି କମ୍ରେଡ ପି.ହରିକୃଷ୍ଣ ରେଡ୍ଡୀ ସଭାପତିତ୍ୱ କରିଥିଲେ। ସିପିଆଇ (ଏମ)ର ପ୍ରାକ୍ତନ ରାଜ୍ୟ ସମ୍ପାଦକ କମ୍ରେଡ ଅଳି କିଶୋର ପଟ୍ଟନାୟକ, କୃଷକ ସଭା ଜିଲା ସମ୍ପାଦକ କମ୍ରେଡ ଅଜୟ ଗୌଡ଼, ବିଦ୍ୟାଧର ଜେନା, ଗୋପାଳ ପାଣିଗ୍ରାହୀ, ଜନ୍ମେଜୟ ମିଶ୍ର, ଅଭ୍ୟର୍ଥନା ସମିତି ଅଧକ୍ଷ କୁରେଶୁ ପଣ୍ଡା, ସମ୍ପାଦକ ପି.ଶିବଶଙ୍କର ପ୍ରମୁଖ ଅତିଥି ରୂପେ ମଞ୍ଚାସୀନ ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ବିରୋଧୀ ନୀତି ଯୋଗୁ ଚାଷୀ ଓ ଚାଷ ବ୍ୟବସ୍ଥା



ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଉଥିବା ଚାଷୀମାନେ।

ବିପର୍ଯ୍ୟସ୍ତ ହେବାକୁ ଲାଗିଛି। ଅନ୍ନଦାତାଙ୍କ ବିରୋଧରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଣିଥିବା ୩ଟି କଳା ଆଇନ ଚାଷୀଙ୍କ ତୀବ୍ର ଆନ୍ଦୋଳନ ଯୋଗୁ କେନ୍ଦ୍ର ସରକାର ଏହି ଆଇନକୁ ବାତିଲ କରିବାକୁ ବାଧ ହୋଇଥିଲେ। କୃଷକ ସଭାର ଲଢେଇ ଯୋଗୁଁ ଗଞ୍ଜାମ ଜିଲାରେ ବହୁସଂଖ୍ୟକ ଭୂମିହୀନ ଗରିବ ଦଳିତ ପରିବାର ଅନାବାଦୀ ସରକାରୀ ଜମି ଓ ଜଙ୍ଗଲ ଜମି ଦଖଲ କରି ଚାଷ କରିବା ସହ ପରିବାର ପ୍ରତିପୋଷଣ କରୁଛନ୍ତି। ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରୀ କରି ଜନଜାତି ବର୍ଗଙ୍କୁ ପଟ୍ଟା ଦେବା ଓ ବାସହୀନଙ୍କୁ ଘର ପଟ୍ଟା ପ୍ରଦାନ ଦାବିରେ କୃଷକ ସଭା ସଂଗ୍ରାମ ଅବ୍ୟାହତ ରଖିଛି। ଭାଗଚାଷୀ ଆଇନ ପ୍ରଣୟନ କରି ସେମାନଙ୍କୁ ଚାଷୀର ମାନ୍ୟତା ପ୍ରଦାନ କରିବା। ଏମ୍‌ଜିଏନଆରଇଜିଏସ୍‌ରେ ସମସ୍ତ କ୍ଷେତ ମଜଦୁରଙ୍କୁ ବର୍ଷସାରା କାମ ଯୋଗାଇଦେବା। ଜିଲାରେ ନୂତନ ଜଳସେଚନ ପ୍ରକଳ୍ପ ନିର୍ମାଣ କରି ସବୁ ଜମିକୁ ଜଳସେଚନ ନେଇ ମଞ୍ଚାସୀନ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ସଭାରେ ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲା ସମ୍ପାଦକ ଅଳକନାଥ ମିଶ୍ର, କୃଷକ ସଭାର ବ୍ଲକ କମିଟି ସଭାପତି ସୁଶାନ୍ତ ଷଡଙ୍ଗୀ, ଆଇନଜୀବୀ ଗୋକୁଳାନନ୍ଦ ତ୍ରିପାଠୀ, ଉଜ୍ଜଳ ସାହୁ, ଭି.ସୁଦର୍ଶନ ରାଜୁ, ଅର୍ଜ୍ଜୁ ମାଧା, ଶଶୀଭୂଷଣ ରଥ, ପୁଷ୍ପଧ୍ୱଜ ସାହୁ, ରମାକାନ୍ତ ପ୍ରଧାନ, ଡି.ଅନ୍ତର୍ଯ୍ୟାମୀ, କିଶୋର ଚନ୍ଦ୍ର ଜେନା, ପି.ଗୋବିନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ କଳିଙ୍ଗବୈଶ୍ୟ ଭବନ ସଭା ଗୃହରେ କୃଷକ ସଭାର ପ୍ରତିନିଧି ସମ୍ମିଳନୀ ଉଦ୍‌ଘାଟନ ହୋଇଥିଲା।

## ତାରାତାରିଣୀଙ୍କ ପୀଠରେ ନବରାତ୍ର ଆରମ୍ଭ
# ଶୈଳିପୁତ୍ରୀ ବେଶରେ ଦର୍ଶନଦେଲେ ୨ ଭଉଣୀ


ମା' ତାରାତାରିଣୀ

ପୁରୁଷୋତ୍ତମପୁର,୨୨।୯(ସିମାଞ୍ଚଳ ମିଶ୍ର)

ନବରାତ୍ର ପୂଜା ଲାଗି ଗଞ୍ଜାମ ଜିଲାର ପ୍ରସିଦ୍ଧ ଅଧିଷ୍ଠାତ୍ରୀ ମା' ତାରାତାରିଣୀ ପୀଠ ସୋମବାର ଚଳଚଞ୍ଚଳ ହୋଇଉଠିଛି। ଏହି ଅବସରରେ ତାରାତାରିଣୀ ୨ ଭଉଣୀ ଶୈଳିପୁତ୍ରି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ୧୩ ତାରିଖରୁ ଷୋଡ଼ଶ ଉପଚାର ପୂଜା କରାଯାଇ ମା'ଙ୍କୁ ଉଥାପନ କରାଯାଇଥିବା ବେଳେ ନବରାତ୍ରୀ ପୂଜାର ଆରମ୍ଭ ହୋଇଛି। ସକାଳୁ ଦ୍ୱାରପିଟା ନୀତି ପରେ ମଙ୍ଗଳଆଳତି ମାଜଣା କରାଯାଇ ମା'ଙ୍କ ନିତିକାନ୍ତି ଆରମ୍ଭ ହୋଇଥିଲା। ଏହି ନବରାତ୍ର ପୂଜା ସମୟରେ ମା'ଙ୍କ ଦର୍ଶନ କରିବା ଓ ଅଖଣ୍ଡ ଦୀପ ଲଗାଇଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେବା ଦିନ ଠାରୁ ପ୍ରତ୍ୟହ ଚଣ୍ଡୀପାଠ ସହ ବେଦ ମନ୍ତ୍ରରେ ତାରାତାରିଣୀ ପାହାଡ ପ୍ରକମ୍ପିତ ହେଉଛି। ମା'ଙ୍କ ଆଶୀର୍ବାଦ ଲାଗି ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଛୁଟିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

# କୁଲାଡ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଗଠନ ହେବ

ଭଞ୍ଜନଗର,୨୨।୯ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଅନ୍ତର୍ଗତ କୁଲାଡ ଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ପ୍ରଥମ ଥର ପାଇଁ ପ୍ରଶାସନ ପକ୍ଷରୁ ଆସନ୍ତା ୨୪ ତାରିଖରେ ପରିଚାଳନା କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ନିର୍ବାଚନ ହେବ। କମିଟି ଏଣିକି ମନ୍ଦିର କଥା ବୁଝିବ। ଚେୟାରମ୍ୟାନ ତଥା ଉପ ଜିଲାପାଳ, ସଭାପତି ତଥା ତହସିଲଦାର ପୂର୍ବଭଳି ନିଜ ଦାୟିତ୍ୱ ତୁଲାଇବେ। ନୂତନ ପରିଚାଳନା କମିଟି ପ୍ରଶାସନର ସହଯୋଗ ନେଇ ମନ୍ଦିର ପରିଚାଳନା କରିବ। ମନ୍ଦିରର ଉନ୍ନତି କିଭଳି ହୋଇପାରିବ ସେଥିପାଇଁ କମିଟି ଯୋଜନା ପ୍ରସ୍ତୁତ କରିବ। କମିଟିରେ ବିଭିନ୍ନ ବର୍ଗର ଲୋକଙ୍କୁ ନିଆଯିବ।

ସୂଚନାଯୋଗ୍ୟ, ଭଞ୍ଜ ରାଜବଂଶ ପକ୍ଷରୁ ନିଜ ରାଜଧାନୀ କୁଲାଡଠାରେ ବହୁବର୍ଷ ତଳେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଥିଲା। ସେ ସମୟରେ ରାଜବଂଶ ପକ୍ଷରୁ ହଜାର ହଜାର ଭରଣ ଜମି ଏବଂ ବିପୁଳ ପରିମାଣର ସୁନା, ରୂପା ଅଳଙ୍କାର ଦାନ କରାଯାଇଥିଲା। ତେବେ ଠାକୁରଙ୍କ ସବୁ ଅଳଙ୍କାର କିଛି ବର୍ଷ ତଳେ ଚୋରି ହୋଇଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ସୁନା ଅଳଙ୍କାର ପୋଲିସ ଉଦ୍ଧାର କରିପାରିନାହିଁ। ଏଥିସହ ମନ୍ଦିର ଜମି ଅନେକ ଲୋକ ଜବରଦଖଲ କରି ରଖିଛନ୍ତି। ଫଳରେ ମନ୍ଦିର ପରିଚାଳନାରେ ଅସୁବିଧା ହେଉଛି। ଏବେ ମଧ୍ୟ ରାଜବଂଶର ପ୍ରତିନିଧି ରଥଯାତ୍ରା ବେଳେ ପହଣ୍ଡି ସମୟରେ ଛେରା ପହଁରା କରନ୍ତି। ଏବେ ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର ବିଭାଗ ବୁଝୁଛି। ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା ଚେୟାରମ୍ୟାନ ଅଛନ୍ତି। ତହସିଲଦାର ସଭାପତି ରହିଛନ୍ତି। ଗତ କିଛି ଦିନ ତଳେ ମନ୍ଦିର ପୂଜାରୀଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ବିବାଦ ଦେଖାଦେଇଥିଲା। କଥା ଯାଇ ତହସିଲଦାରଙ୍କ ପାଖରେ ପହଞ୍ଚିଥିଲା। ପରେ ଅତିରିକ୍ତ ତହସିଲଦାର ଅବିନାଶ ମହାର ଏଥିରେ ହସ୍ତକ୍ଷେପ କରି ସମସ୍ୟାକୁ ଟାଳି ଦେଇଥିଲେ। ପରେ ପ୍ରଶାସନ ମନ୍ଦିର ପରିଚାଳନାରେ ସର୍ବସାଧାରଣଙ୍କୁ ସାମିଲ ପାଇଁ ନିଷ୍ପତ୍ତି ନେଇଥିଲା।

## ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଚାରାରୋପଣ

ଗଞ୍ଜାମ,୨୨।୯(ଅଖିଳ ତରାଇ/ବିଦ୍ୟାଧର ସାହୁ)

ଗଞ୍ଜାମ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ 'ମାଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମ ଗଞ୍ଜାମ ଏନଏସି ଅନ୍ତର୍ଗତ ୱାର୍ଡ ନମ୍ବର ୩ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଷଦର ସଦସ୍ୟମାନେ ମିଳିତ ଭାବେ ୧୫ଟି ଚାରାରୋପଣ କରିଥିଲେ। ପ୍ରତ୍ୟେକ ଗଛର ରକ୍ଷଣାବେକ୍ଷଣ ଦାୟିତ୍ୱ ଜଣେ ଜଣେ ସଦସ୍ୟ ଗ୍ରହଣ କରିଛନ୍ତି। ଏଥିରେ ବରିଷ୍ଠ ସଦସ୍ୟ ତ୍ରିନାଥ ପାଣିଗ୍ରାହୀ, ପତିତପାବନ ମହାପାତ୍ର, ଉପଦେଷ୍ଟା ଇଂ ବିନୋଦ ପାଢ଼ୀ, ସଭାପତି ରବୀନ୍ଦ୍ର ପଣ୍ଡା, ସମ୍ପାଦକ ବିନୋଦ ଚନ୍ଦ୍ର ମହାପାତ୍ର, ଉପସଭାପତି ଅରୁଣ ପଣ୍ଡା, ପ୍ରମୋଦ ବ୍ରହ୍ମା, ସୁରେନ୍ଦ୍ର ପଟ୍ଟନାୟକ, ଲିଙ୍ଗରାଜ ପଟ୍ଟନାୟକ, ବିପ୍ର ମହାପାତ୍ର, ଶରତ ଚନ୍ଦ୍ର ପଣ୍ଡା, ରଘୁନନ୍ଦନ ମହାପାତ୍ର, ବସନ୍ତ ସାବତ, ପଦ୍ମଚରଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ଏନଏସି ପକ୍ଷରୁ ଚାରା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଥିଲା।

# ନବରାତ୍ର ପୂଜା ଆରମ୍ଭ

ଆସିକା/ଛତ୍ରପୁର/ଚିକିଟି/ରମ୍ଭା,୨୨।୯ (ସୁରେନ୍ଦ୍ର ନାଥ ସାହୁ/ଦିଲୀପ ସାମଲ/ ପ୍ରକାଶ ଚନ୍ଦ୍ର ସାହୁ/ ବନବାସୀ ସେଠୀ) : ଆସିକା ସହର ତଥା ଗ୍ରାମାଞ୍ଚଳର ବିଭିନ୍ନ ଶକ୍ତିପୀଠରେ ସୋମବାରଠାରୁ ମା'ଙ୍କ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି। ରବିବାର ସକାଳେ ଋଷିକୁଲ୍ୟା ନଦୀରେଗଙ୍ଗା ଆବାହନ ପରେ ବିଲ୍ୱାଧିବାସ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, କଳସ ପୂଜା, ସଂକଳ୍ପ, ଦେବୀ ଆବାହନ, ଷୋଡଶ ଉପଚାର ପୂଜା ସହ ଆଳତୀ, ପୁଷ୍ପାଞ୍ଜଳି ଆଦି ହୋଇଥିଲା। ଆସିକାର ଆରାଧ୍ୟା ଦେବୀ ମା ଖମ୍ବେଶ୍ୱରୀ, କାଳୀମୁଖି ମନ୍ଦିର, ବସଷ୍ଟାଣ୍ଡସ୍ଥିତ ବୁଢ଼ୀମା ଠାକୁରାଣୀ ମନ୍ଦିର, ସୁନାମ୍ବ ସାହି ଦଣ୍ଡକାଳୀ ମନ୍ଦିର, ତାଲୁକା ରୋଡସ୍ଥିତ ବୈଷ୍ଣଦେବୀ ମନ୍ଦିର, ମାଣିକେଶ୍ୱରୀ ମନ୍ଦିର, କାଳକ୍ଷେତ୍ରପୁର ଓ ନୂଆଗାଁସ୍ଥିତ ଦଣ୍ଡକାଳୀ ମନ୍ଦିରରେ ଦେବୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ସେହିପରି ଛତ୍ରପୁରର ଅଧିଷ୍ଠାତ୍ରୀ ମା'ରାମାୟାଣାମ୍ବାଙ୍କ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ଏଠାରେ ୯ଦିନ ବ୍ୟାପୀ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ପ୍ରଥମ ଦିନ କର୍ତ୍ତା ଭାବେ ସୁଧୀର ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ସମାପ୍ତି ପଣ୍ଡା ଦାୟିତ୍ୱ ତୁଲାଇଥିଲେ ୯ ଦିନଧରି ପଣ୍ଡିତ ସରୋଜ ଶତପଥୀଙ୍କ ତତ୍ତ୍ୱାବଧାନରେ ପୂଜା ହେବ। ସେହିପରି କେରାଣ୍ଡିମାଳ ପର୍ବତ ଶିଖରରେ ବିରାଜିତା ମା'ବାଳକୁମାରୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ମା'ଙ୍କ ମହାସ୍ନାନ,


ମା' ଖମ୍ବେଶ୍ୱରୀ ।

ଷୋଡ଼ଶ ଉପଚାର ପୂଜା ପାଠ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଆଦି ଲାଗି ରହିଛି। ପଣ୍ଡିତ ଅଶୋକ ପାଢ଼ୀଙ୍କ ସମେତ ବହୁ ପଣ୍ଡିତଙ୍କ ମନ୍ତ୍ର ପାଠ ଉତ୍ସବମୁଖର ହୋଇପଡ଼ିଛି। ସେହିପରି ମା' ବଗଳାମୁଖୀ ମନ୍ଦିର, ବାରାହୀ ପୀଠ, ମା' ଚଣ୍ଡେଶ୍ୱରୀ ପୀଠ, ଘୋଡା ଦେବୀ ପୀଠରେ ମଧ୍ୟ ନବରାତ୍ରୀ ପୂଜା ଆରମ୍ଭ ହୋଇଛି।

ରମ୍ଭା ସାବୁଲିଆ ଅଞ୍ଚଳରେ ମଧ୍ୟ ବିଭିନ୍ନ ଠାକୁରାଣୀ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ପୂଜାର୍ଚ୍ଚନା, ଆଳତି, ହୋମ ଓ ମାଙ୍କ ନୀତିକାନ୍ତି ଅନୁଷ୍ଠିତ ହେଉଛି। ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିବାକୁ ଭିଡ ଲଗାଉଛନ୍ତି।

# ଓଡ଼ିଶା ଜୀବିକା ମିଶନ ଇସି ସଂଘର ଧାରଣା

ମୋହନା,୨୨।୯(ମନ୍ମଥ ମିଶ୍ର)

ମୋହନା ବ୍ଲକରେ ସୋମବାର ନିଖିଳ ଓଡ଼ିଶା ଜୀବିକା ମିଶନ ଶକ୍ତିର ଇସି ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଧାରଣା ଦେଇଛନ୍ତି। ଗତ ୨୩ ବର୍ଷ ଧରି କାର୍ଯ୍ୟକାରୀ ହୋଇଥିବା ପୁନର୍ଗଠନ ବେଆଇନ ହୋଇଥିବାରୁ ପୁନର୍ଗଠନ ବନ୍ଦ କରାଯିବା, ବକେୟା ଭତ୍ତା ତୁରନ୍ତ କରିବା ଦାବିରେ ମିଶନ ଶକ୍ତି ଓ ପଞ୍ଚାୟତସ୍ତରୀୟ ମହିଳା ସଂଘ ପକ୍ଷରୁ ଏହି ଧାରଣା ଦିଆଯାଇଛି। ସୌଭାଗ୍ୟ ପୂଜାରୀ, ସଂଯୁକ୍ତା ଲିମା, ଗୀତାଞ୍ଜଳି ବିଷୋୟୀ, ଗୌରୀ ମଲିକ, ଭାଗ୍ୟଲତା ନାୟକ, ବାସନ୍ତୀ ମନ୍ତ୍ରୀ,ମୌସୁମୀ ନାୟକ ଏହାର ନେତୃତ୍ୱ ନେଇଛନ୍ତି। ଶତାଧିକ ମିଶନ ଶକ୍ତି କର୍ମକର୍ତ୍ତାମାନେ ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ଜୀବିକା ମିଶନ ଶକ୍ତିରେ କାର୍ଯ୍ୟରତ ପରିଚାଳନା କମିଟି ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ପରିବର୍ତ୍ତନ କରିବା, ୨୦୨୨ରୁ ସ୍ୱଳ୍ପ ପାରିଶ୍ରମିକ ପାଇ କାର୍ଯ୍ୟ କରୁଥିବା ସଦସ୍ୟଙ୍କୁ ଅଣାଦେଖା କରିବା, ସେମାନଙ୍କ ଅଗୋଚରରେ ଜୀବିକା ମିଶନ ଶକ୍ତିର ସମସ୍ତ କାର୍ଯ୍ୟକାରୀ ସଂଗଠନକୁ ପରିବର୍ତ୍ତନ କରି ନୂତନ ସଂଗଠନ ଗଠନ କରିବାକୁ ସେମାନେ ବିରୋଧ କରିଛନ୍ତି। ରାଜ୍ୟ ସରକାର ନିଜ ନିଷ୍ପତ୍ତିରୁ ଓହରି ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ସେମାନେ ଦାବି କରିଛନ୍ତି। ସେମାନଙ୍କୁ ଉଚିତ୍ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହାର ସମସ୍ତ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଦାବି କରି ୩୯ଟି ପଞ୍ଚାୟତରେ କାର୍ଯ୍ୟରତ ୧୮ଶହରୁ ଉର୍ଦ୍ଧ୍ୱ ସିଏଲଏଫ, ବିଏଲଏଫ, ଜିପିଏଲ୍ଏଫ, ଡ଼ିଏଲ୍ଏଫର ସମସ୍ତ ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ସ୍ଥାୟୀ କରିବାକୁ ଏହି ଅବସରରେ ବିଡିଓ ରାଜୀବ ଦାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଏଡ୍‌ସ, ଟିବି ସଚେତନତା ଶିବିର

କବିସୂର୍ଯ୍ୟନଗର,୨୨।୯ (କୃପାସିନ୍ଧୁ ସ୍ୱାଇଁ)

ସ୍ଥାନୀୟ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ଏଡ୍‌ସ ଓ ଟିବି ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାର ପ୍ରଚେଷ୍ଟା କ୍ରମେ ଦେଶରୁ ସମୂଳେ ଏଡ୍‌ସ, ଟିବିମୁକ୍ତ ଲାଗି ସାଧାରଣରେ ଜାଗରଣ ସୃଷ୍ଟି କରବା ଲକ୍ଷ୍ୟନେଇ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟ ଟିମ୍ ଓ ବ୍ରହ୍ମପୁରର ଅରୁଣା ଏନ୍‌ଜିଓର ମିଳିତ ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ବଳ ଅଧିକାରୀ ରବୀନ୍ଦ୍ର ବେହେରା, କ୍ଷେତ୍ର ପରିଦର୍ଶକ ବାଳକୃଷ୍ଣ ସାହୁ ଏଡ୍‌ସର କାରଣ, ନିରାକରଣ ଓ ଔଷଧ ସେବନ ଉପରେ ବିଶେଷ ଆଲୋଚନା କରିଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଟିବି କ୍ଷେତ୍ର ପରିଦର୍ଶକ ଗୋପବନ୍ଧୁ ସ୍ୱାଇଁ ଟିବି ମୁକ୍ତ ଭାରତ ଗଠନ କରିବାରେ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

## ଶିକ୍ଷା ବିଭାଗର ଆଲୋଚନାଚକ୍ର

ବେଲଗୁଣ୍ଠା,୨୨।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ସ୍ଥିତ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ଏକ ଆଲୋଚନା ଚକ୍ର ଅଧାପକ ପ୍ରଫୁଲ୍ଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ବିଭାଗ ମୁଖ୍ୟ ସପନ କୁମାର ପ୍ରଧାନ ଏବଂ ଖବରଦାତା ଶିବରାମ ଚୌଧୁରୀ ମଞ୍ଚାସୀନ ଥିଲେ। ଶିକ୍ଷା ବିଭାଗୀୟ ମୁଖ୍ୟ ଅଧାପିକା ପିଙ୍କି ପାତ୍ର ପାଠଚକ୍ର ପରିଚାଳନା କରିବା ସହ ଓଡ଼ିଶାରେ ଶିକ୍ଷାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ତୃତୀୟ ବର୍ଷର ଛାତ୍ରୀ ସୋନାଲି ବରାଡ଼ ସନ୍ଦର୍ଭ ପାଠ କରିଥିଲେ।

# ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରୋଗୀ ହନ୍ତସନ୍ତ

ରାମଗିରି,୨୨।୯(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର. ଉଦୟଗିରି ବ୍ଲକ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରବିବାର ଠାରୁ ରୋଗୀ ସେବା ମିଳୁନି। ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରବିବାର ଓ ସୋମବାର ଦୁଇ ଦିନ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀ ହନ୍ତସନ୍ତ ହେଉଛନ୍ତି। କେତେ ଜଣ ଅଧିକ ଖର୍ଚ୍ଚାନ୍ତ ହୋଇ ବେସରକାରୀ କ୍ଲିନିକ୍, କ୍ୱାକ୍‌ମାନଙ୍କ ନିକଟକୁ ଯାଇ ଚିକିତ୍ସିତ ହୋଇଥିବା ବେଳେ ଆଉ କେତେ ଜଣ ରୋଗୀ ଚନ୍ଦ୍ରଗିରି ମେଡିକାଲକୁ ଯାଇ ଚିକିତ୍ସିତ ହୋଇଛନ୍ତି। ଏଠାରେ ନିଯୁକ୍ତି ପାଇଥିବା ଡାକ୍ତର ବ୍ରଜରାଜ କର ଏପରି ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡାକ୍ତର କରଙ୍କୁ ପଚାରିବାରୁ


ସ୍ୱାସ୍ଥ୍ୟକେନ୍ଦ୍ରରେ ଅପେକ୍ଷାରତ ରୋଗୀ

ସେ କହିଲେ, ମୁଁ ମୋର ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଛୁଟି ନେଇଛି। ଆର.ଉଦୟଗିରି ସ୍ୱାସ୍ଥ୍ୟ ବିଭାଗ ଅଧିକାରିଣୀ ଡାକ୍ତର ନିବେଦିତା ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଡାକ୍ତର କରଙ୍କ ଛୁଟି ମଞ୍ଜୁରୀ ହୋଇ ନ ଥିଲା, ଡାକ୍ତର କର ସୋମବାର ଛୁଟିରେ ଯିବାର ଥିଲା, ରବିବାରଠାରୁ କାହିଁକି ଗଲେ ସେ ବୁଝିବେ ବୋଲି କହିବା ସହ ଯଦି ଡାକ୍ତର କର ଛୁଟିରେ ଗଲେ ଆୟୁଷ୍ ଡାକ୍ତର ସଞ୍ଜୟ ସିଂଙ୍କୁ ଦାୟିତ୍ୱ ଦେଇ ଯାଇଥାନ୍ତେ ବୋଲି କହିଥିଲେ। ଏନେଇ ଆୟୁଷ୍ ଡାକ୍ତର ସିଂଙ୍କୁ ପଚାରିବାରୁ ସେ କହିଲେ, ତାଙ୍କ ଜେଜେମା'ଙ୍କ ରବିବାର ଦେହାନ୍ତ ହୋଇଯିବାରୁ ସେ ଡାକ୍ତର କରଙ୍କୁ ଦରଖାସ୍ତ ଦେଇ ଛୁଟି ନେଇ ଯାଇଛନ୍ତି।

## ଗୋପାଳନ ସମ୍ପର୍କିତ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ

ଆର.ଉଦୟଗିରି,୨୨।୯(ମନୋଜ ପାଢୀ)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ଗୋପାଳନ ସମ୍ପର୍କିତ ଏକ ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ତାଲିମରେ ଆର. ଉଦୟଗିରି ବ୍ଲକର ବିଭିନ୍ନ ଗ୍ରାମରୁ ୨୦ ଜଣ ଗୋପାଳକ ଭାଗ ନେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀଙ୍କ ଉପସ୍ଥିତିରେ କେନ୍ଦ୍ରର ଉଦ୍ୟାନ ବିଜ୍ଞାନୀ ଡ.ସୁଶ୍ରୀ ଚୌଧୁରୀ ସ୍ୱାଗତ ସୂଚନା ଦେଇଥିଲେ। ବରିଷ୍ଠ ବୈଜ୍ଞାନିକ ଡ.ସଂଗ୍ରାମ ପରମଗୁରୁଙ୍କ ସମେତ ମୋହନା, ଆର. ଉଦୟଗିରି ଏବଂ ନୁଆଗଡ଼ ବ୍ଲକର ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିକାରୀ ଉପସ୍ଥିତ ରହି ଗୋପାଳନରେ ଗୃହ ପରିଚାଳନା, ଟୀକାକରଣ, ଖାଦ୍ୟ ପରିଚାଳନା, ରୋଗ ନିୟନ୍ତ୍ରଣ ଉପରେ ଗୋପାଳକମାନଙ୍କୁ ତାଲିମ ଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ବିଭିନ୍ନ ଯୋଜନା ସମ୍ପର୍କରେ ଜାଣିଲେ ୧୫ ଗାଁର ଲୋକେ

ଡୁମୁଡିବନ୍ଧ,୨୨।୯(ଦୀପକ କୁମାର ପରାସେଠ)

**ବିକାଶ ଅଂଶୀଦାରମାନଙ୍କ ବୈଠକ**

ଡୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ଗୁମା ପଞ୍ଚାୟତର ଡୁପି ଗ୍ରାମରେ ପ୍ରଦାତା ସେବା ସଂସ୍ଥାର ସମ୍ପାଦକ ପ୍ରଦୀପ ଦାସଙ୍କ ନେତୃତ୍ୱରେ ବିକାଶ ଅଂଶୀଦାରମାନଙ୍କ ଏକ ବୈଠକ ହୋଇଥିଲା। ଏଥିରେ ଆଦିମ ଜନଜାତି କୁଟିଆ ସମ୍ପ୍ରଦାୟର ଦୁଇ ପଞ୍ଚାୟତର ୧୫ଟି ଗ୍ରାମର ଅଧିବାସୀ ଉପସ୍ଥିତ ଥିଲେ। ସରକାରୀ କର୍ମଚାରୀ ଭାବେ ବେଲଘର ବନ ବିଭାଗ ବନପାଳ ନିରାକାର ସାହୁ, ଡୁମୁଡିବନ୍ଧ ବ୍ଲକ ପ୍ରାଣୀ ସମ୍ପଦ ବିଭାଗର ଡ. ମଙ୍ଗଳଗିରି ରାହୁଲ, ତହସିଲ କାର୍ଯ୍ୟାଳୟମ୍‌ରୁ ଏଫଆରଏ ସଂଯୋଜକ ଦେବକୀ ବଡସେଟ, ଗୁମା ସରପଞ୍ଚ ସସ୍ମିତା ମାଝୀ, ବେଲଘର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମାଝୀ ଏବଂ ଝିରିପାନି ସରପଞ୍ଚ କାନ୍ତି ପାତ୍ର, ଡୁପି ଗ୍ରାମର ୱାର୍ଡସଭ୍ୟ ମମତା ମାନସେଠ୍ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀ ମାନେ ନିଜ ବିଭାଗରେ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇ ଏଥିରୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ବୈଠକରେ ଆଲୋଚନା କରିଥିଲେ। ବନ ବିଭାଗର ନିରାକାର ସାହୁ କହିଥିଲେ, ଜୀବିକା ପାଇଁ ଜଙ୍ଗଲ କାଟିଲେ ଆମେ ବହୁ ସମସ୍ୟାର ସମ୍ମୁଖିନ ହେଉଛେ। ଜଙ୍ଗଲକୁ ସୁରକ୍ଷା ଦେଇ କିପରି ବଞ୍ଚାଇବା ସେନେଇ ବୁଝାଇଥିଲେ। ପ୍ରାଣୀ ସମ୍ପଦ ବିଭାଗର ଡ. ମଙ୍ଗଳଗିରି ରାହୁଲ କହିଲେ, ପ୍ରାଣୀ ସମ୍ପଦ ଉପରେ ସରକାର ବିଭିନ୍ନ ଯୋଜନା ତିଆରି କରିଛନ୍ତି। ସେହି ଯୋଜନାରେ ଚାଷ କଲେ କିପରି ରିହାତି ସୁବିଧା ପାଇବା ସେ ନେଇ ବୁଝାଇଥିଲେ। ଏଫଆରଏ ସଂଯୋଜିକା ଦେବକୀ ବଡ଼ସେଠ ଆଦିବାସୀମାନେ ଜଙ୍ଗଲ ଜମି ଅଧିକାର ଆଇନରେ କିପରି ପଟ୍ଟା ପାଇବେ ସେ ନେଇ ବୁଝାଇଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲା ଜିପିଏଲ୍ଏଫ୍ କର୍ମୀ ସଂଘ

ଡୁମୁଡିବନ୍ଧ/ଖଜୁରିପଡ଼ା/ବାଲିଗୁଡ଼ା,୨୨।୯ (ଦୀପକ ପରାସେଠ/ ବିଦୁର ବେହେରା/ସଞ୍ଜୟ ପାଣିଗ୍ରାହୀ)

ଡୁମୁଡିବନ୍ଧ ବ୍ଲକର ଏମ୍‌ବିକେ, ସିଆରପିସିଏମ୍, ବ୍ୟାଙ୍କ, କୃଷି ଓ ପ୍ରାଣୀ ମିତ୍ରମାନେ ୭ଦଫା ଦାବି ନେଇ ବ୍ଲକସ୍ଥିତ ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ କାର୍ଯ୍ୟାଳୟକୁ ସୋମବାର ତାଲା ପକାଇ ଧାରଣାରେ ବସିଛନ୍ତି। ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ବିରୋଧ କରି ବ୍ଲକର ୧୧ଟି ପଞ୍ଚାୟତର ୧୫୦ଜଣ ଏମ୍‌ବିକେ,


ବାଲିଗୁଡ଼ାରେ ଏମ୍‌ବିକେ, ସିଆରପିସିଏମ୍, ବ୍ୟାଙ୍କ, କୃଷିମିତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସିଆରପିସିଏମ୍, ବ୍ୟାଙ୍କ, କୃଷି ଓ ପ୍ରାଣୀ ମିତ୍ର ଏଥିରେ ସାମିଲ ହୋଇଛନ୍ତି। ପୂର୍ବପରି ସ୍ଥାୟୀ ନିଯୁକ୍ତି, ଦରମା ଆକାଉଣ୍ଟରେ ପୈଠ, ପରଫମାନ୍ସ ଓ ବୋନସ ପ୍ରୋତ୍ସାହନ ବନ୍ଦ କରିବା ସହ ଅନ୍ୟାନ୍ୟ ଦାବି ରହିଛି। ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ବ୍ଲକ ସଭାପତି କାଦମ୍ବିନୀ ବାଗ କହିଛନ୍ତି । ସେହିପରି ଖଜୁରିପଡ଼ା ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ୍‌ସ୍ତରୀୟ ସିଆର୍‌ପି ଓ ଏମ୍‌ବିକେ ସଂଘ ପକ୍ଷରୁ ଶତାଧିକ କର୍ମୀ ଗଣଧାରଣା ଦେଇଛନ୍ତି। ସଂଘ ସଭାନେତ୍ରୀ କଲ୍ୟାଣୀ ଦାସ ଏବଂ ସମ୍ପାଦିକା ସବିତା ମଲ୍ଲିକଙ୍କ ନେତୃତ୍ୱରେ ବିଡିଓଙ୍କୁ ସ୍ମାରକପତ୍ର ଦେଇଛନ୍ତି। ବାଲିଗୁଡାରେ ବ୍ଲକସ୍ତରୀୟ ଓଡିଶା ଜୀବିକା ମିଶନ, ମିଶନଶକ୍ତି, ଜିପିଏଲଏଫ କର୍ମୀ ସଂଘ ବ୍ଲକ କାର୍ଯ୍ୟାଳୟ ପରିସରରେ ୭ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ସଂଘ ସଭାପତି ରେଣୁକା ନାୟକ, ସମ୍ପାଦକ ରିନୁ ଦିଗାଳ ସମେତ ସମସ୍ତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)

ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ଭୁବନେଶ୍ୱର ଶାଖାର ଅଷ୍ଟମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶୁଭେଚ୍ଛୁ ଓ ଗ୍ରାହକ ଯୋଗଦେଇଥିଲେ। ସାରା ରାଜ୍ୟରେ ଅଳଙ୍କାର କ୍ଷେତ୍ରରେ ଉନ୍ନତମାନର ସେବା ଯୋଗାଇ ପ୍ରଶଂସା ସାଉଁଟୁଥିବା ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୮ ବର୍ଷ ଧରି ଭୁବନେଶ୍ୱରବାସୀଙ୍କ ଚାହିଦା ମୁତାବକ ସୁନ୍ଦର ଡିଜାଇନର ଗହଣା, ଶ୍ରେଷ୍ଠ ଆତିଥେୟତା ଓ ସେବା ଯୋଗାଇଦେଇ ରାଜଧାନୀ ବାସୀଙ୍କ ପ୍ରଥମ ପସନ୍ଦଯୋଗ୍ୟ ଓ ଭରସାଯୋଗ୍ୟ ଜୁଏଲେରି ବ୍ରାଣ୍ଡର ମାନ୍ୟତା ପାଇପାରିଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଗ୍ରାହକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଆନିଭରସାରି ସ୍ପେସିଆଲ ଅଫର୍ ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଅଗ୍ରିମ ବୁକିଙ୍ଗରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ ପେ' ଜିରୋ ଫର୍ ଇଜି ଜୁଏଲେରି ପରଚେଜ୍ ପ୍ଲାନ୍ ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଉଛି।

# ରେନୋ କ୍ୱିଡ୍‌ର ନୂଆ ସଂସ୍କରଣ ଲଞ୍ଚ

ଭୁବନେଶ୍ୱର,୨୨।୯

ଫ୍ରାନ୍ସର ରେନୋ ଗ୍ରୁପର ସମ୍ପୂର୍ଣ୍ଣ ମାଲିକାନାଧୀନ ସଂସ୍ଥା ରେନୋ ଇଣ୍ଡିଆ ଭାରତରେ କ୍ୱିଡ୍‌ର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୦ମ ବାର୍ଷିକୀ ସଂସ୍କରଣ ଲଞ୍ଚ କରିଛି। ଏହି ଆଇକନିକ କାର ଏସୟୁଭି-ପ୍ରେରିତ ଡିଜାଇନ ଓ ଅତୁଳନୀୟ ମୂଲ୍ୟ ସହ ଏଣ୍ଟ୍ରି-ଲେଭେଲ ସେଗମେଣ୍ଟକୁ ପୁନଃ ନିର୍ଦ୍ଧାରଣ କରିଛି। ମାତ୍ର ୫୦୦ ୟୁନିଟର ଏହି ସୀମିତ ସଂସ୍କରଣ ଟେକ୍ନୋ ଭାରିଆଣ୍ଟରେ ଉପଲବ୍ଧ, ଯାହାର ମୂଲ୍ୟ ମାନୁଆଲ ପାଇଁ ୫.୧୪ ଲକ୍ଷ ଓ ଏଏମଟି ପାଇଁ ୫.୬୩ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ) ରହିଛି। ରେନୋ ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ଭେଙ୍କଟରାମ ମାମିଲ୍ଲାପଲ୍ଲେ କହିଛନ୍ତି, କ୍ୱିଡ୍ ରେନୋର ଭାରତୀୟ ଯାତ୍ରାକୁ ଆକୃତି ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି, ଏହାର ଅଭିନବତା, ସୁଲଭତା ଏବଂ ୯୫%ରୁ ଅଧିକ ଲୋକାଲାଇଜେସନ ସହ ଏଣ୍ଟ୍ରି ସେଗମେଣ୍ଟକୁ ପୁନର୍ନିର୍ଦ୍ଧାରଣ କରିଛି। ୧୦ମ ବାର୍ଷିକୀ ସଂସ୍କରଣ ଦୁଇଟି ଆକର୍ଷଣୀୟ ଡୁଆଲ-ଟୋନ ରଙ୍ଗରେ ଉପଲବ୍ଧ । କେବିନ ଭିତରେ ୧୦ମ ବାର୍ଷିକୀ ଥିମ ସହିତ ସିଟ ଡିଜାଇନ ଏବଂ ପ୍ରିମିୟମ ଡିଟେଲିଂ ସହ ଉନ୍ନତ କରାଯାଇଛି। ସିଟ, ଲେଦରେଟ ଷ୍ଟିୟରିଂ ହ୍ୱିଲରେ ମେଟାଲ ମଷ୍ଟାର୍ଡ ଷ୍ଟିଚ, ଇନଫୋଟେନମେଣ୍ଟ ସରାଉଣ୍ଡ ଏବଂ ଦ୍ୱାର ଟ୍ରିମରେ ହଳଦିଆ ଆକ୍ସେଣ୍ଟ ଯୁବ ଆକର୍ଷଣ ଯୋଗାଉଛି, ଯେତେବେଳେ ଆଲୋକିତ ସ୍କଫ ପ୍ଲେଟ ଏବଂ ପୁଡଲ ଲ୍ୟାମ୍ପ ଏହି ସଂସ୍କରଣ ଆକର୍ଷଣୀୟ କରୁଛି। । ଅନ୍ୟ ଭାରିଆଣ୍ଟଗୁଡ଼ିକରେ ମଧ୍ୟ ସମସ୍ତ ସିଟ ପାଇଁ ୩-ପଏଣ୍ଟ ସିଟବେଲ୍ଟ ଏବଂ କ୍ଲାଇମ୍ବର ଭାରିଆଣ୍ଟରେ ୬ଟି ଏୟାରବ୍ୟାଗ ସହ ଉନ୍ନତ ସୁରକ୍ଷା ଯୋଗାଯାଇଛି।




# ୟୁକୋ ବ୍ୟାଙ୍କର ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ

ଭୁବନେଶ୍ୱର,୨୨।୯

ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ସମ୍ବଳ ମହୋତ୍ସବ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ, କୃଷି, ସମ୍ବଳ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ବ୍ୟାଙ୍କ ମିତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୋଲକାତାସ୍ଥିତ ୟୁକୋ ବ୍ୟାଙ୍କ ପ୍ରଧାନ କାର୍ଯ୍ୟାଳୟ ଅସୁଲି ଏବଂ ଆଇନ ବିଭାଗର ମହାପ୍ରବନ୍ଧକ ଅଙ୍କିତ ରାଣା ଏବଂ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗବତ ସିଂ ଭାକୁନି ଉପସ୍ଥିତ ଥିଲେ। ଭଗବତ ସିଂ ଭାକୁନି କାର୍ଯ୍ୟକ୍ରମର ବିଶିଷ୍ଟ ବ୍ୟକ୍ତି ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅଙ୍କିତ ରାଣା ୟୁକୋ ବ୍ୟାଙ୍କ ସହିତ ଦୀର୍ଘ ଦିନର ସମ୍ପର୍କ ଏବଂ ଉନ୍ନତ ଗ୍ରାହକ ସେବା ପାଇଁ ଅଂଶଗ୍ରହଣକାରୀ ଓ ଗ୍ରାହକଙ୍କୁ କୃତଜ୍ଞତା ଜଣାଇଥିଲେ। ରାଣା 'ସ୍ୱଚ୍ଛତା ହିଁ ସେବା' ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂହ ବ୍ୟାଙ୍କର ପିଙ୍କ ବାସ୍‌କେଟ୍, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଏବଂ ୟୁକୋ ସଞ୍ଚୟିକା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ରିସୋର୍ସ ମୁଖ୍ୟ ତଥା ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।




# ତମାଖୁ ଟିକସରୁ ଓଡ଼ିଶା ପାଇଲାଣି ୬୭୫୦ କୋଟି

ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)

ଗୁଟ୍‌ଖା, ତମାଖୁ, ସିଗାରେଟ, ପାନମସଲା ଆଦିରୁ ରାଜ୍ୟ ସରକାର ଗତ ୧୦ବର୍ଷ ମଧ୍ୟରେ ଭାଟ୍ ଓ ଜିଏସ୍‌ଟି ବାବଦରେ ୬୭୫୦ କୋଟି ଟଙ୍କାର ଅଧିକ ଅର୍ଥ ପାଇଲେଣି । ୨୦୨୪-୨୫ ବର୍ଷରେ ଏହିସବୁ ସାମଗ୍ରୀରୁ ରେକର୍ଡ ପରିମାଣର ୧୨୩୪ କୋଟି ଟଙ୍କା ଆଦାୟ ହୋଇଛି। ଗୁଟ୍‌ଖା, ତମାଖୁ ଆଦି ଉପରୁ ରାଜ୍ୟ ସରକାର ଆଦାୟ କରୁଥିବା ଟିକସ ବିଷୟରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୧୮-୧୯ରୁ ନିୟମିତ ଭାବେ ଗୁଟ୍‌ଖା ତମାଖୁ ଆଦିରୁ ଆଦାୟ ଟିକସ ପରିମାଣ ବଢି ବଢି ଚାଲିଛି । ୨୦୧୮-୧୯ ବର୍ଷରେ ଏହି ସାମଗ୍ରୀରୁ ୪୮୦ କୋଟି ଟଙ୍କାର ଟିକସ ଆଦାୟ ହୋଇଥିବାବେଳେ ୨୦୨୩-୨୪ରେ ଏହା ୧୦୧୨ କୋଟି ଟଙ୍କା ଅତିକ୍ରମ କରିଥିଲା । ସେହିପରି ୨୦୨୪-୨୫ରେ ଏହା ୧୨୩୪.୮୮ କୋଟି ଟଙ୍କାରେ ପହଞ୍ଚିଛି । ଅନ୍ୟପଟେ ଗୁଟ୍‌ଖା, ତମାଖୁ, ସିଗାରେଟ୍ ଓ ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିପ୍ପଣନ ଓ ବିକ୍ରି ଉପରେ କଟକଣା ସମ୍ପର୍କିତ ତଥ୍ୟ ଅର୍ଥ ବିଭାଗ ନିକଟରେ ନଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

# ଶ୍ୟାମ୍ ଷ୍ଟିଲ ଲଞ୍ଚ କଲା ମକାଓ ପେଣ୍ଟ୍ସ

## କାର୍ତ୍ତିକ ଆର୍ଯ୍ୟନ ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)

ଷ୍ଟିଲ ବ୍ରାଣ୍ଡ୍ ଶ୍ୟାମ ଷ୍ଟିଲ୍ ଡେକୋରେଟିଭ ପେଣ୍ଟ ଶିଳ୍ପରେ ପ୍ରବେଶ କରି ନୂତନ ବ୍ରାଣ୍ଡ୍ ମାକାଓ ପେଣ୍ଟ୍ସ ଲଞ୍ଚ କରିଛି। ବଲିଉଡ ତାରକା କାର୍ତ୍ତିକ ଆର୍ଯ୍ୟନଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିୟୋଜିତ କରାଯାଇଛି। 'ମକାଓ କେ ରଙ୍ଗ, ମେଜିକ କେ ସଙ୍ଗ୍' ମୂଳମନ୍ତ୍ର ସହିତ ମକାଓ ପେଣ୍ଟସ ଭାରତୀୟ ଘରୋଇ ପରିବେଶକୁ ଉଜ୍ଜ୍ୱଳ, ପ୍ରାଣବନ୍ତ ଓ ପ୍ରିମିୟମ ରଙ୍ଗ ଯୋଗାଇବ ବୋଲି କମ୍ପାନ ପକ୍ଷରୁ କୁହାଯାଇଛି। କମ୍ପାନୀର ସୂଚନାନୁସାରେ, ଏହା ହେଉଛି ବିଶ୍ୱାସ, ଐତିହ୍ୟ ଓ ଆଶୀର୍ବାଦ ବହନ କରୁଥିବା ରଙ୍ଗ। ମକାଓ ପେଣ୍ଟ୍ସ ଲଞ୍ଚ ମାଧ୍ୟମରେ କମ୍ପାନୀ ଷ୍ଟିଲରୁ ପେଣ୍ଟ ଶିଳ୍ପକୁ ବିସ୍ତାର କରିଥିବାବେଳେ ଏହା ଷ୍ଟିଲର ଶକ୍ତିରୁ ପେଣ୍ଟର ଯାଦୁ ଆଡ଼କୁ ଏକ ଯାତ୍ରା ବୋଲି କୁହାଯାଉଛି। ପଶ୍ଚିମବଙ୍ଗରେ ଏହାର ଶୁଭାରମ୍ଭ କରାଯାଇଛି। ନବରାତ୍ରର ପ୍ରଥମ ଦିନରେ ଦୁର୍ଗା ପୂଜା ମଣ୍ଡପଗୁଡ଼ିକରେ ଏହି ବ୍ରାଣ୍ଡକୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ କାର୍ତ୍ତିକ ଆର୍ଯ୍ୟନ କହିଛନ୍ତି, ଯେମିତି ରଙ୍ଗ ଆମ ଜୀବନକୁ ଆନନ୍ଦ ଓ ଉଜ୍ଜ୍ୱଳତା ଆଣେ, ସେହିପରି ମକାଓ ପେଣ୍ଟ୍ସ ପ୍ରତ୍ୟେକ ଘରକୁ ନୂଆପଣ ଓ ଯାଦୁ ଆଣୁଛି। ଶ୍ୟାମ ଷ୍ଟିଲର ଜଣେ ମୁଖପାତ୍ର କହିଛନ୍ତି, ଆମ ପାଇଁ ପଶ୍ଚିମବଙ୍ଗ କେବଳ ଏକ ବଜାର ନୁହେଁ, ବରଂ ଏକ ଆବେଗ। ଦୁର୍ଗା ପୂଜା ସମୟରେ ମକାଓ ପେଣ୍ଟସ ଲଞ୍ଚ ଏହି ଅଞ୍ଚଳର ଉତ୍ସାହ, ଶକ୍ତି ଓ ସାଂସ୍କୃତିକ ଗୌରବକୁ ପ୍ରତିଫଳିତ କରୁଛି।




# ଓମ୍‌ଫେଡ: ପୁରୁଣା ଦାମ ପ୍ରିଣ୍ଟ ଥିଲେ ବି ଲାଗୁ ହେବ ନୂଆଦାମ

ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି.୨.୦) ଲାଗୁ ହେବା ପରେ ଓମଫେଡ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟର ଦର ହ୍ରାସ ପାଇଥିବାବେଳେ କ୍ଷୀର ଦାମ ସ୍ଥିର ରହିଛି। ମାତ୍ର ଓମପେଡ୍ କ୍ଷୀରରେ ପୂର୍ବରୁ ଜିଏସଟି ଲାଗୁ କରାଯାଉ ନଥିଲା କି ଏବେ ମଧ୍ୟ ଲାଗୁ ହୋଇନାହିଁ। ତେଣୁ ଦୁଗ୍ଧ ଦରରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଓମଫେଡର କୌଣସି ଉତ୍ପାଦରେ ଯଦି ପୁରୁଣା ଦାମ ପ୍ରିଣ୍ଟ ଥାଏ, ତେବେ ଗ୍ରାହକମାନେ ଏଣିକି ପୁରୁଣା ବଦଳରେ ନୂତନ ହ୍ରାସ ଦର ଦେଇ ଓମଫେଡ ଉତ୍ପାଦ କ୍ରୟ କରିବେ। ଛେନା ଓ ପନିରରେ କେନ୍ଦ୍ର ସରକାର ୫% ଜିଏସଟି ହ୍ରାସ କରିଛନ୍ତି। ଫଳରେ ପନିର ଓ ଛେନା ଦର ହ୍ରାସ ପାଇଛି। ପନିର ୨୦୦ ଗ୍ରାମ୍ ଉପରେ ୫ ଟଙ୍କା ହ୍ରାସ ପାଇଥିବା ବେଳେ ୫୦୦ ଗ୍ରାମ୍ ପ୍ୟାକରେ ୧୦ ଟଙ୍କା ହ୍ରାସ ହୋଇଛି। ପୂର୍ବରୁ ଘିଅରେ ୧୨% ଜିଏସ୍‌ଟି ଲାଗୁଥିଲା । ଏବେ ୭% ହ୍ରାସ ପାଇ ତାହା ୫ ପ୍ରତିଶତ ହୋଇଛି। ଫଳରେ ସେହି ଆଧାରରେ ଘିଅ ଲିଟର ପିଛା ୪୫ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ଘିଅ ଲିଟର (ଟିଣ ଡିବା) ୭୨୦ ଟଙ୍କା ଥିଲା। ଏବେ ତାହା ୬୭୫ ଟଙ୍କାକୁ ହ୍ରାସ ପାଇଛି । ସେହିପରି ୧୫ ଲିଟର ଟିଣ ଘିଅ ମୂଲ୍ୟ ପୂର୍ବରୁ ୮୧୫୨ ଟଙ୍କା ଥିଲା। ଏବେ ତାହା ୭୬୪୫ ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ଗୋଟିଏ ୧୫ ଲିଟର ଟିଣ ଘିଅରେ ୫୦୭ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ବଟରରେ ୧୨ ପ୍ରତିଶତ ଜିଏସଟି ଲାଗୁ ହେଉଥିଲା । ମାତ୍ର ଏବେ ସେଥିରେ ୫ ପ୍ରତିଶତ ଜିଏସଟି ଲାଗିବ । ଫଳରେ ୧୦୦ ଗ୍ରାମ୍ ବଟର ପ୍ୟାକ ଏଣିକି ଗ୍ରାହକମାନେ ୬୦ ଟଙ୍କା ବଦଳରେ ୫୭ ଟଙ୍କାରେ ପାଇପାରିବେ। ଫ୍ଲେଭର ମିଲ୍କ ବା ସୁବାସିତ ଦୁଗ୍ଧ ଉପରେ ସରକାର ପୂର୍ବରୁ ୧୨% ଜିଏସଟି ନେଉଥିଲେ। ଏହା ୫%କୁ ହ୍ରାସ ପାଇବା ପରେ ଫଳରେ ପୂର୍ବରୁ ଯେଉଁ ଗ୍ରାହକମାନେ ୨୫ ଟଙ୍କାରେ ଖାଉଥିଲେ, ଏବେ ସେହି ସୁବାସିତ ଦୁଗ୍ଧ ବୋତଲ ବା ଫ୍ଲେଭର ମିଲ୍କ ୨୩ ଟଙ୍କାରେ ଉପଲବ୍ଧ ହେବ । ୟୁଏଚଟି ଦୁଗ୍ଧ ଲିଟର ଦାମ ୭୦ ଟଙ୍କାରୁ ଖସି ୬୭ ଟଙ୍କା ହୋଇଛି । ବିଭିନ୍ନ ପ୍ରକାର ଆଇସକ୍ରିମ ଦର ମଧ୍ୟ ହ୍ରାସ ପାଇଛି । ୧୦ ଟଙ୍କିଆ, ୧୫ ଟଙ୍କିଆ, ୨୦ ଟଙ୍କିଆ ଓ ୩୦ ଟଙ୍କିଆ ଆଇସକ୍ରିମରେ ଦର ସ୍ଥିର ରଖିଛି ଓମଫେଡ୍ । ତା' ବଦଳରେ ଆଇସକ୍ରିମ ପରିମାଣ ବୃଦ୍ଧି କରିଛି । ଏଣିକି ଓମଫେଡ ଆଇସକ୍ରିମ ଗ୍ରାହକ ୧୦ ଟଙ୍କିଆ, ୧୫ ଟଙ୍କିଆ, ୨୦ ଟଙ୍କିଆ ଓ ୩୦ ଟଙ୍କିଆ ଆଇସକ୍ରିମରେ ଏଣିକି ୧୦ ପ୍ରତିଶତକୁ ଅଧିକ ପରିମାଣର ଆଇସକ୍ରିମ ପାଇବେ । ପୂର୍ବରୁ ରାଜ୍ୟ ସରକାର ଓମଫେଡ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ଲେଖାଏଁ ବୃଦ୍ଧି କରିଥିଲେ । ଏବେ ଖାଉଟିମାନଙ୍କ ପାଇଁ ଓମଫେଡ୍ ଉତ୍ପାଦ ଦର ହ୍ରାସ ହୋଇଛି ।


# Classified Everyday

0674-2580101, 9692975378



REAL ESTATE

**SALE**

Flat 3BHK resale Rs. 68 Lakhs only, At Jharpada, Bhubaneswar immediately. Details contact- 8249191613. D-2070

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

**CDA and RERA approved plot near Trisulia, CISF Campus. Bank Loan facilities, Black top road, Water Supply, Electricity, Drainage. Contact- 7008513309.** D-2079

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits spa by experts therapist con 8658088274. D-1866

Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional & comfortable at all times-7978109255. D-76495

## LOST

ଦଲିଲ ହଜିଛି- ମୁଁ ସୁଲତାନା ବେଗମ୍ (୫୦ବର୍ଷ), ସ୍ୱା- ନିଜାମୁଦ୍ଦିନ ଖାଁ, ସା- ହଜାରି ନଗର (ଅପର୍ତ୍ତିବିନ୍ଧା), ପୋ- ଭଦ୍ରକ, ଥାନା- ଭଦ୍ରକ ଟାଉନ, ଜି- ଭଦ୍ରକ, ଆମ୍ଭ ସ୍ୱାମୀଙ୍କ ନାମିତ ଏକ Regd. Sale Deed ଯାହାର ନଂ.- ୧୦୦୨, ତା୦୭।୦୪।୨୦୦୦ରି ଖରେ ପ୍ରସ୍ତୁତ ହୋଇ ଆମ୍ଭଙ୍କୁ ପ୍ରାପ୍ତ ହୋଇଥିଲା। ଉକ୍ତ ଦଲିଲଟି ତା୨୦।୦୯।୨୦୨୫ରିଖ ସନ୍ଧ୍ୟାରେ ଭଦ୍ରକ ସହରରେ ମାର୍କେଟିଂ କରୁଥିବା ସମୟରେ କେଉଁଠାରେ ହଜିଯାଇଛି। ଉକ୍ତ ସ୍ଥାନରେ ଖୋଜାଖୋଜି ପରେ ମିଳିନାହିଁ। ଧ-୨୦୮୦

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn in before the Notary Public, Vyasanagar, I, Mahendra Kumar Dhal, aged about 53 years, resident of At/P.O./P.S.- Jakhapura, Dist.- Jajpur- 755026, do hereby declare that my daughter Ananya Dhal, Aadhaar No.- XXXX XXXX 3487, henceforth will be known as Ananya Anupama Dhal for all official purpose w.e.f. dated 30.08.2025. That Ananya Dhal and Ananya Anupama Dhal is the same person. D-2078

By virtue of an affidavit sworn before the Notary Public, Titilagarh dated 19.09.2025, Sl. No.479, I, Chakra Kalta, resident of Village: At- Kuanrgaon, P.O.- Kuanrgaon, P.S.- Saintala, Dist.- Balangir (Odisha), Pin- 767032 declare that I have changed my name from Bhakta Kalta to Chakra Kalta. Henceforth, I shall be known as Chakra Kalta for all purpose.
Chakra Kalta
D-2077

I, Prasanna Kumar Rath, Father of Swagat Sorup Rath, resident at Baghasahi Lane, near Saraswata School, Nimapada(N.A.C.), Puri District, Odisha, 752109, declare by this affidavit No. 15AA 122091, Dtd.- 19.09.2025 that now onwards I shall be known as Prasan Kumar Rath for all future purposes. D-2073

By virtue of an affidavit sworn before the Notary Public, Titilagarh dated 20.09.2025, Sl. No.481, I, Saila Sahu, resident of Village: At- Kansar, P.O.- Ghunsar, P.S.- Saintala, Dist.- Balangir (Odisha), PIN- 767032 declare that I have changed my name from Sailabhama Sahu to Saila Sahu. Henceforth, I shall be known as Saila Sahu for all purpose.
Saila Sahu
D-2076

By virtue of an affidavit sworn before the Notary Public, Bhubaneswar, dated 19th day of September, 2025, I, Banita Bhuiyan, Address: At- Dandilo, P.O.- Brahmanasarangi, P.S.- Balianta, Dist.- Khordha, Odisha, PIN- 752102 declare that I have changed my name from Swarnalata Bhuyan to Banita Bhuiyan. Henceforth, I shall be known as Banita Bhuiyan for all purposes.
Banita Bhuiyan
D-2075

By virtue of an affidavit sworn before Executive Magistrate, Angul, dated 18.09.2025, I, Sridhar Nayak, aged about 43 years, S/o- Late Budhimanta Nayak, At- Mangalpur, P.O.- Kushupanga, P.S.- Kantabania, Dist.- Dhenkanal- 759121 declare that I have changed the name of my son SOMYA RANJAN NAYAK to SOUMYA RANJAN NAYAK. Henceforth, he shall be known as SOUMYA RANJAN NAYAK for all purposes.
Sridhar Nayak
D-2074

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଗୋଲେଖ ଚରଣ ସିଂହ**

ଆଶ୍ୱିନ ମାସ, ନବମୀ ତିଥି
ଆବିର୍ଭାବ: ୨୪।୧୧।୧୯୪୦
ତିରୋଧାନ: ୧୫।୦୯।୨୦୨୫

ତୁମର ସରଳ ନିରଳସ ମୂଲ୍ୟବୋଧଭିତ୍ତିକ ଜୀବନ ଶୈଳୀ ଆମମାନଙ୍କ ବଞ୍ଚିବାର ପାଥେୟ । ବିଶ୍ୱାସ ହେଉନି ଯେ ତୁମେ ଆମମାନଙ୍କୁ ଛାଡ଼ି ହଠାତ୍ ଚାଲିଗଲ । ତୁମର ସ୍ପଷ୍ଟବାଦିତା, ପରୋପକାରିତା, ଶୃଙ୍ଖଳତା ଆମମାନଙ୍କ ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ
ଧ-୨୦୭୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସରୋଜିନୀ ମିଶ୍ର**


ଓମ୍ ନଗର, ଫାଷ୍ଟଗେଟ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୦୬।୦୫।୧୯୫୬
ତିରୋଧାନ: ୦୪।୧୦।୨୦୨୪

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ମିଶ୍ର ପରିବାର, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ
ଧ-୨୦୮୧

### ନବମ ଶ୍ରାଦ୍ଧବାର୍ଷିକୀ

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



**୰ ମଦନ ମୋହନ ସାହୁ**

ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୨୩.୦୯.୨୦୧୬

ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥ ଓ ମା ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ବନ୍ଧୁ ଓ ପରିବାରବର୍ଗ
ଧ-୨୦୭୨

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

0199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com**ରେ ଇମେଲ୍ କରନ୍ତୁ ।

# ବଢ଼ାନ୍ତୁ ଆତ୍ମବିଶ୍ୱାସ

**ଅଜାଣତରେ ଅନେକ ସମୟରେ ମାତାପିତା ପିଲାଙ୍କୁ ଏଭଳି ଆଚରଣ କରନ୍ତି ଯାହା ସେମାନଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରିଦିଏ। ତେଣୁ ଅଭିଭାବକମାନେ ନିଜର ଏହି ଭୁଲ୍ ସୁଧାରିନେବା ଦରକାର...**

❖ପ୍ରଥମରୁ ପିଲାଙ୍କ କାମ ପରଫେକ୍ଟ ହୋଇ ନ ପାରେ। ହେଲେ ଅଭିଭାବକମାନେ ଏ କ୍ଷେତ୍ରରେ ପିଲାଙ୍କୁ ଯଦି ବାରମ୍ବାର କହିବେ କି 'ତୋ ଦ୍ୱାରା ଏ କାମ ହୋଇପାରିବ ନାହିଁ, ତୁ ଭୁଲ୍ କରିଦେବୁ ତେଣୁ କରିବା ଦରକାର ନାହିଁ, ତାହା ଭୁଲ୍। ଏଭଳି ବାରମ୍ବାର କହିବା ଫଳରେ ପିଲାଙ୍କ ଆତ୍ମବିଶ୍ୱାସ ଧୀରେ ଧୀରେ କମିଯାଏ। କିଛିଦିନ ପରେ ସେମାନେ ମଧ୍ୟ ନିଜେ ଭାବି ନିଅନ୍ତି ଯେ ସେମାନେ କିଛି କରିପାରିବେ ନାହିଁ। ତେଣୁ ପିଲା ଭୁଲ୍ କଲେ ବି ତାକୁ ସ୍ନେହର ସହ ବୁଝାଇ ପୁଣି ଥରେ କରିବାର ସୁଯୋଗ ଦିଅନ୍ତୁ ଓ ସେ କରିପାରିବ କହି ଆତ୍ମବିଶ୍ୱାସ ବଢ଼ାନ୍ତୁ।

❖ପିଲାଙ୍କୁ ଅନ୍ୟମାନଙ୍କ ସହ ତୁଳନାକରି ଛୋଟ ଦେଖାଇବାକୁ ଚେଷ୍ଟା କରନ୍ତୁ ନାହିଁ। ବାରମ୍ବାର ଏପରି କହିଲେ ସେମାନେ ନିଜର ବିଶେଷତ୍ୱକୁ ବି ଭୁଲିଯାନ୍ତି। ତେଣୁ ପିଲାଙ୍କୁ ସେମାନଙ୍କ ପୂର୍ବ ପ୍ରଦର୍ଶନ ଅନୁସାରେ ତୁଳନା କରନ୍ତୁ ଓ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦିଅନ୍ତୁ।

❖ପିଲାଙ୍କର ପ୍ରତ୍ୟେକ କଥା ଶୁଣନ୍ତୁ ଓ ଉତ୍ତର ଦିଅନ୍ତୁ। ଫଳରେ ସେମାନଙ୍କ ଚିନ୍ତାଧାରା ସମ୍ପର୍କରେ ଜାଣିପାରିବେ।

❖ଛୋଟ ଛୋଟ କାମରେ ପିଲାଙ୍କୁ ସ୍ୱାଧୀନତା ଦିଅନ୍ତୁ। ସେମାନଙ୍କ ସବୁ କାମରେ ହସ୍ତକ୍ଷେପ କରନ୍ତୁ ନାହିଁ। ବେଳେବେଳେ ସେମାନଙ୍କ ନିଷ୍ପତ୍ତିକୁ ପ୍ରଶଂସା କରନ୍ତୁ। ଏପରି କଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଓ ଭବିଷ୍ୟତରେ ସେମାନେ ସବୁ ସମୟରେ ନିର୍ଭରଶୀଳ ହେବେ ନାହିଁ।



❖ପିଲାଙ୍କ ଆଗରେ ନିଜର ସକାରାତ୍ମକ ଛବି ଦେଖାନ୍ତୁ। ନିଜର ପରିଶ୍ରମ, ନିଷ୍ଠା ଓ ତ୍ୟାଗ ଆଦି ଭଲ ଗୁଣ ବିଷୟରେ କହି ପିଲାଙ୍କୁ ପ୍ରେରଣା ଦିଅନ୍ତୁ।

# ଖରାପ ହେବ ନାହିଁ ଆଖି

**ସାଧାରଣତଃ ବୟସ ବଢ଼ିଲେ ଦୃଷ୍ଟିଶକ୍ତି କମ୍‌ହେବା ସହିତ ବିଭିନ୍ନ ସମସ୍ୟା ଦେଖାଯାଏ। ହେଲେ ଏହି ସମସ୍ୟା ସବୁ ଏଡ଼ାଇବା ପାଇଁ ହେଲେ ଲାଇଫଷ୍ଟାଇଲ୍‌ରେ କିଛି ଅଭ୍ୟାସ ସାମିଲ କରିବାକୁ ହେବ।**



❖ଭିଟାମିନ୍- ଏ, ସି ଓ ଇ ସହ ଓମେଗା-୩, ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ନିୟମିତ ଖାଆନ୍ତୁ। ତେଣୁ ଶାଗ, ଗାଜର, ବିଭିନ୍ନ ପ୍ରକାର ମଞ୍ଜି ଜାତୀୟ ଖାଦ୍ୟ, ମାଛ ଆଦି ଖାଆନ୍ତୁ। ଏସବୁ ପୋଷକ ତତ୍ତ୍ୱ ଷ୍ଟ୍ରେସ୍ କମ୍ କରିବା ସହ ରେଟିନାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାନ୍ତି।

❖ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ଏହା ଫଳରେ ବୟସ ବୃଦ୍ଧି କାରଣରୁ ହେଉଥିବା ଡ୍ରାଏ ଆଇ ସିଣ୍ଡ୍ରୋମ ହେବା ଆଶଙ୍କା କମ୍ ହୋଇଥାଏ। ଅଧିକ ପାଣି ପିଇଲେ ଆଖିର ଶୁଷ୍କତା ମଧ୍ୟ ହୋଇ ନ ଥାଏ।

❖ଆଖିର ସବୁଠୁ ବଡ଼ ଶତ୍ରୁ ହେଉଛି ଡିଜିଟାଲ ସ୍କ୍ରିନ୍। ତେଣୁ ଏଥିରୁ ରକ୍ଷା ପାଇବାକୁ ହେଲେ ୨୦-୨୦-୨୦ ନିୟମ ଆପଣାନ୍ତୁ। ଅର୍ଥାତ୍ ପ୍ରତି ୨୦ ମିନିଟ୍ ପରେ ୨୦ ସେକେଣ୍ଡ ପାଇଁ ୨୦ ଫୁଟ ଦୂରରେ ଥିବା କୌଣସି ଜିନିଷକୁ ଲକ୍ଷ୍ୟ କରନ୍ତୁ। ଏହା ଫଳରେ ଡିଜିଟାଲ ସ୍କ୍ରିନ୍ ପ୍ରଭାବରୁ ଦେଖାଦେଉଥିବା ଆଖିର ସମସ୍ୟା କମ୍ ହେବା ସହ ଷ୍ଟ୍ରେସ୍ କମ୍ ହୋଇଥାଏ।

❖ଡାଏବେଟିସ୍, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ଭଳି ସମସ୍ୟାକୁ ନିୟନ୍ତ୍ରଣରେ ରଖନ୍ତୁ। ସୁଗାର ଓ ବିପି ନିୟମିତ ଯାଞ୍ଚକରି ଔଷଧ ଖାଆନ୍ତୁ। ଏହା ଫଳରେ ଆଖି ସୁସ୍ଥ ରହିବ।

– ବହି ପଢ଼ିବା ସମୟରେ ଲାଇଟ୍ ଠିକ୍ ଭାବରେ ଅଛି କି ନା ନାହିଁ ଯାଞ୍ଚ କରନ୍ତୁ। କମ୍ ଲାଇଟ୍‌ରେ ପାଠ ପଢ଼ିଲେ କିମ୍ବା କୌଣସି କାମକଲେ ଆଖି ଉପରେ ଚାପ ପଡ଼ିଥାଏ।

– ଏସବୁ ବ୍ୟତୀତ ନିୟମିତ ଆଖିର କିଛି ଏକ୍ସରସାଇଜ୍ ଓ ଯୋଗ ନିଶ୍ଚୟ କରନ୍ତୁ।

**ମୁଁ ଏମିତି ଖାଏ, ଏମିତି ପିନ୍ଧେ, ଏୟା କରେ... ଏଭଳି ଆତ୍ମପ୍ରଶଂସାରେ ମଗ୍ନ ରୁହନ୍ତି କେତେଜଣ ମହିଳା। ସବୁବେଳେ କହିବୁଲନ୍ତି ସେମାନେ ରାଣୀ ଭଳି ବଡ଼ ହୋଇଛନ୍ତି। ଏପରି କହି ସେମାନେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ବ୍ୟବହାର ଇଚ୍ଛାକରନ୍ତି। ଏଭଳି ମାନସିକତାକୁ କୁହାଯାଏ ପ୍ରିନ୍‌ସେସ୍ ସିଣ୍ଡ୍ରୋମ୍। ମହିଳାଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏହି ମାନସିକ ଅବସ୍ଥା ଅନେକ ସମୟରେ ସମ୍ପର୍କ ଖରାପ କରିବାର ମୁଖ୍ୟ କାରଣ ପାଲଟିଥାଏ...**



# ପ୍ରିନ୍‌ସେସ୍ ସିଣ୍ଡ୍ରୋମ

ପିଲାବେଳରୁ ବାପଘରେ ରାଣୀ ଭଳି ବଡ଼ ହୋଇଛନ୍ତି। ନିଜ ଖାଇବାପିଇବା, ପିନ୍ଧିବା ଆଦି ସବୁ ଲାଇଫଷ୍ଟାଇଲ୍ ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି କହି କେତେଜଣ ମହିଳା ସମସ୍ତଙ୍କୁ ଆକୃଷ୍ଟ କରିବାକୁ ଚାହାନ୍ତି। ସେମାନେ ଭାବନ୍ତି ନିଜ ବିଷୟରେ ଏଭଳି କହିଲେ ସମସ୍ତେ ତାଙ୍କୁ ଭଲ ପାଇବେ। ସେଥିପାଇଁ କେତେକେ ଶାଶୁଘରେ ବି ବାପଘରର ଚଳଣିକୁ ନେଇ ଗର୍ବକରିବା ଭଳି ବିଭିନ୍ନ କଥା କହନ୍ତି। ଆତ୍ମବଡ଼ିମା ଦେଖାଇ ଏଭଳି କଥାବାର୍ତ୍ତାକୁ କେହି ପସନ୍ଦ କରନ୍ତି ନାହିଁ। ହେଲେ ସେମାନେ ଆଶା କରନ୍ତି, ସବୁ ସ୍ଥାନରେ ଲୋକେ ତାଙ୍କୁ ଅଧିକ ଗୁରୁତ୍ୱ ଦିଅନ୍ତୁ। କିନ୍ତୁ କୌଣସି ସ୍ଥାନରେ ଏପରି ହୁଏ ନାହିଁ। ବରଂ ପ୍ରତ୍ୟେକ ସ୍ଥାନରେ ଏଥିପାଇଁ ସମ୍ପର୍କ ଖରାପ ହୁଏ ଓ ଭାବମୂର୍ତ୍ତି ମଧ୍ୟ ନଷ୍ଟ ହୋଇଥାଏ।

ମହିଳାଙ୍କ କ୍ଷେତ୍ରରେ ଦେଖାଦେଉଥିବା ଏଭଳି ଲକ୍ଷଣ ପ୍ରକୃତରେ ଏକ ପ୍ରକାର ମାନସିକ ରୋଗ କହିଲେ ଭୁଲ୍ ହେବ ନାହିଁ। ଏହାକୁ ପ୍ରିନ୍‌ସେସ୍ ସିଣ୍ଡ୍ରୋମ ମଧ୍ୟ କୁହାଯାଉଛି।

ସାଧାରଣତଃ ମହିଳାମାନଙ୍କୁ ଏଭଳି ସିଣ୍ଡ୍ରୋମ ହୋଇଥାଏ। ଏହି ପ୍ରକାର ମହିଳା ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେକରନ୍ତି। ସେଥିପାଇଁ ଖାସ୍ ଟ୍ରିଟ୍‌ମେଣ୍ଟର ବି ଇଚ୍ଛା ରଖିଥାନ୍ତି। ନିଜେ ଅନ୍ୟମାନଙ୍କ ପାଇଁ କିଛି କରନ୍ତି ନାହିଁ, କିନ୍ତୁ ସେମାନଙ୍କଠାରୁ ସବୁ ପ୍ରକାର ଭଲ ବ୍ୟବହାର ଆଶାରଖନ୍ତି। ସାଧାରଣତଃ ଛୋଟବେଳରୁ ଅଧିକ ଗେହ୍ଲାରେ ବଡ଼ ହୋଇଥିବା ଓ କୌଣସି ପ୍ରକାର ଦାୟିତ୍ୱ ତୁଲାଇ ନ ଥିବା ମହିଳାଙ୍କର ବଡ଼ହେବା ପରେ ଏଭଳି ସିଣ୍ଡ୍ରୋମ ଦେଖାଦେଇଥାଏ। ଜୀବନର ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିଥାଏ।





**ପ୍ରତିକୂଳ ପରିସ୍ଥିତିକୁ ସାମ୍ନା:** ଏପରି ମହିଳା ମାନସିକଭାବେ ଆଦୌ ପରିପକ୍ୱ ହୋଇପାରନ୍ତି ନାହିଁ। ତେଣୁ ନିଜ ବିଷୟରେ କୌଣସି ନିଷ୍ପତ୍ତି ନେବାରେ ଏମାନେ ଅସମର୍ଥ ରୁହନ୍ତି। ସେମାନେ ସବୁବେଳେ ନିଜ ସମ୍ପର୍କରେ କୌଣସି ଆଲୋଚନାକୁ ମଧ୍ୟ ଭୟ କରନ୍ତି। ଆଲୋଚନା ସମୟରେ କେହି ତାଙ୍କ ସମ୍ପର୍କରେ ନକାରାତ୍ମକ ମତ ଦେଇପାରେ ଭାବି ମନ ଖରାପ କରନ୍ତି। ଅନେକ ସମୟରେ ନିଜ ଇମୋସନ କଣ୍ଟ୍ରୋଲ କରିପାରନ୍ତି ନାହିଁ। ଅତ୍ୟଧିକ ଦୁଃଖୀ ହୋଇଯାଆନ୍ତି କିମ୍ବା ଆତ୍ମବିଭୋର ହୋଇଯାନ୍ତି। ତେଣୁ ଅନେକ ସମୟରେ କୌଣସି ଉଚିତ ନିଷ୍ପତ୍ତି ନେବାକୁ ଅକ୍ଷମ ମନେହୁଅନ୍ତି। ସବୁ ସମୟରେ ଅନ୍ୟମାନଙ୍କ ସାହାଯ୍ୟ ଆଶା କରନ୍ତି।

**ସମ୍ପର୍କ ଖରାପ:** ଏଭଳି ସିଣ୍ଡ୍ରୋମର ମହିଳା ସମସ୍ତଙ୍କ ସହ ମିଶିବାରେ ଅସୁବିଧା ମନେକରନ୍ତି। ଏମିତିକି ଅନେକ ସମୟରେ ଅଫିସରେ ଠିକ୍‌ଭାବରେ କାମ କରିପାରନ୍ତି ନାହିଁ। ନିଜ ବସ୍ କିମ୍ବା ସହକର୍ମୀଙ୍କଠାରୁ ସ୍ୱତନ୍ତ୍ର ବ୍ୟବହାର ଆଶାକରନ୍ତି ଆଉ କମ୍ କାମ କରି ଅଧିକ ପ୍ରଶଂସା ଆଶା ରଖନ୍ତି। ବେଳେବେଳେ ନିଜକୁ ନିଜେ ପ୍ରଶଂସା ବି କରିଦିଅନ୍ତି। ଆଉ ଅପମାନିତ ହେଲେ ଭାଙ୍ଗିପଡ଼ନ୍ତି ଓ କାନ୍ଦିପକାନ୍ତି। ବିବାହ ପରେ ଶାଶୁଘରେ ବି ଠିକ୍ ଏହି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସବୁବେଳେ ନିଜକୁ ଭିନ୍ନ ଭାବିବା ଓ ସ୍ୱତନ୍ତ୍ର ବ୍ୟବହାର ତଥା ଭଲପାଇବା ଆଶା କରି ଦୁଃଖୀ ହୋଇଯାଆନ୍ତି। ଅନ୍ୟପକ୍ଷରେ ଶାଶୁଘରେ କୌଣସି ପ୍ରକାର ବ୍ୟବହାର ଖରାପ ଲାଗିଲେ ସହିପାରନ୍ତି ନାହିଁ। ସବୁ ସମୟରେ ବାପଘର ଚଳଣିର ଉଦାହରଣ ଦେଇ ଆତ୍ମବଡ଼ିମା ଦେଖାଇ ହୁଅନ୍ତି। ସେମାନଙ୍କର ଏଭଳି କଥାବାର୍ତ୍ତା ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ ଓ ଶାଶୁଘରେ ସମସ୍ତଙ୍କ ସହ ସମ୍ପର୍କ ଖରାପ କରିଥାଏ। କାରଣ ପରିବାର ପାଇଁ ଏମାନଙ୍କର ପରିଶ୍ରମ ଓ ତ୍ୟାଗ ବହୁତ କମ୍ ଥାଏ, କିନ୍ତୁ ଆଶା ବହୁ ଅଧିକ ରହେ। ତେଣୁ କେହି ଏମାନଙ୍କୁ ଭଲ ପାଇପାରନ୍ତି ନାହିଁ। ବେଳେବେଳେ ଏଭଳି ଗୁଣ ପାଇଁ ସେମାନେ ଏକୁଟିଆପଣର ଅନୁଭବ କରନ୍ତି ଓ ମାନସିକ ଅବସାଦର ଶିକାର ବି ହୁଅନ୍ତି।

**ମାନସିକତା ଦୂରକରନ୍ତୁ:** ଏଭଳି ମାନସିକତା ଥିଲେ ନିଜକୁ ବଦଳେଇବା ପାଇଁ ଚେଷ୍ଟାକରନ୍ତୁ, ନଚେତ୍ ସମାଜ ଓ ପରିବାର ସହ ଚଳିବା ବହୁ କଷ୍ଟକର ହୋଇପଡ଼ିବ। କୌଣସି ସ୍ଥାନରେ ଆପଣଙ୍କର ଆତ୍ମୀୟ ଓ ଅନ୍ତରଙ୍ଗ କେହି ରହିବେ ନାହିଁ। ତେଣୁ ଅନ୍ୟମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଶିଖନ୍ତୁ। ନିଜର ଏଭଳି ମାନସିକତା ଥିବା ଅନୁଭବ କଲେ ତୁରନ୍ତ ବଦଳାଇବାକୁ ଚେଷ୍ଟା କରନ୍ତୁ। ଅନ୍ୟମାନଙ୍କ ସଫଳତା ଓ ଭଲକାମକୁ ଗୁରୁତ୍ୱ ଦେବା ଶିଖନ୍ତୁ। ଭଲଗୁଣର







ପ୍ରଶଂସା କରନ୍ତୁ ଓ ନିଜକୁ ଅଧିକ ସକ୍ଷମ କରିବାକୁ ଚେଷ୍ଟା କରନ୍ତୁ। ପରିଶ୍ରମୀ ହୁଅନ୍ତୁ ଓ ନିଜ କର୍ତ୍ତବ୍ୟ ଠିକ୍‌ଭାବରେ କରନ୍ତୁ। ଏହା ପରେ ଆପେ ଆପେ ସବୁ ସ୍ଥାନରେ ପ୍ରିୟପାତ୍ରୀ ହୋଇପାରିବେ।

**ସାହାଯ୍ୟ କରନ୍ତୁ:** କୌଣସି ସମ୍ପର୍କରେ ଖାଲି ଆପଣ ପାଇବାର ଆଶା କରିବେ, କିନ୍ତୁ ନିଜେ କିଛି ଦେବେ ନାହିଁ ଏହା ଆଦୌ ଠିକ୍ ନୁହେଁ। ତେଣୁ ଅନ୍ୟମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ପୂରା କରିବାର ପ୍ରୟାସ କରନ୍ତୁ। ସାହାଯ୍ୟ କରନ୍ତୁ। ଇମୋସନକୁ ନିୟନ୍ତ୍ରଣରେ ରଖନ୍ତୁ। ଆତ୍ମସଚେତନ ହୋଇ ନିଷ୍ପତ୍ତି ନିଅନ୍ତୁ। ଅନ୍ୟ ଉପରେ ନିର୍ଭର ନ କରି ଏକୁଟିଆ କାମ ପୂରା କରିବାର ପ୍ରୟାସ କରନ୍ତୁ। ଯଦି କାମରେ କେହି ନିଜ ଆଡୁ ସହଯୋଗ କରୁଛନ୍ତି ତେବେ ଗ୍ରହଣ କରନ୍ତୁ, କିନ୍ତୁ ପ୍ରଥମରୁ ଆଶା ରଖନ୍ତୁ ନାହିଁ। ତା'ହେଲେ ଖୁସି ହୋଇପାରିବେ।

**ସୌନ୍ଦର୍ଯ୍ୟ**

# ସୁନ୍ଦର ତ୍ୱଚା ପାଇଁ ଖାଦ୍ୟ

**ସୁନ୍ଦର ସ୍କିନ୍ ପାଇଁ ମହିଳାମାନେ ବିଭିନ୍ନ ପ୍ରକାର ଦାମୀ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିଥାନ୍ତି। ହେଲେ ଏଥିପାଇଁ ଖାଦ୍ୟପେୟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ କେଉଁ ସବୁ ଖାଦ୍ୟ ଖାଇଲେ ତ୍ୱଚା ଅଧିକ ସୁନ୍ଦର ଦେଖାଯିବ ଜାଣନ୍ତୁ।**





➔ସ୍କିନ୍ ପାଇଁ ଅମୃତଭଣ୍ଡା ଏକ ସୁନ୍ଦର ଖାଦ୍ୟ। ଏଥିରେ ଥିବା ଏନ୍‌ଜାଇମ୍ ସ୍କିନ୍‌ରେ ଥିବା ମଇଳା ଓ ମୃତ କୋଷକୁ ବାହାର କରିଥାଏ। ଏହାସହ ଭିଟାମିନ୍ ଏ ଓ ସି ତ୍ୱଚାକୁ ହେଲ୍‌ଦୀ ଓ ସୁନ୍ଦର କରିଥାଏ। ସକାଳୁ ଖାଲିପେଟରେ ଏହାକୁ ଖାଇଲେ ଏହା ଶରୀରକୁ ଭିତରୁ ଡିଟାକ୍ସ କରିଥାଏ।

➔ଗାଜର ମଧ୍ୟ ସ୍କିନ୍‌କୁ ସୁନ୍ଦର କରିବାରେ ବେଶ୍ ସହାୟକ ହୋଇଥାଏ। ଏଥିରେ ଭରପୂର ମାତ୍ରାରେ ବିଟା କାରୋଟିନ୍ ଥିବାରୁ ସ୍କିନ୍‌କୁ ଉଜ୍ଜ୍ୱଳ କରିବାରେ ସହାୟକ ହୁଏ। ପ୍ରତିଦିନ ଗାଜର ଜୁସ୍ ପିଇଲେ ସ୍କିନ୍ ପ୍ରାକୃତିକଭାବେ ଗ୍ଲୋ କରିବ। ଏହା ଇମ୍ୟୁନିଟି ବୁଷ୍ଟର ଭଳି କାମ କରେ ଓ ଆଖିକୁ ମଧ୍ୟ ସୁନ୍ଦର ରଖିବାରେ ସହାୟକ ହୋଇଥାଏ।

➔ଆଲମଣ୍ଡରେ ଭିଟାମିନ୍ ଇ ପ୍ରଚୁର ପରିମାଣରେ ରହିଛି। ତେଣୁ ଏହା ସ୍କିନ୍‌ର ଶୁଷ୍କତା ଦୂରକରିବା ସହ ଅଧିକ କୋମଳ କରିଥାଏ। ରାତିରେ ଏହାକୁ ଭିଜାଇ ପ୍ରତିଦିନ ସକାଳୁ ଖାଇଲେ ସ୍କିନ୍ ହାଇଡ୍ରେଟ୍ ରହେ ଓ ବୟସ ଅଧିକ ହେବା ପ୍ରଭାବରୁ ଦେଖାଯାଉଥିବା କୁଞ୍ଚନ ବି ଆସି ନ ଥାଏ।

➔ସବୁଜ ପନିପରିବା ଓ ଶାଗ ମଧ୍ୟ ତ୍ୱଚା ପାଇଁ ବହୁତ ଭଲ। ପାଳଙ୍ଗ, ମେଥି, ସୋରିଷ ଆଦି ବିଭିନ୍ନ ପ୍ରକାର ଶାଗ ଓ ପନିପରିବାରେ ଫୋଲେଟ୍, ଆଇରନ୍ ତଥା ଆଣ୍ଟି ଅକ୍ସିଡାଣ୍ଟ ଥାଏ। ତେଣୁ ଏହା ସ୍କିନ୍‌କୁ ହେଲ୍‌ଦି ରଖିବା ସହ ଗ୍ଲୋ କରିବାରେ ବିଶେଷ ସହାୟକ ହୋଇଥାଏ।

➔ପଇଡ଼ପାଣି ଏକ ପ୍ରାକୃତିକ ଡିଟାକ୍ସ ପାନୀୟ। ଏହାକୁ ନିୟମିତ ପିଇଲେ ସ୍କିନ୍‌ରେ ବ୍ରଣ କିମ୍ବା ଦାଗ ସମସ୍ୟା ରହିବ ନାହିଁ। ଶରୀରକୁ ଏହା ଭିତରୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିଥାଏ।

# ରୋଷେଇ ଟିପ୍ସ

➔ଦହିର କୌଣସି ତରକାରି କରୁଥିଲେ ପ୍ରଥମେ ତାକୁ ଅଳ୍ପ ଆଞ୍ଚରେ ଗୋଳାନ୍ତୁ। ଫୁଟିବା ପରେ ଲୁଣ ପକାନ୍ତୁ, ତରକାରି ସ୍ୱାଦିଷ୍ଟ ଲାଗିବ।

➔ଲେମ୍ବୁ ବ୍ୟବହାର ପରେ ଚୋପାକୁ ଫୋପାଡ଼ି ଦିଅନ୍ତୁ ନାହିଁ। ବରଂ ସେଥିରେ ଲୁଣ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଏଥିରେ ଆଚାର ତିଆରି କରି ଖାଇପାରିବେ।

➔ରୋଷେଇ ଘରେ କାମ କରି ସାରିବା ପରେ ସଙ୍ଗେ ସଙ୍ଗେ ସଫା କରି ଦିଅନ୍ତୁ, ନଚେତ୍ ପିମ୍ପୁଡ଼ି ଓ ପୋକ ଆଦି ଆସି ଅପରିଷ୍କାର କରିଦେବେ।

➔ରୋଷେଇ ଘର ସ୍ଲାବ ସଫା କରିବାବେଳେ କିଛି ଲୁଣ ପକାନ୍ତୁ। ଫଳରେ ପୋକ ଆସିବେ ନାହିଁ ଓ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି ହେବ।

➔ଚୁଡ଼ା ଉପମା କରୁଥିଲେ ଚୁଡ଼ା ଧୋଇବା ପରେ ସେଥିରେ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଖୋଲା ଖୋଲା ରହିବ।

# ଶାଗୁ କଟ୍‌ଲେଟ୍

**ଖାଦ୍ୟରୁଚି**



**ଆବଶ୍ୟକ ସାମଗ୍ରୀ–**
ଶାଗୁ– ୧ କପ୍, ଆଳୁ–୨ଟି, ବାଦାମମଞ୍ଜି– ୪ ବଡ଼ ଚାମଚ, କଞ୍ଚାଲଙ୍କା–୨ଟି, ଲେମ୍ବୁ ରସ– ଅଧାଚାମଚ, ଜିରା ଗୁଣ୍ଡ– ଅଧା ଚାମଚ, ଗୋଲମରିଚ ଗୁଣ୍ଡ– ଅଧା ଚାମଚ, ଧନିଆପତ୍ର– ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଶାଗୁକୁ ଧୋଇ ୪–୫ ଘଣ୍ଟା ଭିଜାଇ ଦିଅନ୍ତୁ। ଶାଗୁ ନରମ ହୋଇଯିବା ପରେ ଏହାକୁ ପାଣିରୁ ଛାଣି ରଖନ୍ତୁ। ଆଳୁକୁ ସିଝାଇ ଚୋପା ଛଡ଼ାଇ ଚକଟି ଦିଅନ୍ତୁ। ବାଦାମ ମଞ୍ଜିକୁ ଭାଜି ଦରଦର କରି ଗ୍ରାଇଣ୍ଡିଂ କରି ରଖନ୍ତୁ। ଏବେ ଶାଗୁ ସହ ସିଝା ଆଳୁ, ବାଦାମ ମିଶାନ୍ତୁ। କଞ୍ଚାଲଙ୍କା ଓ ଧନିଆପତ୍ରକୁ ଛୋଟ ଛୋଟ କରି କାଟି ଏଥିରେ ପକାନ୍ତୁ। ଜୀରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ ଓ ଲୁଣ ପକାଇ ଏହାକୁ ଭଲଭାବେ ଚକଟି ଦିଅନ୍ତୁ। ଏଥିରେ ପାଣି ଦିଅନ୍ତୁ ନାହିଁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି କଟ୍‌ଲେଟ୍ ଭଳି ତିଆରି କରନ୍ତୁ। ଏବେ କଡ଼େଇରେ ତେଲ ଗରମକରି ସେଥିରେ ଶାଗୁର ଏହି କଟ୍‌ଲେଟ୍‌ଗୁଡ଼ିକୁ ଛାଣି ଦିଅନ୍ତୁ। ଚଟଣି କିମ୍ବା ଦହି ସହ ଏହାକୁ ଗରମ ଗରମ ଖାଆନ୍ତୁ।

# ଏଚ୍ଆଇଏଲ୍‌ରୁ ୟୁପି ରୁଦ୍ରାସ ଓହରିଲା

**ନୂଆଦିଲ୍ଲୀ,୨୨।୯(ପି.ଟି.):** ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଫ୍ରାଞ୍ଚାଇଜ ୟୁପି ରୁଦ୍ରାସ ସୋମବାର ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନେଇଛି। ଆର୍ଥିକ ସମସ୍ୟା ଯୋଗୁ ଲିଗ୍‌ରେ ଖେଳିବା ଜାରି ରଖିବା କଷ୍ଟକର ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।


ଲିଗ୍‌ରୁ ଓହରିବା ଆଦୌ ସହଜ ନିଷ୍ପତ୍ତି ନ ଥିଲା। ଭାରତୀୟ ହକି ଲାଗି ଏହି ଲିଗ୍ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ବୁଝୁଛୁ, ହେଲେ ଆର୍ଥିକ ସମସ୍ୟା ଯୋଗୁ ଲିଗ୍ ଖେଳିବା ଜାରି ରଖିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବର୍ତ୍ତମାନ ଆମର ଦାୟିତ୍ୱ ହେଉଛି, ଆମେ ସିଧାସଳଖ ସେଠାରେ ନିବେଶ କରିବୁ, ଯେଉଁଠାରେ ତାହାର ଦୀର୍ଘକାଳୀନ ପ୍ରଭାବ, ତୃଣମୂଳ ସ୍ତରରେ ଖେଳାଳିଙ୍କ ଉନ୍ନତି ହୋଇପାରିବ ବୋଲି ଟିମ୍ ଡାଇରେକ୍ଟର ସେଡ୍ରିକ୍ ଡି'ସୁଜା କହିଛନ୍ତି। ବର୍ତ୍ତମାନଠାରୁ ରୁଦ୍ରାସ ଭାରତରେ ହକିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସ୍କୁଲ ଓ ସମ୍ପ୍ରଦାୟ ସ୍ତରରେ ଖେଳାଳିଙ୍କୁ ବାଛିବା ଓ ପ୍ରଶିକ୍ଷଣ ପ୍ରଦାନ ଏବଂ ଉନ୍ନତିମୂଳକ ପ୍ଲାଟଫର୍ମ ଯୋଗାଇବା ଦିଗରେ କାର୍ଯ୍ୟ କରିବ। ଭାରତୀୟ ହକି ଦଳର ଉପ ଅଧିନାୟକ ତଥା ୟୁପି ରୁଦ୍ରାସର ଷ୍ଟାର ଖେଳାଳି ହାର୍ଦ୍ଦିକ ସିଂ କହିଛନ୍ତି, ଏଚ୍ଆଇଏଲ୍‌ରେ ରୁଦ୍ରାସ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ।

# ଭାରତୀୟ ଦଳରେ ଓଡ଼ିଶାର ୩

**ନୂଆଦିଲ୍ଲୀ, ୨୨।୯ (ପି.ଟି.)**

### ଜୋହର କପ୍ ହକି

ଅକ୍ଟୋବର ୧୧ରୁ ମାଲେସିଆରେ ହେବାକୁଥିବା ସୁଲତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟ ପାଇଁ ସୋମବାର ଭାରତୀୟ ଦଳ ଘୋଷଣା ହୋଇଛି। ଡିଫେଣ୍ଡର ରୋହିତଙ୍କ ନେତୃତ୍ୱାଧୀନ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅନମୋଲ ଏକ୍କା, ଅଦ୍ରୋହିତ ଏକ୍କା ଓ ରୋସନ କୁଜୁର। ଏହା ବ୍ୟତୀତ ଓଡ଼ିଶାର ଆଉ ୨ ଖେଳାଳି ବିବେକ ଲାକ୍ରା ଓ ରୋହିତ କୁଲୁ ଷ୍ଟାଣ୍ଡବାଇରେ ରହିଛନ୍ତି। ଗତଥର ବ୍ରୋଞ୍ଜ ଜିତିଥିବା ଭାରତ ଏଥର ଉନ୍ନତ ଖେଳ ପ୍ରଦର୍ଶନ କରିବା ଲାଗି ଲକ୍ଷ୍ୟ ରଖିଛି। ଅକ୍ଟୋବର ୧୮ରେ ଶେଷ ହେବାକୁଥିବା ଏହି ଟୁର୍ନାମେଣ୍ଟ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ହେବାକୁଥିବା ଜୁନିୟର ବିଶ୍ୱକପ୍ ଲାଗି ପ୍ରସ୍ତୁତି ସକାଶେ ଭାରତ ପାଇଁ ଏହା ଏକ ସୁଯୋଗ। ଅକ୍ଟୋବର ୧୧ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ପରେ ଦଳ ଅକ୍ଟୋବର ୧୨ରେ ନ୍ୟୁଜିଲାଣ୍ଡକୁ ଭେଟିବ। ସେମାନେ ଅକ୍ଟୋବର ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଏବଂ ପରେ ଅକ୍ଟୋବର ୧୫ରେ ଅଷ୍ଟ୍ରେଲିଆ ସହିତ ଖେଳିବ। ଅକ୍ଟୋବର ୧୭ରେ ମାଲେସିଆ ବିପକ୍ଷରେ ଖେଳି ଭାରତ ଏହାର ରାଉଣ୍ଡ-ରବିନ ଅଭିଯାନ ଶେଷ କରିବ। ରାଉଣ୍ଡ ରବିନ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ଅକ୍ଟୋବର ୧୮ରେ ଫାଇନାଲ ଖେଳିବେ। ଟୁର୍ନାମେଣ୍ଟ ଲାଗି ଭାରତର ପ୍ରସ୍ତୁତି ଖୁବ୍ ଭଲ ରହିଛି ବୋଲି କୋଚ୍ ପି.ଆର. ଶ୍ରୀଜେଶ ପ୍ରକାଶ କରିଛନ୍ତି। **ଭାରତୀୟ ଦଳ- ଗୋଲ୍‌କିପର:** ବିକ୍ରମଜିତ୍ ସିଂ, ପ୍ରିନ୍ସଦୀପ ସିଂ। **ଡିଫେଣ୍ଡର:** ରୋହିତ (ଅଧିନାୟକ), ଟାଲେମ ପ୍ରିୟବ୍ରତ, ଅନ୍‌ମୋଲ ଏକ୍କା, ଅମିର ଅଲି, ପି. ବି. ସୁନିଲ, ରବନୀତ ସିଂ। **ମିଡ୍‌ଫିଲ୍ଡର:** ଅଙ୍କିତ ପାଲ, ଥୋନାଓଜାମ ଇଙ୍ଗାଲେମ୍ବା ଲୁୱାଙ୍ଗ, ଆଦ୍ରୋହିତ୍ ଏକ୍କା, ଅରାଇଜିତ୍ ସିଂ ହୁଣ୍ଡାଲ, ରୋସନ କୁଜୁର, ମନମିତ୍ ସିଂ। **ଫରୱାର୍ଡ:** ଅର୍ଶଦୀପ ସିଂ, ସୌରଭ ଆନନ୍ଦ କୁଶ୍ୱାହା, ଅଜିତ ଯାଦ, ଗୁର୍‌ଜୋତ ସିଂ। **ଷ୍ଟାଣ୍ଡବାଇ:** ବିବେକ ଲାକ୍ରା, ଶର୍ଦାନନ୍ଦ ତିୱାରୀ, ଥୋକ୍‌ଚୋମ୍ କିଙ୍ଗସନ ସିଂ, ରୋହିତ କୁଲୁ, ଦିଲ୍‌ରାଜ ସିଂ।


ଜୋହର କପ୍ ହକି ପାଇଁ ମନୋନୀତ ଭାରତୀୟ ଦଳ।

# ଭାଗନେବେ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

### ଭାଗ୍ୟଶ୍ରୀ ସ୍ମାରକୀ ଏସ୍ଆର୍ ଅଲ୍ଓଡ଼ିଶା ଓପନ ଚେସ୍

ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ଫୁଲନଖରାସ୍ଥିତ କୁରାଙ୍ଗ ଶାସନ, ଆମ୍ରପଲ୍ଲୀ ରିସର୍ଟରେ ଭାଗ୍ୟଶ୍ରୀ ସ୍ମାରକୀ ପ୍ରଥମ ଏସ୍ଆର୍ ଅଲ୍ ଓଡ଼ିଶା ଓପନ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ପାଇଁ ସୋମବାର ସୁଦ୍ଧା ୯୦ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସହ ୨୫୦ ନାମ ପଞ୍ଜୀକରଣ କରି ସାରିଛନ୍ତି। ତେଣୁ ଟୁର୍ନାମେଣ୍ଟ ବେଳକୁ ଏହି ସଂଖ୍ୟା ୩୦୦ ଅତିକ୍ରମ କରିବା ଏକପ୍ରକାର ନିଶ୍ଚିତ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ଟପସିଡ ରହିଛନ୍ତି। ଓମ୍ ଆଦିତ୍ୟ ଖାଡେଙ୍ଗା, ଲକ୍ଷ୍ମୀକାନ୍ତ ସାହୁ, ଲଳିତ ରଞ୍ଜନ ସାହୁ, ଶ୍ରୀହନ୍ନ ସାବତ, କାର୍ଜି ମନୀନ୍ଦ୍ର, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା, ମନୀଷ ମିଶ୍ର ଓ ସାଇ ଶକ୍ତି ପଣ୍ଡା ପ୍ରମୁଖ ପ୍ରଥମ ୧୦ ସିଡ୍ ମଧ୍ୟରେ ରହିଥିବା ସେ କହିଛନ୍ତି। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘର ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍ଆର୍ ଚେସ୍ ସେଣ୍ଟର ଆୟୋଜନ କରିବ। ରାଜ୍ୟର ତୃଣମୂଳ ସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଓ ଖେଳାଳିଙ୍କୁ ଉତ୍ସାହିତ କରିବା ତଥା ସେମାନଙ୍କୁ ଅନ୍ତର୍ଜାତୀୟ ଫିଡେ ରେଟିଂ ପାଇବା ସହଜ କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତା ପାଇଁ ୨,୦୦,୧୦୦ ଟଙ୍କା ଅର୍ଥ ପୁରସ୍କାର ସହ ୮୯ଟି ଆକର୍ଷଣୀୟ ଟ୍ରଫି ଓ ୫୪ଟି ପଦକ କୃତି ଖେଳାଳିମାନଙ୍କୁ ପୁରସ୍କାର ଆକାରରେ ଦିଆଯିବ। ୨ୟ ଓ ୩ୟ ଦିନ ଅପରାହ୍ନରେ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ବ୍ଲିଜ୍ (କ୍ଷିପ୍ର ଚେସ୍) ପ୍ରତିଯୋଗିତା ହେବ ବୋଲି ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ନୀହାର ରଞ୍ଜନ ସାସମଲ ପ୍ରକାଶ କରିଛନ୍ତି। ରାଜ୍ୟର ଯେକୌଣସି ଖେଳାଳି ୨୫ ତାରିଖ ରାତି ସୁଦ୍ଧା ପ୍ରବେଶିକା ଦେୟ ୧୦୦୦ଟଙ୍କା ଦେଇ ସିଧାସଳଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୮ ରାଉଣ୍ଡ ଭିତ୍ତିକ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ଯଥାକ୍ରମେ ୩୦,୦୦୦ ଓ ୨୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ସ୍ୱତନ୍ତ୍ର ଚେସ୍ ଟ୍ରଫି ଓ ପଦକ ପ୍ରଦାନ କରାଯିବ।

# ସ୍ୱର୍ଣ୍ଣ ଜିତିଲେ ଓଡ଼ିଶାର ଅନାହିତା

**ଭୁବନେଶ୍ୱର,୨୨।୯(ଅନାଦି କର)**

### ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ

ଓଡ଼ିଶାର ଅନାହିତା ମିଶ୍ର ପର୍ତ୍ତୁଗାଲରେ ଚାଲିଥିବା ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେ କେବଳ ଭାରତର ନୁହେଁ, ବରଂ ଏସିଆର ପ୍ରଥମ ଆଥଲେଟ୍ ଭାବେ ଫ୍ରିଷ୍ଟାଇଲ ୱାର୍ଲ୍ଡକପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୪ ବର୍ଷୀୟା ଅନାହିତା ୧୯ ବର୍ଷରୁ କମ୍ କାଟେଗୋରୀର ସ୍ପିଡ ସ୍ଲାଲମରେ ୪.୭୯୫ ସେକେଣ୍ଡରେ ରେସ ଫିନିଶ୍ କରିଛନ୍ତି, ଯାହାକି ଉଭୟ ସିନିୟର ଓ ଜୁନିୟର ମହିଳା ବିଭାଗରେ ଏକ ଜାତୀୟ ରେକର୍ଡ। ଫାଇନାଲରେ ସେ ୱାର୍ଲ୍ଡ ନଂ-୪ ସାନ ମାରିନୋର ମାଟିଲ୍‌ଡେ ଟେରେଞ୍ଜୋଙ୍କୁ ହରାଇ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କୁ ଟ୍ରଫି ସହ ୭,୫୦୦ ୟୁରୋ(ଭାରତୀୟ ମୁଦ୍ରାରେ ୭.୮୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ)ର ଆର୍ଥିକ ପୁରସ୍କାର ମିଳିଛି। ଏହି ଇଭେଣ୍ଟରେ ଇଟାଲୀର ମାଟିଲ୍‌ଡେ ମିନା ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ୧୧ ଦେଶର ମୋଟ ୧୬୦ ସ୍କେଟର ଭାଗ ନେଇଥିଲେ। ଚଳିତ ବର୍ଷ ଏହା ଅନାହିତାଙ୍କର ତୃତୀୟ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ। ଏଥିପୂର୍ବରୁ ସେ ପୋଲାଣ୍ଡର କେଟ୍ରଜିନ ଓ ଫ୍ରାନ୍ସର ରେନେସଠାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆସନ୍ତା ୨ ତାରିଖରୁ ସ୍ପେନର ସିଉଡାଡ ରିୟଲଠାରେ ହେବାକୁ ଥିବା କ୍ୱିଜୋଟ ୱାର୍ଲ୍ଡ କପ୍‌ରେ ଭାଗ ନେବେ ଓ ଏଥିରେ ଭଲ ପ୍ରଦର୍ଶନ ସହ ପଦକ ଜିତିବା ଆଶା ରଖିଥିବା ସେ କହିଛନ୍ତି। ସେ ତାଙ୍କ ଟାଇମିଂରେ ଆହୁରି ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଦିଲ୍ଲୀର ନୋଏଡାରେ ୨୦୧୧ରେ ଜନ୍ମିତ ଅନାହିତା ଏବେ ମାନବ ରଚନା ଇଣ୍ଟରନ୍ୟାଶନାଲ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କ ବାପା ସୌମ୍ୟାନ୍ୱେଶ ମିଶ୍ରଙ୍କ ପୈତୃକ ଘର କଟକରେ। ତାଙ୍କ ମା' ନାମ ସୁନନ୍ଦା ସାଙ୍ଗନେରିଆ।



ପୁରସ୍କାର ସହ ଅନାହିତା ମିଶ୍ର (ମଝି)।

# ସାଗରଙ୍କୁ ସ୍ୱର୍ଣ୍ଣ, ଗୋପେଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

ରାଞ୍ଚିରେ ସୋମବାର ଆରମ୍ଭ ହୋଇଥିବା ୩୬ତମ ପୂର୍ବାଞ୍ଚଳ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଦିବସରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ହାଇଜମ୍ପ ଇଭେଣ୍ଟରେ ୧.୯୦ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ସେହିପରି ସୂରଜ ଗୋପେ ରୌପ୍ୟ ପଦକ ଲାଭ କରିଛନ୍ତି। ଗୋପେ ୪୩.୪୪ ମିଟର ଡିସ୍‌କସ୍ ଥ୍ରୋ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୬୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

# ପାକିସ୍ତାନକୁ ହରାଇଲା ଭାରତ

**କଲମ୍ବୋ, ୨୨।୯: (ପି.ଟି.)**

ସାଉଥ ଏସିଆନ୍ ଫୁଟ୍‌ବଲ ଫେଡେରେଶନ (ସାଫ୍) ୧୭ବର୍ଷରୁ କମ୍ ଚାମ୍ପିୟନଶିପ୍‌ର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ପରାଜିତ ଦଳର ମହମ୍ମଦ ଅବ୍‌ଦୁଲ୍ଲାଙ୍କ ବିବାଦୀୟ ସେଲିବ୍ରେଶନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଉଭୟ ଦଳ ସେମିଫାଇନାଲରେ ପ୍ରବେଶ କରିସାରିଥିବାରୁ ସୋମବାର ମ୍ୟାଚର ଫଳାଫଳ ନିରର୍ଥକ ଥିଲା। ଏହି ମ୍ୟାଚରେ ଭାରତ ତରଫରୁ ଦଲାଲମୁଅନ୍ ଗାଙ୍ଗ୍‌ଟେ (୩୧ତମ ମିନିଟ), ଗୁନ୍‌ଲିବା ୱାଙ୍ଗ୍‌କରାକ୍‌ପାମ୍ (୬୩ତମ) ଓ ରାହାନ ଅହମ୍ମଦ (୭୩ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ପାକିସ୍ତାନ ତରଫରୁ ଅବ୍‌ଦୁଲ୍ଲା (୪୩ତମ) ଓ ହାମ୍‌ଜା ୟାସିର (୭୦ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ବାରବାଟୀକୁ ଜୟ ସାହାଙ୍କୁ ନିମନ୍ତ୍ରଣ କଲେ ସଞ୍ଜୟ


ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଉଛନ୍ତି ସଞ୍ଜୟ ବେହେରା।

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ଅଧ୍ୟକ୍ଷ ଜୟ ସାହାଙ୍କୁ ନିମନ୍ତ୍ରଣ କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ ସଞ୍ଜୟ ଅହମଦାବାଦ ଯାଇଥିଲେ। ସେଠାରେ ସେ ଶୁଭେଚ୍ଛା ଜଣାଇବା ସହ ବାରବାଟୀ ଆସିବାକୁ ନିମନ୍ତ୍ରଣ କରିଛନ୍ତି ବୋଲି ଓସିଏ ସୂତ୍ରରୁ ପ୍ରକାଶ।

# ଡକ୍‌ୱର୍ଥରେ ପୁରୀ ଟାଇଟନ୍ସ ବିଜୟୀ

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

### ଓଡ଼ିଶା ପ୍ରୋ ଟି୨୦ ଲିଗ୍

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ସୋମବାର ଅନୁଷ୍ଠିତ ଏକ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପୁରୀ ଟାଇଟନ୍ସକୁ ବିଜୟୀ ଘୋଷଣା କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ଦଳ ୧୮ ଓଭରରେ ୭ ଉଇକେଟ ହରାଇ ୧୬୧ ରନ କରିଥିଲା। ଜବାବରେ ରାଉରକେଲା ଷ୍ଟିଲର୍ସ ୧୦.୪ ଓଭରରେ ୫ ଉଇକେଟ ହରାଇ ୫୧ ରନ କରିଥିବାବେଳେ ବର୍ଷା ଯୋଗୁ ଆଉ ମ୍ୟାଚ ସମ୍ଭବ ହୋଇ ନ ଥିଲା। ଫଳାଫଳ ପାଇଁ ଡକ୍‌ୱର୍ଥ ଲୁଇସ ନିୟମ ଅବଲମ୍ବନ କରାଯାଇଥିଲା। ଏଥିରେ ପୁରୀ ଟାଇଟନ୍ସକୁ ୪୫ ରନରେ ବିଜୟୀ ଘୋଷଣା କରାଯାଇଥିଲା। ଚଳିତ ଲିଗ୍‌ରେ ପୁରୀ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ।

ବର୍ଷାକୁ ଲକ୍ଷ୍ୟରେ ରଖି ମ୍ୟାଚକୁ ୧୮ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁରୀ ଟାଇଟନ୍ସ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଟପ୍ ଅର୍ଡରରେ ଶାନ୍ତନୁ ମିଶ୍ର ୧୦, ଅନୁରାଗ ଷଡ଼ଙ୍ଗୀ ୨୬ ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୨୦ ରନ କରି ଆଉଟ ହୋଇଥିବାବେଳେ ମିଡିଲ ଅର୍ଡରରେ କାର୍ତ୍ତିକ ବିଶ୍ୱାଳ ୪୨ ଓ ରାଜେଶ ମହାନ୍ତି ୪୫ ରନକରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। କାର୍ତ୍ତିକ ୨୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୩ ଚୌକା ଓ ୧ ଛକା ମାରିଥିଲେ। ସେହିପରି ରାଜେଶ ୨୧ଟି ବଲ୍ ଖେଳି ନିଜ ଇନିଂସରେ ୨ ଚୌକା ଓ ୪ ଛକା ମାରିଥିଲେ। ରାଉରକେଲା ଦଳ ପକ୍ଷରୁ ପ୍ରଦୀପ ପ୍ରଧାନ ୩ଟି ଏବଂ ଆଶୁତୋଷ ମାରାଣ୍ଡି, ଜାମଳା ମହାପାତ୍ର, ବିଶ୍ୱଜିତ ପ୍ରଧାନ ଓ ସମ୍ବିତ ବରାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୨ ରନ ବିଜୟ ଲକ୍ଷ୍ୟରେ ରାଉରକେଲା ଷ୍ଟିଲର୍ସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୦.୪ ଓଭରରେ ସ୍କୋର ୫୧/୫ ଥିବାବେଳେ ବର୍ଷା ଓ ବଜ୍ରପାତ ଜନିତ କାରଣରୁ ଖେଳ ଦୀର୍ଘ ସମୟ ବାଧାପ୍ରାପ୍ତ ହେବାପରେ ଅମ୍ପାୟର ଖେଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପୁରୀ ଦଳର ବୋଲରଙ୍କ ମଧ୍ୟରେ ମହମ୍ମଦ ଡାନିସ ୨ଟି ଏବଂ କାର୍ତ୍ତିକ ବିଶ୍ୱାଳ, ଆଶୁତୋଷ ଛୁରିଆ ଓ ସୁଶୀଲ ବାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କାର୍ତ୍ତିକ ବିଶ୍ୱାଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। କାର୍ତ୍ତିକଙ୍କୁ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କୃତ କରିଥିଲେ। ବିଜୟୀ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କୁ ଓଡ଼ିଶା ରେସଲିଂ ଆସୋସିଏଶନ ସମ୍ପାଦକ କିଶୋର ବେହେରା ୱିନିଂ କ୍ୟାପ୍ ପ୍ରଦାନ କରିଥିଲେ।



ପୁରସ୍କାର ଗ୍ରହଣ ଅବସରରେ କାର୍ତ୍ତିକ ବିଶ୍ୱାଳ (ବାମ)।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ